ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ବୁଧବାର ୦୯ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 09 JUNE 2021
Vol.No. 32 ■ No. 146 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


# ଅନଲକ୍ ପାଇଁ ସରକାରଙ୍କ ବିଚାର !

## ରଜ ପରେ ଅଧା ଓଡ଼ିଶାରୁ ପର୍ଯ୍ୟାୟକ୍ରମେ ହଟିପାରେ କଟକଣା

ଭୁବନେଶ୍ୱର,୦୮/୦୬(ନି.ପ୍ର): ରାଜ୍ୟରେ କରୋନା ସ୍ଥିତିର ସମୀକ୍ଷା ପରେ ସଂକ୍ରମଣ ହାର କମ ଥିବା ଜିଲ୍ଲା ଗୁଡିକରେ ପର୍ଯ୍ୟାୟକ୍ରମେ ଅନଲକ କରିବା ନେଇ ସରକାର ବିଚାର କରୁଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ । ଏଭଳି ସ୍ଥିତିରେ ରାଜ୍ୟରେ ଏବେ ୧୨ଟି ଜିଲ୍ଲାରେ ସଂକ୍ରମଣ ହାର ୫ ପ୍ରତିଶତରୁ କମ ରହିଛି । ଆଉ ଯଦି କେନ୍ଦ୍ର ସରକାରଙ୍କ ଗାଇଡଲାଇନକୁ ଦେଖିବା ତେବେ ୫ ପ୍ରତିଶତରୁ କମ ସଂକ୍ରମଣ ହାର ରହୁଥିବା ଜିଲ୍ଲା ଗୁଡିକରେ ପର୍ଯ୍ୟାୟକ୍ରମେ ଅନଲକ କରାଯାଇପାରିବ । ଆଉ କେନ୍ଦ୍ର ସରକାରଙ୍କ ଏହି ଗାଇଡଲାଇନରେ ଏବେ ସୁଦ୍ଧା ରାଜ୍ୟର ୧୨ ଜିଲ୍ଲା ଆସୁଛି । ଏହାବାଦ୍ ଲକଡାଉନ କଟକଣା ଆସନ୍ତ ୧୭ ତାରିଖ ପର୍ଯ୍ୟନ୍ତ ରହିଥିବାରୁ ଅନ୍ୟ ଜିଲ୍ଲା ଗୁଡିକରେ ସଂକ୍ରମଣ ହାର ମଧ୍ୟ ଯଥେଷ୍ଟ କମିବାର ସମ୍ଭାବନା ରହିଛି



ଭୁବନେଶ୍ୱର,୦୮/୦୬(ନି.ପ୍ର) । ଖାସକରି ବୌଦ୍ଧ ଓ ଅନୁଗୁଳରେ ମଧ୍ୟ ସଂକ୍ରମଣ ଦ୍ରୁତ ହ୍ରାସ ପାଉଥିବାରୁ ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ଏହି ଦୁଇ ଜିଲ୍ଲାରେ ସଂକ୍ରମଣ ହାର ମଧ୍ୟ ୫ ପ୍ରତିଶତରୁ ତଳକୁ ଆସିପାରେ । କେବଳ ଏହି ଦୁଇ ଜିଲ୍ଲା ନୁହେଁ ବରଂ କେଉଁଝର ଓ ମୟୂରଭଞ୍ଜରେ ମଧ୍ୟ ଗୋଟିଏ ସପ୍ତାହ ମଧ୍ୟରେ ସ୍ଥିତିରେ ସୁଧାର ଆସିପାରେ । କାରଣ ରାଜ୍ୟରେ ଲଗାତାର ସଂକ୍ରମଣ ହାର କମୁଥିବା ବେଳେ ଉଭୟ ଜିଲ୍ଲାରେ ମଧ୍ୟ ସଂକ୍ରମଣ ଦ୍ରୁତ ହ୍ରାସ ପାଉଛି । ପୂର୍ବରୁ ସଂକ୍ରମଣ ହାର କମ ଥିବା ୩ ଜିଲ୍ଲା ଗଜପତି, ନୂଆପଡା, ସୁନ୍ଦରଗଡରେ ଲକଡାଉନ କଟକଣାକୁ ଟିକିଏ କୋହଳ ସହ ବିଭିନ୍ନ ଦୋକାନ ଖୋଲିବାକୁ ସରକାର ଅନୁମତି ଦେଇଥିଲେ । ତେବେ ଏଭଳି ନିଷ୍ପତି ପରେ ଉକ୍ତ ୩ ଜିଲ୍ଲାରେ ସଂକ୍ରମଣ ସେଭଳି ବଢିନଥିଲା । ଏପରିକି ଏକଦା ରାଜ୍ୟର ସର୍ବାଧିକ ସଂକ୍ରମିତ ଚିହ୍ନଟ ହେଉଥିବା ସୁନ୍ଦରଗଡରେ ସ୍ଥିତିରେ ସୁଧାର ଆସିବା ସହ ସଂକ୍ରମଣ ହାର ଏବେ ମଧ୍ୟ ୫ ପ୍ରତିଶତ ତଳେ ରହୁଛି । ତେଣୁ ଏହା ▶▶ପୃଷ୍ଠା ୭

## ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ

# ଶିଶୁଙ୍କ ସୁରକ୍ଷା ପାଇଁ ସରକାରଙ୍କ ବ୍ଲୁ-ପ୍ରିଣ୍ଟ

ଭୁବନେଶ୍ୱର,୦୮/୦୬(ନି.ପ୍ର): ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁ ଅଧିକ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ଗଠନ କରାଯାଇ ବୈଷୟିକ କମିଟିର ରିପୋର୍ଟ ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମୁକାବିଲା ପାଇଁ ପରାମର୍ଶ ଜାରି କରିଛି । ଏଥିରେ କୁହାଯାଇଛି, କୋଭିଡ ହସ୍ପିଟାଲରେ ସ୍ୱତନ୍ତ୍ର ଭାବେ ଶିଶୁଙ୍କ ଚିକିତ୍ସା ପାଇଁ ୱିଙ୍ଗ ଗଠନ କରାଯିବ । ଯେହେତୁ ସାଧାରଣ ୱାର୍ଡରେ ଶିଶୁଙ୍କୁ ଆଇସୋଲଏସନରେ ରଖିବା ଏକ ଚ୍ୟାଲେଂଜ ତେଣୁ ଏହାକୁ ଆଖି ଆଗରେ ରଖି ପଦକ୍ଷେପ ନେବାକୁ ଏଥିରେ ପରାମର୍ଶ ଦିଆଯାଇଛି । ସେହିଭଳି କେସ୍ ଟୁ କେସ୍ ଅନୁଧ୍ୟାନ କରାଯାଇ ଜଣେ ଆଟେଣ୍ଡାଣ୍ଟଙ୍କୁ ଶିଶୁଙ୍କ ପାଖରେ ରହିବାକୁ ଅନୁମତି



ମିଳିବ । ବଡ କଥା ହେଉଛି, ସମସ୍ତ ଜିଲ୍ଲା ମୁଖ୍ୟାଳୟ ଏବଂ ସବ ଡିଭିଜିନାଲ ମୁଖ୍ୟାଳୟରେ ୧୦ଟି ଏବଂ ସିଏଚସି ସ୍ତରରେ ୨ ରୁ ୪ଟି ବେଡ୍ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ରଖିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି । ଯେଉଁ ଶିଶୁଙ୍କ ଠାରେ ଲକ୍ଷଣ ଦେଖାଯିବ ସେମାନଙ୍କୁ କୋଭିଡ ଫାସିଲିଟି ଥିବା ହସ୍ପିଟାଲକୁ ପଠାଇ ଦିଆଯିବ । ଏହାବାଦ୍ ରାଜ୍ୟର ୭ଟି ମେଡିକାଲ କଲେଜକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଶିଶୁଙ୍କ ପାଇଁ କେତେ ବେଡ୍ ନିର୍ଦ୍ଧାରିତ ରହିବ, ସେନେଇ ଉଲ୍ଲେଖ କରାଯାଇଛି । ୬୪ଟି ଏନଆଇସିୟୁ, ୯୪ଟି ଏସଏନସିୟୁ, ୪୪ଟି ଏଚଡିୟୁ ଏବଂ ୧୫୫ଟି ଆଇସୋଲେସନ ୱାର୍ଡ ପ୍ରସ୍ତୁତ ▶▶ପୃଷ୍ଠା ୭

## ଜୀବନ ସହ ସଂଗ୍ରାମ କରୁଛନ୍ତି ଅଭିଷେକ : ସାହାଯ୍ୟ କରିବାକୁ ହାତ ଯୋଡିଲା ପରିବାର

ଭୁବନେଶ୍ୱର,୦୮/୦୬(ନି.ପ୍ର): ମୋ ପୁଅକୁ ବଞ୍ଚାଇଦିଅ ବାପା, ମୋ ପୁଅର ଜୀବନ ଏବେ ଆପଣମାନଙ୍କ ହାତରେ । ଆମ ପାଖରେ ଟଙ୍କାଟିଏ ନାହିଁ । ପୁଅର ଅବସ୍ଥା ଭାରି ଖରାପ । ସମସ୍ତଙ୍କୁ ନେହୁରା ହେଉଛି ଟଙ୍କା ଦିଅନ୍ତୁ ମୋ ପୁଅକୁ ବଞ୍ଚାଇ ଦିଅନ୍ତୁ... ମୃତ୍ୟୁ ସହ ସଂଗ୍ରାମ କରୁଥିବା ଅଭିଷେକ ମହାପାତ୍ରଙ୍କ ପାଇଁ କାନ୍ଦି କାନ୍ଦି ନେହୁରା ହେଉଛି ଗୋଟେ ଅସହାୟ ମାଆ । ଖାଲି ମାଆ ନୁହେଁ ସ୍ୱାମୀ ପାଇଁ ସ୍ତ୍ରୀ ବି କାନ୍ଦି କାନ୍ଦି ସାହାଯ୍ୟ ଭିକ୍ଷା ମାଗିଛି । ଓଡିଶାବାସୀଙ୍କୁ ଅନୁରୋଧ ମୋ ସ୍ୱାମୀଙ୍କୁ ବଞ୍ଚାଇଦିଅ । ଆପଣଙ୍କ ଗୋଟିଏ ଗୋଟିଏ ଟଙ୍କା ଆମ



ପାଇଁ ମୂଲ୍ୟବାନ । ଦୟାକରି ସାହାଯ୍ୟ କର, ସାହାଯ୍ୟ କର ବୋଲି କହିଛନ୍ତି ଅଭିଷେକଙ୍କ ପତ୍ନୀ । ତେବେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି ୨୮ ବର୍ଷୀୟ ଅଭିଷେକ ମହାପାତ୍ର । ଅଧାରେ ରହିଲା ▶▶ପୃଷ୍ଠା ୭

## ସହରାଂଚଳ ଉଠାଦୋକାନୀଙ୍କ ପାଇଁ ୨୬ କୋଟି ୨୯ ଲକ୍ଷ ଟଙ୍କାର ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୮/୦୬(ନି.ପ୍ର): ସହରାଂଚଳ ଉଠାଦୋକାନୀଙ୍କ ପାଇଁ ପ୍ୟାକେଜ ଘୋଷଣା । ୨୬ କୋଟି ୨୯ ଲକ୍ଷ ଟଙ୍କାର କୋଭିଡ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କୋଭିଡ ଲହର ଜନଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଛି । ଜୀବନଜୀବିକା ଉପରେ ଏହାର ପ୍ରଭାବ ସର୍ବାଧିକ ରହିଛି । ସଂକ୍ରମଣ ନିୟନ୍ତ୍ରଣ ପାଇଁ କରାଯାଇଥିବା ଲକଡାଉନ୍ ଯୋଗୁଁ ସହରାଞ୍ଚଳର ଉଠାଦୋକାନୀଙ୍କ ମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ



ସହରାଞ୍ଚଳର ଉଠାଦୋକାନୀଙ୍କ ଭାବରେ ଜୀବିକା ନିର୍ବାହ କରୁଥିବା ବ୍ୟକ୍ତି ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୬ କୋଟି ୨୯ ଲକ୍ଷ ୭୧ ହଜାର ଟଙ୍କା ମଂଜୁର କରିଛନ୍ତି । ଏହାଦ୍ୱାରା ରାଜ୍ୟର ୮୭ ହଜାର ୬୫୭ ଜଣ ଉଠାଦୋକାନୀ ଉପକୃତ ହେବେ ।

## ଏୟାର ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର ହେବେ ଭିଜିଲାନ୍ସ ଡିଜି ଇସିଏମଓ ଚିକିତ୍ସା ପାଇଁ ନିଆଯିବ କୋଲକାତା

ଭୁବନେଶ୍ୱର,୦୮/୦୬(ନି.ପ୍ର): ଏୟାର ଆମ୍ବୁଲାନ୍ସରେ କୋଲକାତା ଯିବେ ଭିଜିଲାନ୍ସ ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ପାଣିଗ୍ରାହୀ । କରୋନା ଆକ୍ରାନ୍ତ ହୋଇ ଗୁରୁତର ଅବସ୍ଥାରେ କଟକର ଅଶ୍ୱିନୀ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ଆଇପିଏସ ଅଫିସର ଦେବାଶିଷ । ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଛି । ଭେଟିଂଲେଟରରେ ଥିଲେ ବି ଶରୀରରେ ଅକ୍ସିଜେନ ସ୍ତର କମି ଯାଉଛି । ତେଣୁ ତାଙ୍କୁ ଅଧିକ



ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ନେବାକୁ ଯୋଜନା କରାଯାଇଛି । କୋଲକାତାର ଏକ ଘରୋଇ ଡାକ୍ତରଖାନା ସହ ଯୋଗାଯୋଗ କରାଯାଇଛି । ସେଠାକାର ବିଶେଷଜ୍ଞ ଡାକ୍ତରଙ୍କ ସହ ଦେବାଶିଷଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଛି । ଆଜି ଏୟାର ଆମ୍ବୁଲାନ୍ସରେ ପୁଲିସ ଏଡିଜି ଦେବାଶିଷ ପାଣିଗ୍ରାହୀଙ୍କୁ ହାଇଦ୍ରାବାଦ ପଠାଯିବ । ଦେବାଶିଷ କରୋନା ପଜିଟିଭ ବୋଲି ଜଣାପଡିବା ପରେ ମେ ୨୯ ତାରିଖରେ କଟକ ଅଶ୍ୱିନୀ ହସ୍ପିଟାଲରେ ଭର୍ତି ହୋଇଥିଲେ । ସେଠାରେ ପ୍ରଥମେ ଆଇସିୟୁ ଆଉ ଏବେ ଭେଟିଂଲେଟରରେ ଅଛନ୍ତି ।

## ଦେଶ ଉଦ୍ଦେଶ୍ୟରେ ୨୦୧ଟି ସିଏନଜି ଷ୍ଟେସନକୁ ଉତ୍ସର୍ଗ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପେଟ୍ରୋଲିୟମ ଓ ଗ୍ୟାସ ମନ୍ତ୍ରଣାଳୟର ପରିବେଶ ସୁରକ୍ଷା ତଥା ସମସ୍ତଙ୍କ ପାଖରେ ସ୍ୱଚ୍ଛ ଇନ୍ଧନ ପହଁଚାଇବାର ପ୍ରତିବଦ୍ଧତା ଦିଗରେ ଆଗାମୀ ଦିନରେ ସମଗ୍ର ଭାରତବର୍ଷରେ ୧୦ ହଜାର ସିଏନଜି ଷ୍ଟେସନ ଏବଂ ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ(ପିଏନଜି) ପହଁଚାଇବାର ଲକ୍ଷ୍ୟ ରଖାଯାଇଛି ବୋଲି



ମଙ୍ଗଳବାର ଭିଡ଼ିଓ କନଫରେନ୍ସିଂ ଜରିଆରେ ଓଡ଼ିଶାର ୧୦ଟି ସିଏନଜି ଷ୍ଟେସନ ସମେତ ଦେଶ ଉଦ୍ଦେଶ୍ୟରେ ୨୦୧ଟି ସିଏନଜି ଷ୍ଟେସନକୁ ଉତ୍ସର୍ଗ କରିବା ଅବସରରେ ସମ୍ବୋଧନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାସହ ଉତରପ୍ରଦେଶର ଝାନ୍ସିଂ ଠାରେ ପାଇପ ଯୋଗେ ପ୍ରାକୃତିକ ଗ୍ୟାସର ଯୋଗାଣର ଶୁଭାରମ୍ଭ ସହ ମହାରାଷ୍ଟ୍ରର ରାଇଗଡ଼ ଠାରେ ମୋବାଇଲ ରିଫ୍ୟୁଲିଂ ୟୁନିଟ୍(ଏମଆରୟୁ)ର ଲୋକାର୍ପଣ କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ହୋଇଯାଇଛି। ଓଡ଼ିଶାରେ ୧୧ଟି ସିଏନଜି ଷ୍ଟେସନ ତଥା ଖୋର୍ଦ୍ଧା ଜିଲ୍ଲାରେ ୭ଟି ଏବଂ କଟକ ଜିଲ୍ଲାରେ ୪ଟି ସିଏନଜି ଷ୍ଟେସନର ଉଦଘାଟନ ହୋଇଯାଇଛି । ଭୁବନେଶ୍ୱର ସାମନ୍ତରାପୁର ଠାରେ ଆଇଓସିଏଲର ଲିଙ୍ଗରାଜ ଫିଲିଂ ଷ୍ଟେସନ, ଏନଏଚ୧୬ ନିକଟରେ ଥିବା ଏଚପିସିଏଲର ରାଜପଥ ମୋଟର, ଏନଏଚ୍ ୧୬ – ଦଳେଇପୁଟ ଠାରେ ଥିବା କୋକୋଖୋର୍ଦ୍ଧା ଫିଲିଂ ଷ୍ଟେସନ, କିଆଝରି ଠାରେ ▶▶ପୃଷ୍ଠା ୭

## ଧୀମା ହୋଇଛି ମୌସୁମୀ : ଲଘୁଚାପ ପ୍ରଭାବରେ ପୁଣି ହେବ ସକ୍ରିୟ

ଭୁବନେଶ୍ୱର,୦୮/୦୬(ନି.ପ୍ର): ମୌସୁମୀ କେରଳ ଛୁଇଁବାର ପ୍ରଥମ ୩-୪ ଦିନ ଦ୍ରୁତ ଗତିରେ ବିଭିନ୍ନ ଦକ୍ଷିଣ ରାଜ୍ୟ ଓ ଉତ୍ତର-ପୂର୍ବାଞ୍ଚଳକୁ ଛୁଇଁଥିଲା । ଏହି ସମୟରେ କେରଳ, ତାମିଲନାଡୁ, କର୍ଣ୍ଣାଟକ, ଦକ୍ଷିଣ ମହାରାଷ୍ଟ୍ର ଆଦି ରାଜ୍ୟରେ ସ୍ୱାଭାବିକଠାରୁ ୪୦ ପ୍ରତିଶତ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।ତେବେ ପ୍ରଥମ କିଛି ଦିନ ସମୟାନୁବର୍ତ୍ତୀ ରହିବା ପରେ ମୌସୁମୀ ବାୟୁର ଗତି ଟିକିଏ ଧୀମେଇ ଯାଇଥିବା ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ କହିଛନ୍ତି । ଏଣୁ ଗତ ଦୁଇଦିନ ହେଲା ତାମିଲନାଡୁ ଓ ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ବର୍ଷା ପରିମାଣ କମିଯାଇଛି । ତେବେ ଆଶ୍ୱସ୍ତିର ବିଷୟ ହେଉଛି ବଙ୍ଗୋପସାଗରେ



ଆସନ୍ତା ୧୧ ତାରିଖ ବେଳକୁ ସୃଷ୍ଟି ହେବାକୁ ଥିବା ଲଘୁଚାପ ପୁଣି ମୌସୁମୀକୁ ସକ୍ରିୟ କରିବ । ଏହାର ପ୍ରଭାବରେ ଓଡ଼ିଶା ସମେତ ସମଗ୍ର ପୂର୍ବଭାରତରେ ଠିକ ସମୟରେ ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା କରାଇବ । ଏହି ଲଘୁଚାପ ପ୍ରଭାବରେ ୧୦ ତାରିଖଠାରୁ ଆରମ୍ଭ କରି ଜୁନ ୧୫ ପର୍ଯ୍ୟନ୍ତ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶରେ ପ୍ରବଳ ବର୍ଷା ହେବ । ଏପରିକି ଏହି ଲଘୁଚାପ ପ୍ରଭାବରେ ମହାରାଷ୍ଟ୍ରରେ ବି ମୌସୁମୀ ସକ୍ରିୟ ହୋଇ ବର୍ଷା ପରିମାଣକୁ ବୃଦ୍ଧି କରାଇବ ।

## କେନ୍ଦ୍ର ସରକାର ଜାରି କଲେ ନୂଆ ଟିକାକରଣ ପଲିସି

## ଲୋକ ସଂଖ୍ୟା ଓ ସଂକ୍ରମିତଙ୍କ ସଂଖ୍ୟା ଆଧାରରେ ରାଜ୍ୟକୁ ଯୋଗାଇବେ ଟିକା

ଭୁବନେଶ୍ୱର,୦୮/୦୬(ନି.ପ୍ର): ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର କମୁଥିବା ବେଳେ କେନ୍ଦ୍ର ସରକାର ଟିକାକରଣର ନୂଆ ପଲିସି ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନୂଆ ଟିକାକରଣ ନୀତିକୁ ନେଇ କେନ୍ଦ୍ର ସରକାର କହିଛନ୍ତି ଯେ, ରାଜ୍ୟ ମାନଙ୍କର ଲୋକସଂଖ୍ୟା, ସଂକ୍ରମିତଙ୍କ ସଂଖ୍ୟା ଓ ଟିକାକରଣ ନୀତି ଆଧାରରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଟିକା ଯୋଗାଇ ଦେବେ । ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ଗୋଟିଏ ଦିନ ପରେ ଏଭଳି ନିର୍ଦ୍ଦେଶନାମା ଜାରି



କରାଯାଇଛି । ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ କି ଦେଶର ସମସ୍ତ ଲୋକଙ୍କୁ କେନ୍ଦ୍ର ସରକାର ମାଗଣାରେ ଟିକା ଯୋଗାଇ ଦେବେ ଓ ଏହି କାର୍ଯ୍ୟକ୍ରମ ଜୁନ ୨୧ ତାରିଖ ଠାରୁ ଆରମ୍ଭ ହେବ । ଟିକା ନଷ୍ଟ କରିବା ନେଇ କିଛି ରାଜ୍ୟ ସରକାର ଓ କେନ୍ଦ୍ର ମଧ୍ୟରେ କଥା କଟା କଟି ହୋଇଛି । ମେ ମାସରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟର ସୂଚନା ମୁତାବକ ଝାଡଖଣ୍ଡ ୩୭ ପ୍ରତିଶତ, ଛତିଶଗଡ ୩୦ ପ୍ରତିଶତ, ତାମିଲନାଡୁ ୧୫.୫ ପ୍ରତିଶତ, ଜମ୍ମୁ-କାଶ୍ମୀର ୧୦.୮ ପ୍ରତିଶତ, ମଧ୍ୟପ୍ରଦେଶ ୧୦.୭ ପ୍ରତିଶତ ଟିକା ନଷ୍ଟ କରିଦେଇଥିଲେ । ଟିକାକରଣକୁ ନେଇ କେନ୍ଦ୍ର ସରକାର ଜାରି କରିଥିବା ନୂଆ ପଲିସି ମୁତବକ , ୧୮ ବର୍ଷରୁ ଅଧିକ ବୟସ୍କ ନାଗରିକଙ୍କ ଜନସଂଖ୍ୟା ସମୁହ ମଧ୍ୟରେ କିମ୍ବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଆବଶ୍ୟକତା ଆଧାରରେ ସେମାନେ କେନ୍ଦ୍ରକୁ ଟିକା ମାଗି ପାରିବେ । ଘରୋଇ ହସ୍ପିଟାଲ ପାଇଁ ଟିକାର ପ୍ରତି ଖୋରାକର ମୂଲ୍ୟ ଟିକା ନିର୍ମାତା କମ୍ପାନୀମାନେ ସ୍ଥିର କରିବେ । ଏହାସହ ଘରୋଇ ହସ୍ପିଟାଲମାନେ ଯେତିକି ଦାମରେ ଟିକା କିଣିବେ ତା ଉପରେ ଅଧିକ ୧୫୦ ଟଙ୍କା ସେବା ଶୁଳ୍କ ବାବଦରେ ନେଇ ପାରିବେ । ଏହା ଉପରେ କେନ୍ଦ୍ର ସରକାର ନଜର ରଖିବେ ।

## ଟିକା ନେବା ପରେ କରୋନା ସଂକ୍ରମଣରେ ୪୭୫ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୮/୦୬(ନି.ପ୍ର): ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହରି ଟିକେ କମିଥିବା ବେଳେ ସରକାରଙ୍କ ତରଫରୁ ଟିକାକରଣ ଅଭିଯାନକୁ ଯୋରଦାର କରିବାକୁ ପ୍ରୟାସ ଆରମ୍ଭ ହୋଇଛି । ହେଲେ ଟିକାକରଣ ପରେ ମେ ୨୮ ତାରିଖ ପର୍ଯ୍ୟନ୍ତ ୪୭୫ ଜଣ ଲୋକଙ୍କର ମୃତ୍ୟୁ ହୋଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏଭଳି ସୂଚନା ଏକ ମାମଲାରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବମ୍ବେ ହାଇକୋର୍ଟଙ୍କ ନିକଟରେ ଦାଖଲ କରିଛନ୍ତି । ସରକାରଙ୍କ ତରଫରୁ ଦାଖଲ କରାଯାଇଥିବା ୧୪ ପୃଷ୍ଠା ବିଶିଷ୍ଟ ଏହି ଦସ୍ତାବିଜରେ କୁହାଯାଇଛି କି, ମେ ୨୮ ତାରିଖ ସୁଦ୍ଧା ଟିକା ନେଇଥିବା ଲୋକଙ୍କ ମଧ୍ୟରୁ ୪୭୫ ଜଣଙ୍କର ମୃତ୍ୟୁ ହୋଇଛି । କେନ୍ଦ୍ର ସରକାର କୋର୍ଟକୁ କହିଛନ୍ତି କି ଘର ପାଖରେ ଟିକା ଦେବା ପରିବର୍ତ୍ତେ ଘର ଘର ବୋଲି ଟିକା ଦେବା ଭଲ । କରୋନା ପାଇଁ ଟିକାକରଣକୁ ନେଇ ରାଷ୍ଟ୍ରୀୟ ବିଶେଷଜ୍ଞ କମିଟି ପ୍ରଶାସନକୁ ହାଇକୋର୍ଟର ନିର୍ଦ୍ଦେଶ ଦେଖାଇଥିଲେ । ଯେଉଁ ନିର୍ଦ୍ଦେଶନାମାରେ ବୟସ୍କ ବ୍ୟକ୍ତି ଓ ଦିବ୍ୟାଙ୍ଗଙ୍କୁ ଘର ଘର ବୋଲି ଟିକା ଦେବାକୁ କୁହାଯାଇଥିଲା । ଏନେଇ ରାଷ୍ଟ୍ରୀୟ ବିଶେଷଜ୍ଞ କମିଟି ନିତୀ ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ବି.କେ ପାଲଙ୍କ ସହ ମେ ୨୫ ୨୦୨୧ ରେ ବୈଠକ କରିଥିଲେ ।

# ୮ଟି ଗୋରୁ ବୋଝେଇ ପିକପ୍ ଭ୍ୟାନ ଜବତ : ୧୫୦ଟି ଗୋରୁ ଉଦ୍ଧାର

ହରିଚନ୍ଦନପୁର,୮/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଠାଗୋଳା ନିକଟରୁ ୮ଟି ଗୋରୁ ବୋଝେଇ ପିକପ୍ ଭ୍ୟାନ ଜବତ ସହ ୧୫୦ଟି ଗୋରୁ ଉଦ୍ଧାର କରାଯାଇଛି । ଖବର ଅନୁଯାୟୀ ଏହି ୮ଟି ପିକପ୍ ଭ୍ୟାନ ଯୋଗେ ପ୍ରାୟ ୧୫୦ଟି ଗୋରୁ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଖବର ପାଇ ମିଳିତ କ୍ରମେ ଜଙ୍ଘିରା ଓ ହରିଚନ୍ଦନପୁର ବନ ବିଭାଗ ପିଠାଗୋଳା ନିକଟରେ ଉକ୍ତ ଗାଡ଼ି ଗୁଡ଼ିକୁ ଅଟକାଇଥିଲେ । ଖବର ପାଇ ହରିଚନ୍ଦନପୁର ପୋଲିସ ଘଟଣାସ୍ଥଳରେ ପହଂଚି ଉକ୍ତ ପିକପ୍ ଭ୍ୟାନ ଗୁଡ଼ିକୁ ଜବତ କରିବା ସହ ଅତି ନିର୍ଦ୍ଦୟ ଭାବେ ବନ୍ଧା ହୋଇଥିବା ଗାଈଗୋରୁଙ୍କୁ ଉଦ୍ଧାର କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି । ସୂଚନା ମୁତାବକ ରବିବାର ବିଳମ୍ବିତ ରାତିରେ ଏହି ୮ଟି ଗୋରୁ ବୋଝେଇ ଗାଡି କେନ୍ଦୁଝର ଜିଲ୍ଲାର ତେଲକୋଇ ବିମଳା ଫରେଷ୍ଟ ଚେକ୍ ପୋଷ୍ଟରେ ଅତି ବେପରୁଆ ଭାବେ ଗାଡି ଚଳାଇ ଅତିକ୍ରମ କରିଥିଲେ । ଯାହାକୁ ନେଇ କାର୍ଯ୍ୟରତ ଥିବା ପୋଷ୍ଟ ଅଧିକାରୀଙ୍କ ସନ୍ଦେହ ବଢ଼ିଥିଲା ଓ ଗାଡ଼ି ଗୁଡ଼ିକୁ ପିଛା କରିବା ସହ ଜଙ୍ଘିରା ଓ ହରିଚନ୍ଦନପୁର ରାସ୍ତାରେ ଯାଉଥିବା ନେଇ ଉକ୍ତ ବନପାଳଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଉଭୟ ବନପାଳ ସହ ବନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ପିଠାଗୋଳା କାଳିଆପାଣି ରାସ୍ତାର ଚେଲିଆ ଘାଟି ନିକଟରେ ଗାଡ଼ି ଗୁଡ଼ିକୁ ଅଟକାଇବାରେ ସକ୍ଷମ ହେଲେ। ଅଟକାଇବା ସମୟରେ ଗାଡ଼ି ଚାଳକମାନେ ତରବରିଆ ହୋଇ ଗାଡି ଗୁଡିକୁ ଗଛରେ ପିଟି ଖସି ପଳାଇଥିଲେ । ଫଳରେ ଗାଡ଼ିରେ ଥିବା କିଛି ବଳଦଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ସମସ୍ତ ବଳଦଙ୍କୁ ସୁସ୍ଥ ଅବସ୍ଥାରେ ଉଦ୍ଧାର କରାଯାଇଛି । ତେବେ ଏହି ଅଞ୍ଚଳରେ ବାରମ୍ବାର ଗୋରୁ ଚାଲାଣ ଘଟଣା ବାବଦରେ ପଣ୍ଡାପଡ଼ା ପୋଲିସକୁ ସ୍ଥାନୀୟ ଲୋକେ ସୂଚନା ଦେଉଥିଲେ ମଧ ପୋଲିସର ନିରବତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଜନ ସାଧାରଣରେ ଦାବି ହେଉଛି ।

# ଅପହରଣ ଓ ଲୁଟ୍ ମାମଲାରେ ୩ ଗିରଫ

ଜୟପୁର,୮/୬ (ନି.ପ୍ର): ଜୟପୁର ଟାଉନ ପୋଲିସ ଅପହରଣ ଓ ଲୁଟ୍ ମାମଲାର ପର୍ଦାଫାସ କରି ୩ ଜଣକୁ ଗିରଫ କରିଛି ।ଏହି ମାମଲାରେ ଫେରାର ଥିବା ଦଶମନ୍ତ ବାଘ ଏଲିୟସ ମୋହନ (୨୮) ଇନ୍ଦ୍ର ହରିଜନ (୨୯) ବାଲବା ହରିଜନ (୪୦) ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଏହି ମାମଲାରେ ଗତ ମାର୍ଚ୍ଚ ୨୧ ତାରିଖରେ ସୁରେଶ ହରିଜନ (୨୬), ବିକ୍ରମ ହରିଜନ (୨୪) ବାଲାଜି ହରିଜନ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ । ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୨୧ ମାର୍ଚ୍ଚ ୧୮ ରେ ମାଲକାନଗିରି ଜିଲାର ମୋଟୁ ଥାନା ଅନ୍ତର୍ଗତ ଏମଭି ୮୧ର ଅନନ୍ତ ପଲ୍ଲି ଗ୍ରାମର ଭୋଳା ସରକାର ଜୟପୁର ବାଇକ କିଣିବାକୁ ଆସିଥିଲେ। ୧୯ ତାରିଖ ଭୋରରୁ ସେ ଜୟପୁର ପହଂଚିଥିଲେ । ବସଷ୍ଟାଣ୍ଡରେ ଓହ୍ଲାଇ ଟିକେଟ କାଉଂଟରରେ ବିଶ୍ରାମ ନେଲେ । ସେ ଉଠିବା ସମୟରେ ଦଖିଲେ ନିଜ ପାଖରୁ ୧୦ ହଜାର ଟଙ୍କା ଓ ଜୋତା ଚୋରି ହୋଇଯାଇଛି । ଜୋତା କାଣିବାକୁ ଯିବା ସହ ତହସିଲ ଅଫସି ପାଖକୁ ଆସି ଜଳଖିଆ ଖାଇଥିଲେ । ଯୋତା କିଣିବା ବେଳେ ୨ଜଣ ଦଲାଲ କଲର ସ୍ୱେଣ୍ଡର ବାଇକ ଅଭିଯୁକ୍ତ ଇନ୍ଦ୍ର ହରିଜନ ଓ ମହୋନ ବାଘ ଆସି ସରକାରକୁ କାରଣ ପଚାରିଲେ । ୨ ଅଭିଯୁକ୍ତ ସରକାରକୁ ଜୋର ଜବରଦସ୍ତ ବାଇକରେ ବସାଇ ଭୁତ ନାଥ ଛକ ନିକଟକୁ ନେଇଥିଲେ । ସେଠାରେ ସୁରେଶ ହରିଜନ ଓ ରବି ହରିଜନ ଗୋଟିଏ ବାଇକରେ ଓ ବିକ୍ରମ ହରିଜନ ଓ ବାଲାଜି ହରିଜନ ଅନ୍ୟ ବାଇକରେ ଆସି ଓପିଟିସିଏଲ ଟିକ ଜଙ୍ଗଲକୁ ନେଇ ବାନ୍ଧି ଦେଇଥିଲ । ସେହି ସ୍ଥାନରେ ବାଲବା ହରିଜନ ମଧ୍ୟ ଉପସ୍ଥିତ ଥିଲା। ଫୋନ ପେ ଯୋଗେ ୨୭ ହଜାର ୫ ସହ ଟଙ୍କା ତ୍ରିନିଥ ବିଷୋୟୀଙ୍କ ଏକାଉଂଟରେ ଟ୍ରାନଫର କଲେ। ସେ କୌଳଶ କ୍ରମେ ଖସି ଆସି ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ମାମଲାର ପଦାର୍ଫାସ କରିଥିଲା। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୁଚନା ଦେଇଛନ୍ତି ।

## କରୋନା ଟୀକା ନେବାପାଇଁ ଯୁବପିଢିଙ୍କ ମଧ୍ୟରେ ଉତ୍ସାହ

କେନ୍ଦ୍ରାପଡ଼ା,୮/୬ (ନି.ପ୍ର): ଟୀକାକରଣ ଯୋଜନାରେ ପରିବର୍ତନ କରାଯାଇ ୧୮ ରୁ ୪୫ ବର୍ଷ ବୟସ ବ୍ୟକ୍ତିମାନଙ୍କୁ ଟୀକା କରଣ କେନ୍ଦ୍ରାପଡାରେ ଆରମ୍ଭ କରାଯାଇଛି । ଏହାକୁ ଯୁବପିଢ଼ିଙ୍କ ମଧ୍ୟରେ ବିପୁଳ ଉତ୍ସାହ ପରିଲକ୍ଷୀତ ହୋଇଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ପୌରାଂଚଳ ମଧ୍ୟରେ କରାଯାଇ ଥିବା ୨ଟି ଟୀକା କରଣ କେନ୍ଦ୍ରରେ ୧୦୫୦ଜଣ ଏହି ମଧ ବୟସ୍କ ଯୁବକ ମାନେ ଟୀକା ନେଇଥିବା ସୂଚନା ମିଳିଛି ।

## ଜିଲ୍ଲା ଦୌରା ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି,୮/୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଦୌରାଜଜ୍ ଭାବେ ଆଜି ସୁଶ୍ରୀ ରେଖା ପ୍ରସାଦ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବତନ ଦୌରାଜଜ୍ ରୋହିତଲାଲ ପଣ୍ଡା ଙ୍କ ବଦଳି ପରେ ଏହି ପଦରେ ସେ ଅବସ୍ଥାପିତ ହୋଇଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଭାରପ୍ରାପ୍ତ ସଚିବ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଆଇନ ପ୍ରାଧିକରଣର ସ୍ୱେଚ୍ଛାସେବୀ ଏବଂ ପ୍ରଶିକ୍ଷକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ, ଓ ଡ଼ି ଆଶିଷ ରାଠୋର ଜିଲ୍ଲା ଦୌରାଜଜ୍ ସୁଶ୍ରୀ ରେଖାପ୍ରସାଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଭାବେ ତାଙ୍କୁ ମଧ ସ୍ୱାଗତ କରାଯିବା ସହିତ ଆଗାମୀ ଦିନରେ କିପରି ପ୍ରାଧିକରଣର ବିଭିନ୍ନ ଲୋକାଭୀମୁଖୀ କାର୍ଯ୍ୟକ୍ରମ ମାନ ସମ୍ପାଦିତ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା।

# ମାଲକାନଗିରି ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ଓ କରୋନା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୮/୬ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ରେ ଯୁବ ରେଡ଼କ୍ରସ ତରଫରୁ ସଡ଼କ ସୁରକ୍ଷା ଏବଂ କରୋନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଯୁବ ରେଡ଼କ୍ରସ ର ଆବାହକ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ରାମେଶ୍ୱର ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ଏକ ସୁସ୍ଥ ଏବଂ ସହାନୁଭୂତି ସମ୍ପନ୍ନ ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟିତ ହେବା ସହ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ନିୟମ କୁ ପାଳନ କରିବାପାଇଁ ପ୍ରେରିତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଏମଭିଆଇ ଖଗେଶ୍ୱର ମୁର୍ମୁ ଯୋଗଦାନ କରି ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ନିୟମ ବିଷୟରେ ଜଣାଇବା ସରକାରଙ୍କ ସୋଲସିୟମ ଫଣ୍ଡ ସ୍କିମ ଏବଂ ଗୁଡ଼ ସାମରିଟାନ ସ୍କିମ କଣ ତାହା ବୁଝାଇଥିଲେ। ସମସ୍ତେ ଦୁର୍ଘଟଣା ଗ୍ରସ୍ତ କୌଣସି ବ୍ୟକ୍ତି କୁ ସାହାଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସମ୍ମାନିୟ ଅତିଥି ରୂପେ ମହାବିଦ୍ୟାଳୟ ର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଯୋଗଦେଇ ସମସ୍ତଙ୍କୁ କରୋନା ସମ୍ପର୍କିତ ରହିଥିବା ନିୟମ ଗୁଡ଼ିକୁ ପାଳନ କରିବାସହ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ଉପରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଲିଙ୍ଗରାଜ ମିଶ୍ର କରୋନା ସମ୍ପର୍କରେ ରହିଥିବା ନିୟମ ଗୁଡିକ ବିଷୟରେ କହିଥିଲେ। ଯୁବ ରେଡ଼କ୍ରସର ସଂଯୋଜକ ଡ଼ି ଆଶିଷ ରାଠୋର ପ୍ରାଥମିକ ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ।

# ଦୈତାରୀ ଖଣି ପ୍ରଭାବିତ ଗ୍ରାମ ଗୁଡିକ ଉପରେ ଦୃଷ୍ଟି ପକାଉନାହାନ୍ତି ଓଏମସି କର୍ତ୍ତୃପକ୍ଷ: ଦୁର୍ଦ୍ଦିନରେ ଶହଶହ ଆଦିବାସୀ ପରିବାର

ହରିଚନ୍ଦନପୁର,୮/୬ (ନି.ପ୍ର): କରୋନା ମହାମାରୀର ଦ୍ୱିତୀୟ ଲହରୀରେ ସରକାର ଦୁଇମାସରୁ ଉର୍ଦ୍ଧ ହେବ ଲକଡାଉନ୍ ଓ ସଟଡାଉନ୍ କଟକଣା ଜାରି ରଖିଛନ୍ତି। ଫଳରେ ଗରିବ ଆଦିବାସୀ ଶ୍ରେଣୀର ଲୋକମାନେ ରୋଜଗାର ହରାଇ ନାହିଁ ନଥିବା ହଇରାଣ ହରକତ ହେଉଥିବା ନଜିର ରହିଛି। ଅନ୍ୟପକ୍ଷେ ଗ୍ରାମାଂଚଳରେ କରୋନାର ଅଧିକ ସଂକ୍ରମଣ ହୋଇଥିବାର ଦେଖିବାକୁ ମିଳିଛି। ଏହିଭଳି ଘଡିସନ୍ଧି ମୁହୁର୍ତରେ ଲୋକମାନଙ୍କୁ ସାହାଯ୍ୟ ଯୋଗାଇ ଦେବା ପାଇଁ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ଆଗେଇ ଆସୁଛନ୍ତି । ହେଲେ ଦୈତାରୀ ଓଏମସି ଖଣି ଦ୍ୱାରା ପ୍ରଭାବିତ ଗ୍ରାମଗୁଡିକ ପ୍ରତି କମ୍ପାନୀ କର୍ତୃପକ୍ଷ ଦାୟିତ୍ୱ ଭୁଲି ଯାଇଛନ୍ତି । ଓଏମସି ବିରୁଦ୍ଧରେ ଏହିଭଳି ଏକ ସଂଙ୍ଗୀନ ଅଭିଯୋଗ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଟାଙ୍ଗିରିଆପାଳ ପଂଚାୟତ ରୁଗୁଡି ପହଙ୍ଗା ଗ୍ରାମର ଦେବୀହୁଡି ସାହି ଲୋକେ ଆଣିଛନ୍ତି। ରାଜ୍ୟରେ ଥିବା ନାମୀ ଦାମୀ କମ୍ପାନୀ ଗୁଡ଼ିକ କୋଭିଡ୍ ୧୯ର ମୁକାବିଲା ପାଇଁ ଅଂଟା ଭିଡ଼ି ଆଗେଇ ଆସିଥିବା ବେଳେ ଓଏମସି କେବଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପଣ୍ଡକୁ ଦାନ ଦେଇ ନିଜ ଦାୟିତ୍ୱ ଭୁଲି ଚୁପ୍ ହୋଇ ବସିଛି। ସୂଚନା ଯେ ପ୍ରଥମ ପର୍ଯ୍ୟାୟରେ ଓଏମସି ଯେଉଁ ଟଙ୍କା ଦେଇଥିଲା ସେହି ଟଙ୍କାରେ ଭୁବନେଶ୍ୱର ସମ୍ ହସ୍ପିଟାଲରେ କୋଭିଡ୍ ମେଡିକାଲ ପ୍ରସ୍ତୁତ ହୋଇଥିଲା। ସେଥିରେ ଖଣି ପ୍ରଭାବିତ ଗ୍ରାମଗୁଡିକର ଗରିବ ଆଦିବାସୀ ଶ୍ରେଣୀର ଲୋକମାନେ ବିଶେଷ ଭାବରେ ଉପକୃତ ହୋଇପାରିଲେ ନାହିଁ। ଦୈତାରୀ ଖଣିରୁ ଓଏମସି କମ୍ପାନୀ ଦ୍ୱାରା ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କା ରାଜ୍ୟ ରାଜକୋଷକୁ ଭରଣା ହେଉଥିବା ସହ କମ୍ପାନୀ ମାଲେମାଲ ହେଉଛି । ହେଲେ ଖଣି ପାଇଁ ନିଜର ଭିଟା ମାଟି ଦେଇଥିବା ଆଦିବାସୀ ଲୋକମାନେ ଖଣିର ଧୂଳି ଧୂଆଁରେ ପ୍ରଭାବିତ ହୋଇ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି । ଏହିଭଳି ଦୁର୍ଦ୍ଦିନ ସମୟରେ ଖଣି ପ୍ରଭାବିତ ଲୋକମାନଙ୍କ ପାଖରେ ପହଂଚି କୌଣସି ସାହାଯ୍ୟ ନଯୋଗାଇବା ସବୁଠାରୁ ପରିତାପର ବିଷୟ । ଦୀପ ତଳ ଅନ୍ଧାର ଭଳି ଦୈତାରୀ ଖଣି ପ୍ରଭାବିତ ଆଦିବାସୀ ଅଂଚଳର ଲୋକମାନଙ୍କ ଦୁଃଖ ନକହିବା ଭଲ। ଏଠାକାର ଗରିବ ଆଦିବାସୀ ଶ୍ରେଣୀର ଲୋକମାନେ ଲୁଣ ଲଗାଇ ଭାତ ଖାଉଥିବା ବେଳେ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୋକ ଦେଖିନାହାନ୍ତି। ଏମାନଙ୍କୁ କେବଳ ଭଗବାନ ସାହା ଭରସା ।

## ବ୍ୟାଙ୍କ ସମ୍ମୁଖରେ ଖରାରେ ହନ୍ତସନ୍ତ ହେଉଛନ୍ତି ଗ୍ରାହକ

ଧର୍ମଶାଳା,୮/୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ କମୁଥିବା ବେଳେ ଯାଜପୁର ଜିଲାରେ ସଂକ୍ରମଣଙ୍କ ସଂଖ୍ୟା କମିବାରେ ନାଁ ନେଉନାହିଁ । ରାଜ୍ୟରେ ସଟ୍ ଡାଉନ ଜାରି ରହିଛି । ଏହି କରୋନା ସଂକ୍ରମଣକୁ ନେଇ ବ୍ୟାଙ୍କ କତୃପକ୍ଷରୁ କଠୋର କାର୍ଯ୍ୟପନ୍ଥା ଗ୍ରହଣ କରିଛି । ଯାହାକୁ ନେଇ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ଖୋଲାଯାଉଛି । ହେଲେ ମୁଖ୍ୟ ଫାଟକ ଖୋଲାଯାଉନାହିଁ । ଫଳରେ ବ୍ୟାଙ୍କକୁ ଆସୁଥିବା ଗ୍ରାହକମାନେ ବ୍ୟାଙ୍କ ଆଗରେ ଖରାରେ ଘଂଟା ଘଂଟା ଛିଡା ହେବାକୁ ପଡୁଛି । ଯାହାକୁ ନେଇ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ବ୍ୟାଙ୍କ ଅଫ ବରୋଦା ଶାଖାରେ । ସକାଳ ୧୦ଟା ସମୟରେ ବ୍ୟାଙ୍କ ଖେଳାଯାଉଛି ହେଲେ ଭିତରକୁ କାହରିକୁ ଭିତରକୁ ଯିବାକୁ ଅନୁମତି ଦେଉହାନ୍ତି ।

## ଗ୍ରାମ ରାସ୍ତା ନିର୍ମାଣରେ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୮/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୫ ନଂ ଜୋନ୍ ଅଧିନ ୮ଟି ଗ୍ରାମ ପଂଚାୟତକୁ ସଂଯୋଗ କରୁଥିବା ସଡକ ନିର୍ମାଣରେ ସହାୟତା ପାଇଁ ପଂଚାୟତର ପ୍ରତିନିଧି ଓ ଗ୍ରାମବାସୀ ମାନେ ଦାବିପତ୍ର ପ୍ରଦାନ କରିଛନ୍ତି । ସଏଥି ମଧ୍ୟରୁ ଢୋଲ ଗ୍ରାମ ପଂଚାୟତର ମଦର ଟେରେସା ଛକ ପାଖରୁ ଇନ୍ଦୁପୁରକୁ ଯାଇଥିବା ମୁଖ୍ୟ ରାସ୍ତାର ଅଧେକ ରାସ୍ତା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଇ ଥିଲା । ଆଉ ଅଧେକ ରାସ୍ତା ବ୍ୟକ୍ତିଗତ ଜମିରେ ଥିବାରୁ ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ମାନେ ୩୨ ଡିସଲିମିଲି ଜମି ଚୁକ୍ତିପତ୍ର ମାଧମରେ ଗ୍ରାମ ପଂଚାୟତକୁ ହସ୍ତାନ୍ତର କରିଥିଲେ । ଫଳରେ ଏହାକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରି ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବା ପାଇଁ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ସରପଂଚ ବସନ୍ତ ଘୋସାଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ରେଶମୀ ଚକ୍ରବର୍ତୀ, ଭାରତୀ ମଳିକ, ଅନନ୍ତ ପ୍ରସାଦ ମଳିକ, ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଲିଖିତ ଭାବେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

# କୋଭିଡ ଡାକ୍ତରଖାନାରେ ମୃତ ରୋଗୀଙ୍କ ଟଙ୍କା ଓ ସାମଗ୍ରୀ ଚୋରି ଘଟଣାର ତଦନ୍ତ ଆରମ୍ଭ

ଝାରସୁଗୁଡା,୮/୬ (ନି.ପ୍ର): ଝାରସୁଗୁଡା କୋଭିଡ଼ ଡାକ୍ତରଖାନାରେ ନନ୍ଦଲାଲ ବିଶ୍ୱାଳ ନାମକ ଜଣେ କୋଭିଡ୍ ସଂକ୍ରମିତ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ହେଲେ ମୃତ୍ୟୁ ସମୟରେ ତାଙ୍କ ପାଖରେ ଥିବା ଦଶ ହଜାର ଟଙ୍କା, ମୋବାଇଲ ଏବଂ ସୁନା ଚେନ ଚୋରି ହୋଇ ଯାଇଥିବା ନେଇ ପୁଅ ପ୍ରଶାନ୍ତ ବିଶ୍ୱାଳ ଅଭିଯୋଗ ଆଣିବା ସହ ତଦନ୍ତ ଦାବି କରିଥିଲେ। କେବଳ ସେତିକି ନୁହେଁ ସୁନା ଚେନ ଚୋରି କରିବାକୁ ଯାଇ ତାଙ୍କ ପିତାଙ୍କୁ ହତ୍ୟା କରାଯାଇଥିବା ଭଳି ଗୁରୁତର ଅଭିଯୋଗ ଆଣିଥିଲେ। ହେଲେ ଏହି ଅଭିଯୋଗ ଉପରେ ଅନୁଧାନ କରି କୋଭିଡ୍ ଡାକ୍ତରଖାନାର ମେଡିକାଲ ଅଫିସର ଡାକ୍ତର ଏଲ୍ କେ କର୍ମୀ ଏତଲା ଦେବା ପରେ ଝାରସୁଗୁଡ଼ା ଟାଉନ ଥାନା ପୁଲିସ୍ ତନାଘନା ଆରମ୍ଭ କରି ପଚରାଉଚରା କରିବା ସହ ସୁନା ଚେନ କେଉଁଠି ବିକ୍ରି ହୋଇଛି ତାହାର ଖୋଳତାଡ଼ ଚଳାଇଛି। ଘଟଣା ସମ୍ପୃକ୍ତ ଅଭିଯୋଗରେ ଚାରି ଜଣ ଙ୍କୁ ଥାନା ରେ ଅଟକ ରଖିଛି । ଓଡିଶା-ଛତିଶଗଡ଼ ସୀମାନ୍ତ ରେଙ୍ଗାଲି ଥାନା କନକତୋରା ଗ୍ରାମର ନନ୍ଦଲାଲ କୋଭିଡ୍ ଆକ୍ରାନ୍ତ ହୋଇ ଝାରସୁଗୁଡ଼ା କୋଭିଡ୍ ଡାକ୍ତରଖାନାରେ ଗତ ଅପ୍ରେଲ ୨୪ ତାରିଖ ହୋଇଥିଲେ। ୩୦ ତାରିଖ ତାଙ୍କର ମୃତ୍ୟୁ ହୋଇଥିଲା । ମୋବାଇଲ, ଟଙ୍କା ଏବଂ ସୁନା ଚେନ ଆଉ ମିଳିନଥିବା ପରିବାର ଲୋକେ ଅଭିଯୋଗ ପରେ ଡାକ୍ତରଖାନା କର୍ତୃପକ୍ଷ ତଦନ୍ତ କରି ତିନି ଜଣ ଠିକା କର୍ମଚାରୀ ଯେଉଁମାନେ କି ଡାକ୍ତରଖାନାରେ ସଫେଇ କାର୍ଯ୍ୟ ଏବଂ ଶବ ପ୍ୟାକିଂ କରିବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି ସେମାନଙ୍କ ଉପରେ ସନ୍ଦେହ ପ୍ରକାଶ କରି ଝାରସୁଗୁଡା ଥାନାରେ ଗତ ୫ ତାରିଖ ଏତଲା ଦେଇଥିଲେ। ତିନି ସନ୍ଦିଗ୍ଧଙ୍କୁ ନେଇ ପଚରା ଉଚରା ପରେ ଚୋରି ସାମଗ୍ରୀ ଠାବ କରାଯିବା ସହ ଗତକାଲି କନକତୋରା ସ୍ଥିତ ପ୍ରଶାନ୍ତଙ୍କ ଘରକୁ ଯାଇ ପୁଲିସ୍ ପଚରାଉଚରା କରିଛି । ଏନେଇ ଝାରସୁଗୁଡ଼ା ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କୁ ପଚରା ଯିବାରୁ ଚୋରି ଘଟଣାର ପର୍ଦାଫାଶ ଖୁବଶୀଘ୍ର କରାଯିବା ସହ ଚୋରିରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରାଯାଇଛି ବୋଲି କହିଛନ୍ତି । ଏଭଳି ଚୋରି ଘଟଣାରେ କୋଭିଡ୍ ଡାକ୍ତରଖାନାର ସଫେଇ କର୍ମଚାରୀଙ୍କ ସଂପୃକ୍ତ ଡାକ୍ତରଖାନା କର୍ତୃପକ୍ଷଙ୍କୁ ଅଡୁଆରେ ପକାଇଛି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କୁ ଡାକି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ ସାହୁ ମଧ ଅଭିଯୋଗ ସଂପର୍କରେ ପଚରା ଉଚରା କରିଛନ୍ତି। ସିସିଟିଭି ଫୁଟେଜ ଯାଂଚ କରି ତାଙ୍କ ପିତାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ କରିବାକୁ ପ୍ରଶାନ୍ତ ଦାବି କରିଛନ୍ତି।

# ମାଲକାନଗିରି ବିଜେଡି ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ମାଲକାନଗିରି ,୮/୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ଜୟପୁରିଆଗୁଡା ସ୍ଥିତ ମୁଖ୍ୟ ରାସ୍ତାରେ ବିଜେଡି କାର୍ଯ୍ୟାଳୟ ପୂର୍ବତନ ମନ୍ତ୍ରୀ ତଥା ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥୀ ବେହେରା ଆଜି ଉଦଘାଟନ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲା ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ତଥା ଏସ ଡି ସି ଅଧକ୍ଷ ମାନସ ମାଡକାମୀ,ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ,ବରିଷ୍ଠ ନେତା ରାଜେନ୍ଦ୍ର ପଣ୍ଡା, ଓକିଲ ସଂଘ ସଭାପତି ପ୍ରଭାକର ପ୍ରଧାନ,ଜିଲ୍ଲା ସାଂଗଠନିକ ସମ୍ପାଦକ, ନୃସିଂହ ଚରଣ ମହାନ୍ତି, ଜିଲ୍ଲା ବିଜୁ ଯୁବ ଜନତା ଦଳ, ସଭାପତି ଆଡମା ରାବା, ଜିଲା ଛାତ୍ର ଜନତା ଦଳ ସଭାପତି ତାପସ ରଞ୍ଜନ ନାୟକ ,ଯୁବ ନେତା ବଂଶୀ ମୁଦୁଲି, ମହେଶ ବାକା,ହୃଦାନନ୍ଦ ସାହୁ, ଜସେପ ଜେମ୍ସ, ବିଜୟ ବୁରୁଦା, ଶିବ ତ୍ରିପାଠୀ, କଂଟେଶ୍ୱର ପଟଲା, ମନୋଜ ପଟନାୟକ, ସୁନିଲ ସାହୁ,ବିନୋଦ ଦେଶୀଅନାୟକ, ରାଜୀବ ଲୋଚନ୍ ଶୀଶା,ଏ. ରାଜୁ ରାଓ, କେ. ରାହୁଲ ରାଓ,ଇନ୍ଦ୍ରଜିତ ରଥ,ସତ୍ୟଜୀତ ଗୌଡ଼,ବି. ବିଭୁତିଭୂଷଣ, ଗୌରବ ସଗୋଡ଼ିଆ, ମୁସ୍କାନ ଦେବନାଥ, ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ସ୍ତରୀୟ ବରିଷ୍ଠ ସିପିଆଇ ନେତା ବ୍ରଜ ମାଝି ଓ କଂଗ୍ରେସ ର ଏସ ସତୀଶ ରାଓ ବିଜେଡି ରେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ କୋଭିଡ ଗାଇଡ଼ ଲାଇନ ଅନୁସାରେ ଆୟୋଜନ କରାଯାଇଥିଲା।

## ବେଆଇନ ବାଲି ଚଲାଣ ବେଳେ ଚଢାଉ

ଜୟପୁର,୮/୬ (ନି.ପ୍ର): ଜୟପୁର ତହସିଲ ତରଫରୁ ଚଢାଉ କରାଯାଇଛି । ତହିସିଲ ଅଂଚଳରୁ ପ୍ରତ୍ୟେକ ଦିନ ବେଆଇନ ଭାବେ ବାଲି ଚାଲାଣ ହେଉଛି । ଏନେଇ ଜୟପୁର ତହସିଲଦାର ପ୍ରଧାନ ଟୁଲ୍ଲି ଅମ୍ପାଙ୍କ ନିର୍ଦ୍ଦେଶରେ ଚଢାଉ କରାଯାଇଛି । ଜୟପୁର ଇନ୍ଦିରା ପଣ୍ଡା ଛକ ଠାରେ ଅତିରିକ୍ତ ତହସିଲଦାର ମାନସ ଘଡେଇ ସହ ଏଟି ଟିମ ଚଢାଉ କରିଥିଲେ । ଟ୍ରାକ୍ଟର, ଟିପ୍ପର , ଟ୍ରକ ଭଳି ୮ଟି ଗାଡି ଜବତ କରିଥିଲେ । ୭୯ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ଶନିବାର ୨ଟି ଗାଡି କୁ ଜବତ କରାଯାଇ ୫୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି । ଏପରି ଯାଂଚ କଡା କଡି କରାଯିବ ବୋଲି ତହସିଲଦାର ପ୍ରଧାନ ଟୁଲ୍ଲି ଅମ୍ପା ସୁଚନା ଦେଇଛନ୍ତି ।

## ଟ୍ରକ ସହ ଗଞ୍ଜେଇ ଜବତ

ଜୟପୁର,୮/୬ (ନି.ପ୍ର): ଜୟପୁର ସଦର ପୋଲସି ଗଞ୍ଜେଇ ଚାଲାଣ ବେଳେ ଚଢାଉ କରିଛି । ୬ ଚକିଆ ଟ୍ରକରେ ମହାରାଷ୍ଟ୍ର ଚଲାଣ ହେଉଥିବା ବେଳେ ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡା ସୁଚନା ପାଇଁ କୋରାପୁଟ ଘାଟିରେ ଚଢାଉ କରିଥିଲେ । ଅଭିନବ ଉପାୟରେ ମୁଢ଼ି ବସ୍ତା ଭିତରେ ଗଞ୍ଜେଇ ରଖି ଚାଲାଣ ହେଉଥିଲା । ଉକ୍ତ ଟ୍ରକ ଏମଏଚ.୧୮. ବିଜି. ୫୫୪୧ କୁ ସଦର ଥାନାକୁ ଆଣି ଯାଂଚ କରାଯାଉଛି । ପାଖା ପାଖି ୧ ଟନ ଗଞ୍ଜେଇ ଜବତ କରିଥିବା ଜଣାଯାଇଛି । ମାଜିଷ୍ଟ୍ରେଟ ଉପସ୍ଥିତରେ ଓଜନ କରିବା ସହ ତଦନ୍ତ ପରେ ସବୁ ଜଣାପଡିବ ବୋଲି ଥାନା ଅଧିକାରି ମହାକୁଡ ସୁଚନା ଦେଇଛନ୍ତି ।

# ବାଲିଘାଟକୁ ବିରୋଧ କରି ପ୍ରତିବାଦ: କୋରୋନା କଟକଣାକୁ ଫୁଁ

ଧର୍ମଶାଳା,୮/୬ (ନି.ପ୍ର): ଯାଜପୁର ଜିଲାରେ ଧର୍ମଶାଳା ତହସିଲ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି । ବିଶେଷ କରି କଳାପଥର ହେଉ ଅବା ବାଲି ଘାଟରୁ ବାଲି ଉତୋଳନକୁ ନେଇ ଜିଲା ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି । ଆଜି ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଉତରପ୍ରତାପ ଅଂଚଳରେ ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅ ଅବବାହିକାରୁ ବାଲି ଉତୋଳନ ପାଇଁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି । ହେଲେ ସରକାରୀ ନିୟମକୁ ବେଖାତିର କରି ବାଲି ଉତୋଳନ ହେଉଥିବା ନେଇ ଆଜି ଧର୍ମଶାଳା ବିଜେପି ନେତ୍ରୀଙ୍କ ନେତୃତ୍ୱରେ ଅଂଚଳର ଶତାଧିକ ମହିଳା ପୁରୁଷ ଏହାକୁ ଘୋର ବିରୋଧ କରି ପ୍ରତିବାଦ କରିଛନ୍ତି । ନିଲାମଧାରୀ ଦିନରାତି ଏକ କରି ହାଇୱାରେ ଓଭର ଲୋଡିଂ କରି ବାଲି ପରିବହନ କରିବା ସହ ସୀମା ଉଲଂଘନ କରି ମନ ଇଚ୍ଛା ବାଲି ଘାଟରେ ମେସିନ ଲଗାଇ ବାଲି ପରିବହନ କରୁଛନ୍ତି । ଏହି ପରିବହନ ସମୟରେ ଗାଁ ରାସ୍ତା ଖରାପ ହେବା ସହ ଗହଳୀପୁର୍ଣ୍ଣ ଓ ବିଦ୍ୟାଳୟ ସମ୍ମୁଖରେ ଗାଡି ଚଳାଚଳକୁ ନେଇ ଅଂଚଳବାସୀ ଘୋର ବିରୋଧ କରିଛନ୍ତି । ଏହାକୁ ବିରୋଧ କରିବା ଫଳରେ ବାଲି ଘାଟରୁ ଆଜି ଶହଶହ ଗାଡି ଅଟକି ରହିଥିବା ଦେଖିବାକୁ ମିଳିଛି । ଏନେଇ ଏକ ଦାବି ପତ୍ର ଜିଲା ପ୍ରଶାସନ ନିକଟରେ ଦିଆଯିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି । ଯଦି ଏହାର ବ୍ୟତୀକ୍ରମ ହେଲେ ଆଗାମୀ ଦିନରେ ରାଜରାସ୍ତାରେ ଏହାର ପ୍ରତିବାଦ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଅନ୍ୟପକ୍ଷେ ଏହି ପ୍ରତିବାଦରେ କରୋନା ଆଇନକୁ ହାତକୁ ନେଇଛନ୍ତି ବିଜେପି ନେତ୍ରୀ । ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଫଳରେ ଲକ୍ ଡାଉନ ଓ ସଟ୍ ଡାଉନ ରହିଥିବା ବେଳେ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯାଇଛି । ହେଲେ ଶହଶହ ଲୋକେ ଏକତ୍ର ହୋଇ କରୋନା ସଂକ୍ରମଣକୁ ଆମନ୍ତ୍ରଣ କରୁଥିବା ନେଇ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଜିଲା ପ୍ରଶାସନ ଏଦିଗରେ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

# ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ସର୍ବସାଧାରଣ ରାସ୍ତା ଅବରୋଧ

## ୩ ମାସ ହେଲା ୩୦ ପରିବାର ଗୃହବନ୍ଦୀ: ଗୁହାରୀ ଶୁଣୁ ନାହାନ୍ତି ତହସିଲଦାର

ହରିଚନ୍ଦନପୁର,୮/୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ସୁନାପେଣ୍ଠ ଗ୍ରାମପଂଚାୟତ କମଳାଙ୍ଗି ଗ୍ରାମ ବାଲିପଶି ସାହିର ୩୦ ପରିବାର ଏକ ପ୍ରକାର ଗୃହ ବନ୍ଦୀ ହୋଇ ଜୀବନ ବିତାଉଛନ୍ତି। ଏନେଇ ତହସିଲଦାରଙ୍କୁ ଅନେକଥର ଲିଖିତ ସହ ମୌଖିକ ଅଭିଯୋଗ କରିଆସୁଥିଲେ ମଧ ବାବୁ କିଛି ବୁଝୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ ସେହି ଗ୍ରାମର ଜଣେ ମୁଷ୍ଟିମେୟ ଲୋକ ସର୍ବସାଧାରଣ ରାସ୍ତାକୁ ନିଜ ଜାଗା କହି ବାଡ଼ ବୁଜି ରାସ୍ତା ଅବରୋଧ କରିଥିବାରୁ ସେଠାକାର ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବହୁବାର ସ୍ଥାନୀୟ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ତହସିଲଦାର ଏ କଥାକୁ ହାଲୁକା ଭାବରେ ନେଇ କିଛି ପଦକ୍ଷେପ ନନେଇ ଚୁପ୍ ହୋଇ ବସିଛନ୍ତି। ଅଭିଯୋଗକୁ ଦୀର୍ଘ ୩ମାସ ବିତିଲା ପରେ ଗତ ରବିବାର ସେହି ସ୍ଥାନରେ ପୁର୍ନବାର ଆଉ ଏକ ସ୍ଥାୟୀ ବାଡ଼ ପ୍ରସ୍ତୁତ କରିବା ଦେଖି ଗ୍ରାମବାସୀ ସଙ୍ଗେ ସଙ୍ଗେ ତହସିଲଦାରଙ୍କୁ ଫୋନ୍ କରିଥିଲେ। ହେଲେ ବାବୁ ଏହିଭଳି ବିପତି ସମୟରେ ଫୋନ୍ ଉଠାଇନଥିଲେ ଫଳରେ ସୋମବାର ସକାଳେ ଗ୍ରାମବାସୀ ନ୍ୟାୟ ଆଶାରେ ଏକତ୍ରିତ ହୋଇ ତହସିଲ କାର୍ଯ୍ୟାଳୟ ଘେରିଥିଲେ। ତହସିଲଦାର ବାବୁ ପହଂଚି ସମସ୍ୟାର ସମାଧାନ କରିବା ପରିବର୍ତେ ସେମାନଙ୍କ ସହ ଯୁକ୍ତିତର୍କ କରି ନାଲି ଆଖି ଦେଖାଇ ଥିଲେ। ଏସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ତହସିଲଦାରଙ୍କ ମତାମତ ନେବାକୁ ଉଦ୍ୟମ କରିଥିଲେ ମଧ କୌଣସି ପ୍ରତିକ୍ରିୟା ଦେଇନଥିଲେ। ଏଥିସହ ରାଗିଯାଇ ମିଡ଼ିଆ ବାଲାଙ୍କୁ କାହିଁକି ଡାକିଛ, ମିଡ଼ିଆ ବାଲାଙ୍କୁ ଡାକିଛ ମାନେ ମୁଁ ଆପଣମାନଙ୍କ ଅଭିଯୋଗ ଶୁଣିପାରିବି ନାହିଁ ବୋଲି କହି ଅଫିସ୍ ଭିତରକୁ ପ୍ରବେଶ କରିଥିଲେ। ଏସମସ୍ୟାର ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଆନ୍ଦୋଳନ ପନ୍ଥା ଆପଣେଇବାକୁ ଗ୍ରାମବାସୀଙ୍କ ଚେତାବନୀ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ୩୦ ପରିବାରର ସ୍ୱାର୍ଥକୁ ଆଖି ଆଗରେ ରଖି ଯଥାଶୀଘ୍ର ସମାଧାନର ପଦକ୍ଷେପ ଗ୍ରହଣ କରିବାକୁ ଏଅଂଚଳର ଜନସାଧାରଣରେ ଦାବି ହୋଇଛି।

## କଦଳୀ ଚୋପାର ଉପକାରିତା

କଦଳୀ ଏକ ପୌଷ୍ଟିକ ଫଳ । କିନ୍ତୁ ଏହା ସୌନ୍ଦର୍ଯ୍ୟ ପାଇଁ ମଧ ଉପକାରୀ ହୋଇଥାଏ । ବହୁତ କମ୍ ଲୋକ ଜାଣିଥିବେ ଯେ କଦଳୀ ଚୋପାକୁ ବ୍ୟବହାର କରି ସ୍କିନ୍ ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ କରିହେବ । ତେବେ କଦଳୀ ଚୋପାକୁ କିପରି ବ୍ୟବହାର କରିବା ଉଚିତ୍ ସେ ବିଷୟରେ ଜାଣିବା ।



♦ କଦଳୀ ଚୋପାକୁ ଆଣ୍ଟିଅକ୍ସିଡେଣ୍ଟ ଗୁଣ ଥାଏ ଯାହା ଚର୍ମରେ ଥିବା କୁଞ୍ଚନକୁ ଦୂର କରିବାରେ ସାହାଯ୍ୟ କରିଥାଏ । ସେଥିପାଇଁ ପ୍ରଥମେ ଚୋପାକୁ ଗ୍ରାଇଣ୍ଡିଂ କରି ସେଥିରେ ଦୁଇ ଚାମଚ ବାଦାମ ତେଲ ମିଶାଇ ମୁହଁରେ ଲଗାନ୍ତୁ । ୨୦ ମିନିଟ୍ ପରେ ମୁହଁ ଧୋଇଦିଅନ୍ତୁ ।

♦ ଦାନ୍ତର ହଳଦିଆ ଅଂଶରେ ମଧ କଦଳୀ ଚୋପା ପ୍ରଭାବ ପକାଇଥାଏ । ସପ୍ତାହେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳେ କଳଦୀ ଚୋପାକୁ ଦାନ୍ତରେ ଘଷିଲେ ଦାନ୍ତର ହଳଦିଆ ଅଂଶ ଦୂର ହୋଇଥାଏ ।

♦ ବ୍ରଣ ପାଇଁ କଦଳୀ ଚୋପା ଲାଭକାରୀ ହୋଇପାରେ । ସେଥିପାଇଁ କଦଳୀ ଚୋପାରେ ଅଳ୍ପ ମହୁ ଲଗାଇ ସେଥିରେ ବ୍ରଣ ଉପରେ ମାଲିସ୍ କରନ୍ତୁ । କିଛି ଦିନ ମଧରେ ବ୍ରଣ ଭଲ ହୋଇଯିବ ।



♦ ବ୍ଲାକ୍‌ହେଡ୍ ପାଇଁ କଦଳୀ ଚୋପାକୁ ହାତରେ ଦଳି ଦିଅନ୍ତୁ । ଏଥିରେ ଏକ ଛୋଟ ଚାମଚ ଲେମ୍ବୁ ରସ ଓ ଏକ ଚୁଟ୍‌କି ବେକିଙ୍ଗ ପାଉଡର ମିଶାଇ ବ୍ଲାକ୍‌ହେଡ୍ ଥିବା ସ୍ଥାନରେ ଲଗାଇ ରଖନ୍ତୁ । ୧୦ ମିନିଟ୍ ପରେ ଧୋଇଦିଅନ୍ତୁ । କିଛି ଦିନ ଭିତରେ ଫରକ ନଜର ଆସିବ ।

♦ ଆଖି ତଳେ ଯଦି କଳା ଦାଗ ଥାଏ, ସେଥିରେ ପାଚିଲା କଦଳୀ ଚୋପା ଲଗାନ୍ତୁ । ଏହାକୁ ଲାଗାଇବା ପୂର୍ବରୁ ଚୋପାକୁ ମିକ୍ସିରେ ପେସି ସେଥିରେ ଏଲୋଭେରା ଜେଲ୍ ମିଶାଇ କଳାଦାଗ ଥିବା ସ୍ଥାନରେ ଲଗାନ୍ତୁ । ଲଗାଇବା ପରେ କିଛି ସମୟ ରଖନ୍ତୁ । ଶୁଖିଗଲା ପରେ ସଫା ପାଣିରେ ମୁହଁ ଧୋଇଦିଅନ୍ତୁ ।

## ପାଉଁରୁଟିରେ ସୁଆଦିଆ ଜଳଖିଆ



ସକାଳୁ ଉଠିବା ପରେ ଗୃହିଣୀ ଓ କର୍ମଜୀବୀ ମହିଳାଙ୍କ ମୁଖ୍ୟ ଚିନ୍ତା ହେଲା, ଆଜିର ଜଳଖିଆ ପ୍ରସ୍ତୁତି କ'ଣ ହେବ ? ରୁଟି, ପରଟା ଇତ୍ୟାଦି ସହ ତରକାରି ନ ହେଲେ ଖାଦ୍ୟ ପାଟିକୁ ରୁଚିନଥାଏ । ଚଟାପଟ୍ ଜଳଖିଆ କରି ନିଶ୍ୱାସ ନେବାକୁ ଚାହୁଁଥିଲେ, ସପ୍ତାହରେ ୨-୩ଦିନ ପାଉଁରୁଟିରେ ଜଳଖିଆ ତିଆରି କରନ୍ତୁ । ଏସବୁ ବେଶ୍ ରୁଚିକର ହୋଇଥିବାବେଳେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ନୁହେଁ । ଭଲ କମ୍ପାନୀର ଓ ଏକ୍ସପାୟେରୀ ଡେଟ୍ ଥିବା ପାଉଁରୁଟି କିଣି ଆଣନ୍ତୁ । ଏଇ ସପ୍ତାହରେ ପାଉଁରୁଟିକୁ ନେଇ ଜଳଖିଆ ପ୍ରସ୍ତୁତ କରନ୍ତୁ । ଦେଖିବେ, ପିଲାଠାରୁ ବୟସ୍କ ସମସ୍ତେ ମନଭରି ଖାଇବେ ।

■ ପାଉଁରୁଟିକୁ ଟୋଷ୍ଟର୍ କିମ୍ବା ତାୱାରେ ଭଲ ଭାବେ ଗରମ କରି ଏଥିରେ ସୋୟାବିନ୍ ଓ ବିଭିନ୍ନ ପ୍ରକାର ଫଳର ପରସ୍ତ ପରସ୍ତ ଦେଇ ଖାଆନ୍ତୁ । ପୂର୍ବ ରାତିରୁ ସୋୟାବିନ୍‌କୁ ଅଳ୍ପ ଭାଜି ରଖିଦେଇଥିବେ । ସେଓ, ଅଙ୍ଗୁର, କମଳା, କଦଳୀକୁ ଛୋଟ ଆକାରରେ କାଟି ପାଉଁରୁଟି ଉପରେ ପରସ୍ତ ଭାବେ ସଜାଇ ଦେଇ ସପରିବାରେ ଖାଆନ୍ତୁ । ସମସ୍ତଙ୍କ ଖୁବ୍ ପସନ୍ଦ ଆସିବ ।

■ ପନିର୍ ପିଲାଙ୍କର ପ୍ରଥମ ପସନ୍ଦ । ରାତିରୁ ପନିର୍‌କୁ ଅଳ୍ପ ପିଆଜ ଦେଇ ଭାଜି ଫ୍ରିଜ୍‌ରେ ରଖିବେ । ସକାଳୁ ସେଥିରେ ଧନିଆ ପତ୍ର, ପୋଦିନା ପତ୍ର ଚୂନିଚୂନି କାଟି ମିଶାଇ ପାଉଁରୁଟିରେ ଦେଇ ସେକିଦିଅନ୍ତୁ । ଏହା ପନିର୍ ଟୋଷ୍ଟ ବ୍ରେଡ୍ । ଏପରି ଜଳଖିଆ ଖାଇଲେ ପେଟ ଭର୍ତ୍ତି ହେବା ସହ ଶରୀରକୁ ଶକ୍ତି ଯୋଗାଇଥାଏ ।

■ ମନପସନ୍ଦର ପରିବା ଯେପରି ବ୍ରୋକୋଲି, ଫୁଲକୋବି ଇତ୍ୟାଦିକୁ ଭାଜି କିମ୍ବା ସିଝାଇ ପରେ ଅଳ୍ପ ଗୋଲମରିଚ ଓ ଲୁଣ ମିଶାଇ ପାଉଁରୁଟିରେ ସେକି ଖାଆନ୍ତୁ । ଏହି ଜଳଖିଆର ସ୍ୱାଦ ମଧ ଖୁବ୍ ଭଲ ।



## ଆଳୁ ଓ ଧଣିଆ ପତ୍ର ତରକାରୀ

ଆଳୁ ଦମ ତ ସମସ୍ତେ ଖାଇଥିବେ । ଏବେ ଧଣିଆ ପତ୍ରରେ ତିଆରି ଗ୍ରେଭି ଓ ଆଳୁ ତରକାରି ଘରେ ପ୍ରସ୍ତୁତ କରି ଖାଆନ୍ତୁ । ଆଜି ଏହି ଭିନ୍ନ ପ୍ରକାରର ଆଳୁ ଦମ ବିଷୟରେ ଜାଣିବା । ଏହା ପ୍ରସ୍ତୁତ କରିବା ସହଜ ।

**ଆବଶ୍ୟକ ସାମଗ୍ରୀ:**
ଆଳୁ-୪୦୦ ଗ୍ରାମ, ଧଣିଆ ପତ୍ର-୧୦୦ ଗ୍ରାମ, କଞ୍ଚା ଲଙ୍କା-୨ଟି, ଅଦା-୧/୨ଇଞ୍ଚ, ଜିରା-୧/୨ ଚାମଚ, କସୁରୀ ମେଥି- ୧ ଚାମଚ, ଗୋଲମରିଚ-୪ଟି, ଗୁଜୁରାତି- ୨ ଟି, ଲବଙ୍ଗ-୨ଟି, ଲେମ୍ବୁ- ୧ଟା, ତେଲ- ୪ ଚାମଚ, ଲୁଣ - ସ୍ୱାଦ ଅନୁସାରେ ।

**ପ୍ରଣାଳୀ:**
ଏହି ତରକାରୀ ପାଇଁ ପ୍ରଥମେ ଆଳୁକୁ ସିଝାଇ ସେଥିରୁ ଚୋପା ଛଡେଇ ଦିଅନ୍ତୁ । ଏକ ପ୍ୟାନରେ ତେଲ ଗରମ କରି ଚୋପା ଛଡା ଯାଇଥିବା ଆଳୁକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ଦିଅନ୍ତୁ । ଚାରି ପାର୍ଶ୍ୱ ଭାଜି ହୋଇଗଲା ପରେ ଆଳୁକୁ ଏକ ପ୍ଲେଟରେ ବାହାର କରିଦିଅନ୍ତୁ । ଧଣିଆ ପତ୍ରର ମୋଟା ଡାଙ୍ଗକୁ କାଟି ବାହାର କରି ଧୋଇ ଦିଅନ୍ତୁ । ପାଣି ଶୁଖିଗଲା ପରେ ବଡ ବଡ ଖଣ୍ଡ କରି କାଟି ଦିଅନ୍ତୁ । କଞ୍ଚା ଲଙ୍କା, ଅଦାକୁ କାଟି ପାଣି ଦେଇ ଧଣିଆ ପତ୍ର ସହିତ ମିଶାଇ ମିକ୍ସିରେ ବାଟି ଦିଅନ୍ତୁ । ପ୍ୟାନରେ ୧ ଚାମଚ ଲେ ପକାଇ ସେଥିରେ ଜିରା, ଗୋଲମରିଚ, ଡାଲଚିନି ପକାଇ ଭାଜନ୍ତୁ । ଏବେ କସୁରୀ ମେଥି ପକାଇ ମିଶାନ୍ତୁ । ତା' ପରେ ଧଣିଆ ପତ୍ରର ପେଷ୍ଟ ମିଶାଇ ଅଧ କପ୍ ପାଣି ଦିଅନ୍ତୁ। ମସଲାରେ ଲୁଣ ଓ ଆଳୁ ଦିଅନ୍ତୁ । ଏହାକୁ ଭଲ ଭାବରେ ମିଶାନ୍ତୁ । ଆଳୁକୁ ଗ୍ରେଭି ସହିତ ୫ମିନିଟ୍ ମଧମ ଆଞ୍ଚରେ ରଖନ୍ତୁ । ଏବେ ଗ୍ୟାସ ବନ୍ଦ କରି ଲେମ୍ବୁ ରସ ପକାନ୍ତୁ । ଏହା ସହିତ ଭାତ, ରୁଟି, ବା ପରଟା ଖାଇ ପାରିବେ। ଲେମ୍ବୁ ରସ ବଦଳରେ ଆମଚୁର ପାଉଡର ମଧ ପକାଇ ପାରିବେ ।



## ଗ୍ରେଟ୍ ହିମାଳୟାନ୍ ନେସ୍‌ନାଲ୍ ପାର୍କ

ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାରେ 'ଗ୍ରେଟ୍ ହିମାଳୟାନ୍ ନେସ୍‌ନାଲ୍ ପାର୍କ' ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୧୫୦୦-୬୦୦୦ ମିଟର୍ ଉଚ୍ଚତାରେ ଏହି ଜାତୀୟ ଉଦ୍ୟାନ ପ୍ରାୟ ୧୧୭୧ ବର୍ଗ କିଲୋମିଟର୍ ଅଞ୍ଚଳକୁ ବ୍ୟାପ୍ତ । ୧୯୮୪ରେ ଏହି ଜାତୀୟ ଉଦ୍ୟାନ ସ୍ଥାପିତ ହୋଇଥିଲା । ଏହା ୩୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୮୧ ପ୍ରଜାତିର ପକ୍ଷୀ, ୩ ପ୍ରଜାତିର ସରୀସୃପ, ୯ ପ୍ରଜାତିର ଉଭୟଚର ପ୍ରାଣୀ, ୧୧ ପ୍ରଜାତିର ଅଙ୍ଗୁରୀୟମାଳ (annelid), ୧୭ ପ୍ରଜାତିର କମ୍ବୋଜ (mollusk), ୧୧୭ ପ୍ରଜାତିର କୀଟ-ପତଙ୍ଗଙ୍କ ବାସସ୍ଥାନ । ଏହି ଜାତୀୟ ଉଦ୍ୟାନ ମଧ୍ୟରେ ବିଭିନ୍ନ ଉଚ୍ଚତାରେ ଗୁଡିଏ ଉପତ୍ୟକା ଅବସ୍ଥିତ । କେବଳ ପାଦରେ ଚାଲିଚାଲି ସେସବୁ ଦେଖିବା ସଂଭବ । ସେପ୍‌ଟେମ୍ବର୍‌ରୁ ନଭେମ୍ବର୍ ସର୍ବୋତ୍ତମ ପର୍ଯ୍ୟଟନ କାଳ । ଏହି ସମୟରେ ନୀଳ ମେଷ, କସ୍ତୁରୀ ମୃଗ, ହିମ ତେନ୍ଦୁଆ, ବାଦାମୀ ଭଲ୍ଲୁକ, ପାହାଡୀ ଛଗଳ ଆଦି ଆଖିରେ ପଡନ୍ତି । ଏଠାରେ ଶିକାର ନିଷିଦ୍ଧ । ୨୦୧୪ ରେ ଏହି ଜାତୀୟ ଉଦ୍ୟାନକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା ।



## ସ୍ମୃତି ଶକ୍ତି ବଢ଼ାଇବାରେ ସହାୟକ ପାଣି

ସୁସ୍ଥ ଜୀବନଶୈଳୀ ନିମନ୍ତେ ଆବଶ୍ୟକ ପରିମାଣର ପାଣି ପିଇବା ନିତାନ୍ତ ଜରୁରୀ । ଖାଦ୍ୟ ବିଶେଷଜ୍ଞମାନେ ବରାବର ଏ ବାବଦରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି । ଏହା ସତ୍ତ୍ୱେ ଲୋକେ ପାଣି ପିଇବାରେ ଅବହେଳା କରିଥାନ୍ତି । ଜାପାନୀ ଗବେଷକଙ୍କ ଅନୁଧାନରୁ ସ୍ପଷ୍ଟ ହୋଇଛି, ପାଣି ନ ପିଇବା କାରଣରୁ ଆମ ସ୍ମୃତି ଶକ୍ତି ଓ ମାନସିକ ବିକାଶ ବାଧାପ୍ରାପ୍ତ ହୋଇଥାଏ ।



♦ ଅଧିକାଂଶ ଧାରଣା ଯେ ଶୋଷ ଲାଗିଲେ ହିଁ ପାଣି ପିଇବା ଦରକାର । ଶରୀରର ପ୍ରତ୍ୟେକ ଆବଶ୍ୟକତା ସମ୍ପର୍କରେ ଆମେ ଭଲଭାବେ ଅବଗତ ନଥାଉ । ଏଣୁ ପ୍ରତି ଘଣ୍ଟେ-ଦୁଇ ଘଣ୍ଟାରେ ଥରେ ପାଣି ପିଇବାର ଅଭ୍ୟାସ ଆରମ୍ଭ କରନ୍ତୁ । ସାଧା ପାଣି ନପିଇ ଜଣେ ଲେମ୍ବୁ ପାଣି, ମିଶ୍ରି ପାଣି କିମ୍ବା ଅନ୍ୟ କୌଣସି ପ୍ରକାର ଘରୋଇ ସରବତ ମଧ ପିଇପାରିବେ ।

♦ ଗ୍ରୀଷ୍ମ ଦିନ ଆରମ୍ଭରୁ ହିଁ ଏ ବାବଦରେ ସତର୍କ ରହିବା ଉଚିତ । ପାଣି ଆବଶ୍ୟକ ପରିମାଣରେ ପିଇଲେ ମାଇଗ୍ରେନ୍ ସମସ୍ୟା ହୋଇନଥାଏ । ୧୫ ହଜାର ଲୋକଙ୍କୁ ଅନୁଧାନ କରି ଜଣାପଡିଥିଲା, ନିୟମିତ ୯-୧୦ ଗିଲାସ ପାଣି ପିଇବା କାରଣରୁ ହିଁ ସେମାନଙ୍କ ସ୍ମୃତି ଶକ୍ତି ଭଲ ରହିଛି ।

♦ ଦିନର ଆରମ୍ଭ ଉଷୁମ ପାଣି ପିଇବାରେ କରିବା ଉଚିତ । ଅନ୍ୟ ସମୟରେ ଆପଣ ଫିଲଟର୍ ପାଣି ପିଇପାରନ୍ତି ।

## ରକ୍ତ ପୋଖରୀ

ଜାପାନ୍‌ର ବେପ୍ପୁ ସହର ସ୍ଥିତ ଚିନୋଏକି ଜିଗୋକୁ ଏକ ଅଦ୍ଭୁତ ପୋଖରୀ । ଜାପାନୀ ଶବ୍ଦ ଚିନୋଏକି ଜିଗୋକୁର ଅର୍ଥ 'ରକ୍ତିମ ନର୍କ ପୋଖରୀ' । ପୋଖରୀର ପାଣି ରକ୍ତ ଭଳି ଲାଲ୍ । ତେବେ ପାଣିପାଗ ଅନୁସାରେ ପୋଖରୀ ଜଳର ରଙ୍ଗ ପରିବର୍ତ୍ତନ ହୋଇଥାଏ । ଖରାଦିନେ, ପୋଖରୀ ରଙ୍ଗ ନାରଙ୍ଗୀ-ଲାଲ୍‌ରେ ବଦଳିଯାଏ । ବାଦଲ ଘୋଟିଥିଲେ ଉଜ୍ଜଳ ଲାଲ୍ ହୋଇଯାଏ । ଝଡ ତୋଫାନରେ ଏ ଅଞ୍ଚଳ ରହସ୍ୟମୟୀ ହୋଇଯାଏ ଅର୍ଥାତ ପୋଖରୀ ଜଳ ରକ୍ତ ଭଳି ଲାଲ୍ ହୋଇଯାଏ । ଅତ୍ୟଧିକ ପରିମାଣର ମ୍ୟାଗ୍ନେସିୟମ ଓ ଆଇରନ୍ ଅକ୍ସାଇଡ୍ ପାଇଁ ପାଣିର ରଙ୍ଗ ଲାଲ୍ ହୋଇଥାଏ । ପାଣି ତଳେ ଗୁମ୍ଫାରେ ଥିବା ଝରଣାରୁ ପ୍ରତି ରାତିରେ ୫୦ ହଜାର କ୍ୟୁବିକ୍ ମିଟରରୁ ଅଧିକ ଜଳ ଝରିଥାଏ । ଏହି ପାଣି ସମୟ ସମୟରେ ଗୁମ୍ଫାକୁ ଭରିଯାଏ ଏବଂ ମାଗ୍‌ମା ଉତପ୍ତ ହେବାରୁ ପାଣି ଫୁଟେ ।

## ଗଛରେ ଚଢ଼ିବା ଲାଗି ବାଘକୁ ଦିଆଯାଉଛି ଟ୍ରେନିଂ

ବିଟ୍ରେନ୍‌ର ଜେଡ୍‌ଏସ୍‌ଏଲ୍ ୱିପ୍ସନାଡେ ଚିଡିଆଖାନା ଏବେ ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏଥିରେ ଥିବା ଚାରି ସାଇବେରିଆନ୍ ବାଘକୁ ଶିକାର କରାଇବା ଏବଂ ଗଛ ଚଢ଼ିବାର କୌଶଳ ଶିକ୍ଷା ଦିଆଯାଉଥିବାରୁ ବର୍ତ୍ତମାନ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି । ଏହି ଚିଡିଆଖାନାର ଅଧିକାରୀଙ୍କ କହିବା ମୁତାବକ, ଏଥିରେ ଥିବା ଦୁଇଟି ବାଘ ଓ ବାଘୁଣି ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ଉତ୍ତମ ଚିକିତ୍ସା ପରେ ଏହି ଦୁଇ ବାଘ ସୁସ୍ଥ ହୋଇଥିଲେ । ତେବେ ସେବେଠାରୁ ବୋଟ୍ସମ୍ୟାନ୍ ଏବଂ ନାୟା ନାମ୍ନୀ ଏହି ବାଘ ଓ ବାଘୁଣୀକୁ ଚିଡିଖାନା ପକ୍ଷରୁ ଶିକାର କରିବାର କୌଶଳ ଏବଂ ଗଛ ଚଢିବା ଲାଗି ତାଲିମ୍ ଦିଆଯାଉଛି । ସୂଚନା ଥାଉ ଯେ, ଏହି ବାଘ ଓ ବାଘୁଣୀ ସହିତ ସେମାନଙ୍କର ୧୯ ମାସର ଦୁଇଟି ଶାବକକୁ ମଧ ଶିକାର କରିବାର ପ୍ରଶିକ୍ଷଣ ଦିଆଯାଉଛି ।



## କ୍ଷୀର ସହ ଏସବୁ ଖାଆନ୍ତୁ ନାହିଁ

କ୍ଷୀର ସହ କୋଳଥଡାଲି, ଲେମ୍ବୁ, ପଣସ, ମୂଳା, କଲରା କିମ୍ବା ଲୁଣ ଖାଆନ୍ତୁ ନାହିଁ । କାରଣ ଏହାଦ୍ୱାରା ଚର୍ମ ରୋଗ, ଦାନ୍ତରୋଗ, କୁଣ୍ଡାଇ ହେବାପରି ସମସ୍ୟା ଦେଖାଯାଏ । କ୍ଷୀର ସହିତ ମୁଗ, ହରଡ଼, ଚଣା ଆଦି ସମସ୍ତ ପ୍ରକାର ଡାଲି ଖାଆନ୍ତୁ ନାହିଁ । କାରଣ ଏହାଦ୍ୱାରା ହୃଦ୍‌ରୋଗ ଆଶଙ୍କା ବଢ଼େ । ଗାଜର, କନ୍ଦମୂଳ, ତେଲ, ଗୁଡ଼, ମହୁ, ଦହି, ନଡ଼ିଆ, ରସୁଣ, ସାରୁ ଓ ତେଲିଆ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଖଟା ଓ ଲୁଣିଆ ପଦର୍ଥ କ୍ଷୀର ସହ ଖାଆନ୍ତୁ ନରହିଁ । କାରଣ ଏହାଦ୍ୱାରା ବଦ୍‌ହଜମି ସମସ୍ୟା ଦେଖାଯାଏ । ଯେ କୌଣସି ଆମିଷ ପଦାର୍ଥ ଖାଇବା ପରେ କ୍ଷୀର ପିଅନ୍ତୁନାହିଁ ।



## ସବୁବେଳେ ଆଲମଣ୍ଡ ଖାଇବା ଦ୍ୱାରା ଏହି ଲାଭ ମିଳିଥାଏ

ସାଧାରଣତଃ ଭାବରେ ଆଲମଣ୍ଡ ସମସ୍ତେ ଖାଇ ଥାଆନ୍ତି ଏବଂ ଏହା ସସମସ୍ତଙ୍କୁ ଭଲ ମଧ ଲାଗିଥାଏ । କିନ୍ତୁ ଆପଣମାନେ ଜାଣିଛନ୍ତି କି ଆଲମଣ୍ଡ ଖାଇବା ଦ୍ୱାରା ଶରୀରକୁ କ'ଣ ଲାଭ ମିଳିଥାଏ ମିନେରାଲ, ଭିଟାମିନ୍ ଏବଂ ଫାଇବରରେ ଭରପୁର ଥିବା ବାଦାମ ଦିନକୁ ୪-୫ଟି ଖାଇବା ଦ୍ୱାରା ରକ୍ତ ଶର୍କରା ,ହୃଦଜନିତ ରୋଗ ହେବାର ଆଶଙ୍କା କମ ହୋଇଥାଏ । ଏହା ସହ ଛୋଟ ପିଲାମାନେ ଏହାକୁ ଖାଇବା ଦ୍ୱାରା ସେମାନେ ଚାଲାକ ହେବା ସହ ଲୋକମାନଙ୍କର ମଧୁମେହ ରୋଗ ମଧ ନିୟନ୍ତ୍ରଣ ହୋଇ ରହିଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୯ ଜୁନ୍ ୨୦୨୧, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିମ୍ନଗାମୀ ଅର୍ଥନୀତି...

ସାରା ବିଶ୍ୱରେ କରୋନା ଭୂତାଣୁ ବର୍ଷ ପରେ ବର୍ଷ ବିକଟାଳ ରୂପ ଦେଖାଇ ଚାଲିଥିବା ଭିତରେ କେଇଦିନ ହେଲା ଭାରତର ବିଭିନ୍ନ ରାଜ୍ୟରେ ସଂକ୍ରମଣ ଓ ମୃତ୍ୟୁହାରରେ ନିମ୍ନଗତି ଦେଖାଯିବା ଆଶ୍ୱସ୍ତି ଆଣିଦେଲା ଭଳି ସ୍ଥିତି ସୃଷ୍ଟି ହୋଇଛି । ବିଶ୍ୱର ୩୭.୪୩ ଲକ୍ଷ ଜଣଙ୍କର କରୋନା ମୃତ୍ୟୁ ହେବା ସମସ୍ତଙ୍କ ପାଇଁ ଘୋର ଚିନ୍ତା ଓ ଉଦ୍‌ବେଗର କାରଣ ହୋଇ ରହିଛି । ଆମ ଦେଶର ରାଜ୍ୟ ତଥା ଜିଲ୍ଲାୱାରି ହିସାବ ଦେଖାଗଲେ ଜାଣିହେବ ଯେ, ରେଡ୍ ଜୋନ୍‌ରୁ ଗୋଟିକ ପରେ ଗୋଟିଏ ଅଂଚଳ ଗ୍ରୀନ୍ ଜୋନ୍ ହେବାରେ ଲାଗିଛି । ବିଭିନ୍ନ ପର୍ଯ୍ୟାୟରେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଲଗାଯିବା ସହ ଲୋକମାନଙ୍କର କଟକଣା ନେଇ ସହଯୋଗର ଏହା ସୁଫଳ ବୋଲି କହିପାରିବା । ମାତ୍ର ବିଭିନ୍ନ ସୂତ୍ରରୁ ମିଳୁଥିବା ସୂଚନା ବେଳେବେଳେ ଚିନ୍ତାର କାରଣ ହେଉଥିବା ଦେଖାଦେଇଛି । ସମ୍ଭାବ୍ୟ ତୃତୀୟ ଲହର ଅଳ୍ପ ବୟସର ପିଲାମାନଙ୍କ ପାଇଁ ଘାତକ ହେବ ବୋଲି କୁହାଯାଉଛି । କେବଳ କୁହାଯାଉନାହିଁ, କାଶ, ଥଣ୍ଡା ଓ ଜ୍ୱର ଇତ୍ୟାଦିରେ ଆକ୍ରାନ୍ତ ସଙ୍କେତ ଦେବାରେ ଲାଗିଛି ।

ମହାରାଷ୍ଟ୍ର, ଦିଲ୍ଲୀ ଓ ଅନ୍ୟ ସ୍ଥାନଗୁଡ଼ିକରେ ସଂକ୍ରମଣର ହାର ଆଖିଦୃଶିଆ ଭାବେ ଊଣା ହୋଇଥିବାରୁ ସମ୍ପୃକ୍ତ ରାଜ୍ୟର ପ୍ରଶାସନ ଲକ୍‌ଡାଉନ୍ କଟକଣା କୋହଳ କରିଦେବାର ଦେଖାଯାଉଛି । କଟକଣା କୋହଳ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ କରାଯାଉଛି । ଦିଲ୍ଲୀରେ ଦୋକାନ ମଲ୍‌ଗୁଡ଼ିକୁ ଯୁଗ୍ମ-ଅଯୁଗ୍ମ ସୂତ୍ରରେ ଖୋଲି ଦିଆଯିବା ବେଳେ ମେଟ୍ରୋ ଓ ଅନ୍ୟ ଗାଡ଼ିଗୁଡ଼ିକୁ ଅଧାଯାତ୍ରୀ ନେଇ ଚଳାଚଳ କରିବ । ଏକସମୟରେ ମହାରାଷ୍ଟ୍ର ଦେଶର ସବୁଠାରୁ ଅଧିକ ସଂକ୍ରମିତ ଥିଲା, ସେଠାରେ ସ୍ଥିତି ବହୁଭାବରେ ସୁଧୁରିଲାଣି । ସେହି ରାଜ୍ୟ ଜିଲ୍ଲାର ସ୍ଥିତିକୁ ଦେଖି ପର୍ଯ୍ୟାୟକ୍ରମେ କିଭଳି କଟକଟା କୋହଳ କରାଯିବ, ସେଥିନେଇ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ହନ୍ତସନ୍ତ ହୋଇ ରହିଥିବା ଲୋକମାନେ ଆଶ୍ୱସ୍ତିର ନିଃଶ୍ୱାସ ନେଇପାରିବେ । ଅନ୍ୟ ରାଜ୍ୟଗୁଡ଼ିକରେ; ଯେଉଁଠି ଏବେସୁଦ୍ଧା ସଂକ୍ରମଣ ଲାଗିରହିଛି, ସେହି ରାଜ୍ୟଗୁଡ଼ିକରେ ଆପାତତଃ ଲକ୍‌ଡାଉନ୍ କଟକଣା ରହିବ, ମାତ୍ର ଦୀର୍ଘକାଳ ନୁହେଁ । ସମସ୍ତଙ୍କର ତିକ୍ତ ଅନୁଭୂତି ଭିତରେ ଦେଖାଯାଉଛି ଯେ, ଦେଶ ତଥା ବିଦେଶରେ କରୋନାର ଚୋଟ ଅର୍ଥନୀତି ଉପରେ ଲାଗିଛି । ଲକ୍ଷ ନୁହେଁ କୋଟି ସଂଖ୍ୟାରେ ଯୁବକ-ଯୁବତୀ କର୍ମଚ୍ୟୁତ ହୋଇଛନ୍ତି । ନିର୍ମାଣଠାରୁ ଆରମ୍ଭ କରି ହୋଟେଲ ତଥା ପର୍ଯ୍ୟଟନ ଏବଂ ଅନ୍ୟ ଶିଳ୍ପ ଉପରେ ପଡ଼ିଛି ଅତ୍ୟନ୍ତ କଠୋର କୁପ୍ରଭାବ । ନୂଆ ନିଯୁକ୍ତି ଦ୍ୱାର ବନ୍ଦ କରିଦେଇଛି କରୋନା । ଏକ ହିସାବ କହୁଛି: ପୂର୍ବ ଲହର କଥା ଯେମିତି ଭୟାନକ ଥିଲା, ତାହାଠାରୁ ଦ୍ୱିତୀୟ ଲହର ପ୍ରଭାବରେ କେବଳ ଭାରତରେ ୯୭% ପରିବାରଙ୍କର ଆୟ ବା ଉପାର୍ଜନ ହ୍ରାସ ପାଇଛି । ଯେଉଁମାନଙ୍କର ଚାକିରି ହେଉ କି' ଅନ୍ୟ କିଛି ସୂତ୍ରରୁ ଉପାର୍ଜନ ଥିଲା, ସେମାନେ ତାହା ହରାଇ ସାରିଛନ୍ତି । ହିସାବ କହୁଛି: କେବଳ ଦ୍ୱିତୀୟ ଲହରରେ ଅଦ୍ୟାପି କୋଟିଏ ଭାରତୀୟ ବେକାର ହୋଇ ସାରିଲେଣି । କେବଳ ଆୟୁ ନୁହେଁ, ଆୟ ମଧ୍ୟ ଲୋପ କରିଦେବାକୁ ବସିଛି କରୋନା । ଲହର ପରେ ଲହର ଲାଗିରହିଲେ କିଭଳି ଦୁଃସ୍ଥିତି ଦୂର ହେବ ବୋଲି ଆଶା କରିହେବ? ଏହିଭଳି ଅବସ୍ଥା ଭିତରେ ତଥ୍ୟାଭିଜ୍ଞ ମହଲ ଆଶଙ୍କା କରିସାରିଲେଣି ଯେ, ଭଲ ଚାକିରି ପାଇବାକୁ ହେଲେ ଅତିକମ୍‌ରେ ବର୍ଷେ ଅପେକ୍ଷା କରିବାକୁ ପଡ଼ିପାରେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଂକ୍ରମଣ ନିୟନ୍ତ୍ରଣ ପାଇଁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରୁଥିବା ଜଣାଉଥିବା ଭିତରେ ଟିକା ନେଇ ଯେମିତି ଅସୁନ୍ଦର ଚର୍ଚ୍ଚା ଚାଲିଥିବାର ଦେଖାଯାଉଛି, ସେଥିରେର ଦେଶବାସୀ ବିସ୍ମିତ ହେବା ଛଡ଼ା ରାସ୍ତା ନାହିଁ । ଏମିତିରେ କରୋନା ମାଡ଼, ସେମିତି ଦେଖିଲେ ଟିକାପାଇଁ ଚାହିଁ ରହିଥିବା କୋଟି କୋଟି ଜନତା ହତାଶାଗ୍ରସ୍ତ । ସବୁ ଭେଦଭାବ ଭୁଲି ରାଜ୍ୟ ଓ କେନ୍ଦ୍ର ଦେଶବାସୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ସ୍ୱାର୍ଥରେ ହାତମିଳାଇ କାର୍ଯ୍ୟକଲେ ହିଁ କରୋନା ବିରୋଧୀ ଲଢ଼େଇରେ ବିଜୟ ସମ୍ଭବ । ଏହା ଭିତରେ ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ଟିକା ଆଣିବା ପାଇଁ ବିଦେଶୀ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗରେ ଥିଲେ । ସେଥିରୁ କିଛି ସୁଫଳ ଆଶା କରାଯାଉଥିବା ସମୟରେ ହଠାତ୍ ନିର୍ଦ୍ଦିଷ୍ଟ ମହଲରୁ କେଁ ପଶିଯିବା କାହା ସ୍ୱାର୍ଥରେ,ତାହା ବୁଦ୍ଧିଜୀବୀ ମହଲର ପ୍ରଶ୍ନ । ମାତ୍ର ଟିକା ନିର୍ମାତା ସଂସ୍ଥାଗୁଡ଼ିକ କେବଳ କେନ୍ଦ୍ର ସରକାର ଟିକା ପାଇବା ପାଇଁ ଅଧିକୃତ ବୋଲି ଦର୍ଶାଯାଉଥିବାରୁ, ଏ ନେଇ କିଛି ବଡ଼-ସାନ ଅନିଶ୍ଚିତତା ଲାଗି ରହିଥିଲେ ସୁଦ୍ଧା ସାର୍ବଜନୀନ ଟିକାକରଣ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ତାହା ଅବଶ୍ୟ ପୂରଣ ହୋଇପାରିବା ନେଇ ସମସ୍ତେ ଊଣାଅଧିକେ ଆଶାବାଦୀ ବୋଲି କୁହାଯାଇପାରିବ ।

## କବିତା କୋଣାର୍କ



### ବିମୁଗ୍ଧା ନାୟିକା....

ନିରଞ୍ଜନ ସାହୁ

ସକାଳ ହୋଇଲେ ବିଭୁ ସୁମରି ମୁଁ
ତୁମରି ମଙ୍ଗଳ ପାଞ୍ଚେ
ତୁମ ଆଧାରରେ କବିତା ଲେଖି ମୁଁ
କବି ଜୀବନରେ ବଞ୍ଚେ।

ତୁମେ ସାଜ ମୋର କବିତା ପୃଷ୍ଠାରେ
ବିମୁଗ୍ଧା ନାୟିକାଟିଏ
ସଭିଏଁ କୁହନ୍ତି କୁହ ଆହେ କବି
କବିତା ନାୟିକା କିଏ
ସଭିଙ୍କୁ ଉତ୍ତର ଦେଇପାରେ ନାହିଁ
ଜନତାର ପ୍ରଶ୍ନ ମଞ୍ଚେ।

ତୁମେ କୁହ ମୋତେ କେମିତି କହିବି
ଇଏ ତ ଗୋପନ କଥା
ଦେଖି ପାରିବେନି ସହି ପାରିବେନି
କହିବେ ଲଗାଇ ନଥା
ସେଥିପାଇଁ କିଏ ଆଲୋଚନା କଲେ
ଆପେ ମୁଁ ସେଠାରୁ ଘୁଞ୍ଚେ ।


+ ନିହଲ ପ୍ରସାଦ, ଗନ୍ଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ:୯୯୩୮୭୪୧୫୮୩


## ମହାନ୍ ଜନନାୟିକା ନନ୍ଦିନୀ ଶତପଥି



ବିଶ୍ୱବିଜୟୀ ଦାଶ



୧୯୩୧ ମସିହା ଜୁନ ୯ ତାରିଖରେ କଟକ ଜିଲ୍ଲାର ପିଠାପୁର ଗ୍ରାମରେ ଓଡ଼ିଶାର ସୁନାମଧନ୍ୟ ଲେଖକ କାଳିନ୍ଦୀ ଚ଼ରଣ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ଓ ରତ୍ନମଣି ଦେବୀଙ୍କ କୋଳ ମଣ୍ଡନ କରି ସେଦିନ ଯେଉଁ କନ୍ୟା ରତ୍ନଟି ଜନ୍ମ ନେଇଥିଲା, ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଓଡ଼ିଶା ମାଟିର ଗର୍ବ ଓ ଗୌରବର ପ୍ରତୀକ ନନ୍ଦିନୀ ପାଣିଗ୍ରାହୀ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ତଥା ଦେଶରେ ସେ ନନ୍ଦିନୀ ଶତପଥି ଭାବେ ସୁପରିଚ଼ିତା ହୋଇଥିଲେ। ସେ ମଧ୍ୟ ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ପ୍ରବର୍ତ୍ତକ ଭଗବତୀ ପାଣିଗ୍ରାହୀଙ୍କର ସେ ଝିଆରୀ ଓ ସ୍ୱାଧୀନତା ସଂଗ୍ରାମୀ ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ନାତୁଣୀ ଥିଲେ।

ବାଲ୍ୟକାଳରୁ ତାଙ୍କ ପିତା କାଳିନ୍ଦୀ ଚ଼ରଣ ପାଣିଗ୍ରାହୀ ଓ କକା ଭଗବତୀ ପାଣିଗ୍ରାହୀ ଙ୍କ ଆଦର୍ଶ ର ପ୍ରଭାବ ପଡ଼ିଥିଲା ନନ୍ଦିନୀ ଶତପଥି ଙ୍କ ଉପରେ। ସେ ଛୋଟ ବେଳୁ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଥିଲେ ପ୍ରତିଜ୍ଞାବଦ୍ଧ। ସେ ପାଠ ପଢ଼ୁଥିଲେ, ଏଣେ ଦେଶ କଥା ଭାବୁଥିଲେ। ବ୍ରିଟିଶ ଶାସନ ବିରୁଦ୍ଧରେ ହେଉ କି ଅନ୍ୟାୟ ବିରୁଦ୍ଧରେ ହେଉ କି ଛାତ୍ରଛାତ୍ରୀ ମାନଙ୍କର ହକ୍ ପାଇଁ ହେଉ ସବୁଠି ଶୁଭୁଥିଲା ତାଙ୍କରି ସ୍ୱର।

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ବେଳର କଥା। ନନ୍ଦିନୀ ଦେବୀ ସେତେବେଳେ କଟକ ପ୍ରାକ୍ଟିସିଂ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ। ଦିନେ ଶ୍ରେଣୀଗୃହରେ ପ୍ରଧାନଶିକ୍ଷକ ଗଣିତ ପଢ଼ାଉଥିବା ବେଳେ ସ୍କୁଲ ପାଖ ଦେଇ ଅତିକ୍ରମ କଲା ସତ୍ୟାଗ୍ରହୀମାନଙ୍କର ଏକ ବିରାଟ ପଟୁଆର। ଅନ୍ୟ ପିଲାଙ୍କ ସହିତ ଶୃଙ୍ଖଳିତ ଭାବରେ ବସି ପାଠପଢ଼ାରେ ଧ୍ୟାନ ଦେଇଥିବା ନନ୍ଦିନୀଙ୍କୁ ବିଚଳିତ କରିଦେଲା ସତ୍ୟାଗ୍ରହୀମାନଙ୍କର ଇନ୍‌କିଲାବ ଜିନ୍ଦାବାଦ୍ ଧ୍ୱନି। ସେଥିରେ ସେ ଏଭଳି ମନ୍ତ୍ରମୁଗ୍ଧ ହୋଇଯାଇଥିଲେ ଯେ ଶ୍ରେଣୀଗୃହ ଶୃଙ୍ଖଳାର କୃତ୍ରିମ ବନ୍ଧନ ଛିଡ଼ାଇ ବାହାରକୁ ଧାଇଁଲେ ଓ ସ୍କୁଲ ପାଚେରି ଡେଇଁ ସାମିଲ ହୋଇଗଲେ ସତ୍ୟାଗ୍ରହ ଶୋଭାଯାତ୍ରାରେ। ସେତେବେଳେ ସହରସାରା ଏହା ଚର୍ଚ୍ଚାର ବିଷୟ ହୋଇଥିଲା ଏବଂ ସମସ୍ତଙ୍କୁ ବିସ୍ମୟବିମୁଗ୍ଧ କରିଦେଇଥିଲା ଚର୍ଚ୍ଚିତା ଛାତ୍ରୀଟିର ଦେଶପ୍ରେମ ଓ ସାହସିକତା।

ସେ ଜଣେ ଅପ୍ରତିଦ୍ୱନ୍ଦୀ ତଥା ସାଲିସ୍ ବିହୀନ ନେତ୍ରୀ ଭାବେ ଯେତିକି ପରିଚ଼ିତା ସେତିକି ଜଣେ ସୁସାହିତ୍ୟିକା ହିସାବରେ ମଧ୍ୟ ପରିଚ଼ିତା। ତାଙ୍କ ଲିଖିତ ଗଳ୍ପ ଅନାଥ, କେତୋଟି କଥା,ସପ୍ତଦଶୀ ଆଦି।ତାଙ୍କ ଲିଖିତ ଉପନ୍ୟାସ ହେଲା ଟିକି ସୁନା ହଜିଗଲା।

ନନ୍ଦିନୀ ଦେବୀ ୧୯୪୬ ମସିହାରେ ମହାବିଦ୍ୟାଳୟ କୋଠା ଉପରୁ ୟୁନିୟନ ଜ୍ୟାକ ପତାକା ଓହ୍ଲାଇ ନିଜ ସାହସିକତାର ପରିଚୟ ଦେଇଥିଲେ । କଟକର ଝିଅ ନନ୍ଦିନୀ ଦେବୀ ତାଙ୍କ ବିପ୍ଳବୀ ଜୀବନର ବନ୍ଧୁ ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରି ଢେଙ୍କାନାଳର ବୋହୂ ହୋଇଥିଲେ । ଦେବେନ୍ଦ୍ର ଢ଼େଙ୍କାନାଳରୁ ଲୋକସଭା ସାଂସଦ ଭାବେ ଦୁଇ ଥର ନିର୍ବାଚ଼ିତ ହୋଇଥିଲେ।

ନନ୍ଦିନୀ ଶତପଥି ୧୯୬୨ରୁ ୨୦୦୦ ମସିହା ପର୍ଯ୍ୟନ୍ତ ପ୍ରାୟ ଚ଼ାରି ଦଶନ୍ଧି ଧରି ଓଡ଼ିଶା ତଥା ଜାତୀୟ ରାଜନୀତି କୁ ପ୍ରଭାବିତ କରିଥିଲେ।

ପ୍ରଥମେ ୧୯୬୨ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଓ କେନ୍ଦ୍ର ପ୍ରଚାର ଓ ସୂଚନା ବିଭାଗର ଉପମନ୍ତ୍ରୀ ହୋଇଥିଲେ। ୧୯୬୮ରେ ସେ ପୁଣିଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ର ପ୍ରଚାର ଓ ସୂଚନା ବିଭାଗର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ।

୧୯୭୨ ମସିହାରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିବା ସହିତ ୧୯୭୩ ମସିହା ପର୍ଯ୍ୟନ୍ତ ଏହି ପଦବୀ ରେ ରହିଥିଲେ। ପରବର୍ତ୍ତୀ ସମୟରେ ପୁଣି ୧୯୭୪ରୁ ୧୯୭୬ ଯାଏଁ ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ ଓଡ଼ିଶାର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

୧୯୭୨, ୧୯୭୪, ୧୯୭୭, ୧୯୮୦, ୧୯୮୫,୧୯୯୦,୧୯୯୫ ଯାଏଁ ସାତଥର ବିଧାନସଭାକୁ ନିର୍ବାଚ଼ିତ ହୋଇଥିଲେ। ଏଥି ସହିତ ୧୯୮୯ ଓ ୧୯୯୫ ରେ ରାଜ୍ୟ ଯୋଜନା ବୋର୍ଡ଼ର ଅଧ୍ୟକ୍ଷା ଭାବେ କାର୍ଯ୍ୟକରି ନିଜର ପାରିଦର୍ଶିତାର ପ୍ରମାଣ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକଳାପକୁ ଏବେବି ଜନସାଧାରଣ ଶ୍ରଦ୍ଧା ଓ ସମ୍ମାନର ସହ ମନେ ରଖିଛନ୍ତି।

ପ୍ରଶାସନକୁ ଲୋକାଭିମୁଖୀ କରିବା ଓ କର୍ମଚ଼ରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା କୌଶଳ ତାଙ୍କୁ ବେଶ୍ ଜଣାଥିଲା । ଗୋଟିଏ ପଟେ ପ୍ରଶାସନକୁ ନିୟନ୍ତ୍ରଣ କରି ନିଜର ପାରଦର୍ଶିତା ପ୍ରମାଣ କରିବା ସହ କର୍ମଚ଼ରୀଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା ପାଇଁ ସେମାନଙ୍କୁ ଅନେକ ସୁବିଧା ସୁଯୋଗ ପ୍ରଦାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ସରେଣ୍ଡର ଲିଭ୍, ଅବସରକାଳୀନ ଭତ୍ତା ଓ ରିହାବିଲିଟେସନ୍ ସ୍କିମ୍ରେ ଚ଼ାକିରି ଆଦି ପ୍ରଦାନ ଏହାର ଗୋଟିଏ ଗୋଟିଏ ନିଚ୍ଛକ ଉଦାହରଣ ।

ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସର୍ବଦା ଚ଼େଷ୍ଟିତ ଥିଲେ। ସେ ବୁଝିଥିଲେ ଶିଳ୍ପ, କୃଷି, ଜଳସେଚ଼ନ ଓ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ନ ଆସିଲେ ଓଡ଼ିଶାରେ ଆଖି ଦୃଶିଆ ପ୍ରଗତି ହୋଇପାରିବ ନାହିଁ। ଏହାକୁ ଆଖିଆଗରେ ରଖି ସେ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ପରିଚ଼ାଳନା କମିଟିର ପ୍ରତ୍ୟକ୍ଷ ନିୟନ୍ତ୍ରଣରୁ ମୁକ୍ତ କରି ୧୯୭୪ ମସିହାରେ ପ୍ରଚଳନ କରିଥିଲେ ଯୁଗାନ୍ତକାରୀ ଓ ବହୁଚର୍ଚ୍ଚିତ ପ୍ରତ୍ୟକ୍ଷ ଅନୁଦାନ ଆଇନ୍। ରାଜ୍ୟର ସମୃଦ୍ଧି ନିମନ୍ତେ ଶିଳ୍ପ କ୍ଷେତ୍ରରେ ବହୁ ବିକାଶ କରିଥିଲେ। ସେହିପରି ଖଟିଖିଆ, ଭୂମିହୀନ, ନାମମାତ୍ର ଚ଼ାଷୀଙ୍କ ଦୁଃସ୍ଥିତି କୁ ସୁଧାରିବା ପାଇଁ ସେ ଆରମ୍ଭ କରିଥିଲେ ଐତିହାସିକ ଭୂସଂସ୍କାର ଆଇନ୍।

ସେ ରାଜନୀତି ଭିତରେ ଥାଇ ମଧ୍ୟ ସାହିତ୍ୟ ସାଧନାରୁ କେବେ ବିରତି ନେଇନଥିଲେ। ଓଡ଼ିଆ ସାହିତ୍ୟର ବିସ୍ତୀର୍ଣ୍ଣ ଇଲାକାରେ ସେ ସ୍ୱକୀୟ ଛାପ ଛାଡ଼ି ଯାଇଛନ୍ତି। ତାଙ୍କ ଲେଖିବାର ଢ଼ଙ୍ଗ ଓ ଶୈଳୀ ନିଆରାବିଶେଷ କରି ଅନୁବାଦ କ୍ଷେତ୍ରରେ ତାଙ୍କ ବିଚ଼କ୍ଷଣତା ବେଶ ବାରି ହୋଇ ପଡୁଥିଲା।

ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ କୃତିତ୍ୱ ପାଇଁ ନନ୍ଦିନୀ ଶତପଥିଙ୍କୁ ମିଳିଥିଲା ୧୯୯୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର। ଏଥି ସହିତ ପ୍ରଜାତନ୍ତ୍ର ପ୍ରଚ଼ାର ସମିତି ପୁରସ୍କାର ଓ ସାହିତ୍ୟ ଭାରତୀ ସମ୍ମାନ ମିଳିଥିଲା।

ଗଣତନ୍ତ୍ରର ସେ ଥିଲେ ଜାଗ୍ରତ ପ୍ରହରୀ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦ ପତ୍ର "ଧରିତ୍ରୀ" ଯାହା ଆଜି ସମ୍ବାଦପତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏହା ପଛରେ ରହିଛି ସେହି ମହୀୟସୀ ମହିଳାଙ୍କ ନିରନ୍ତର ଉଦ୍ୟମର ଫଳଶ୍ରୁତି।

ସେହି ମହାନ ଜନନାୟିକା ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ ଏ ଦୁନିଆ ଛାଡ଼ି ଚ଼ାଲିଗଲେ,ସେ ଆଜି ଆମ ଗହଣରେ ନାହାନ୍ତି ସତ,କିନ୍ତୁ ଓଡ଼ିଶାର ପ୍ରତିଟି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସବୁଦିନ ଚ଼ିରସ୍ମରଣୀୟ ହୋଇ ରହିବେ।

ଓଡ଼ିଶାର ଲୌହମାନବୀ ଭାବେ ନନ୍ଦିନୀ ଶତପଥି ସୁପରିଚ଼ିତା।

ସେ ଏକାଧାରାରେ ଜଣେ ସୁସାହିତ୍ୟିକା, ସୁଶାସିକା,ଦରଦୀ ଜନନେତ୍ରୀ, ତଥା ଶିକ୍ଷା, କୃଷି ଓ ଶିଳ୍ପାୟନର ମୁଖ୍ୟ ବିନ୍ଧାଣୀ। ଆଜି ତାଙ୍କର ଜନ୍ମ ଜୟନ୍ତୀ ଅବସରରେ ତାଙ୍କୁ ମୋର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଓ ଭୂମିଷ୍ଠ ପ୍ରଣାମ।


+ ଗମ୍ଭାରିମୁଣ୍ଡା,ବାଣପୁର, ଖୋର୍ଦ୍ଧା
ପିନ୍ - ୭୫୨୦୩୫
(ମୋ) ୬୩୭୦୨୦୮୪୨୮


## ସତରେ ସମୟ କେଡେ ବିଚିତ୍ର



ରଶ୍ମି ସାମଲ

ସମୟ ସତେ କେତେ ବିଚିତ୍ର ବିଖ୍ୟାତ ଭାରତୀୟ ଦାର୍ଶନିକ ଜୀଡ୍ଡୁ କ୍ରୀଷ୍ଣମୂ ର୍ି କହିଥିଲେ ସମୟ ଏମତି ଗୋଟାଏ ପ୍ରବାହ ଯେଉଁଠି ଭବିଷ୍ୟତ ଓ ବ ର୍ମାନ ବୋଲି କିଛି ନାହିଁ। ପ୍ରକୃତରେ ସବୁକିଛି ଅତୀତ କାରଣ ଯେଉଁକ୍ଷଣି ଭବିଷ୍ୟତ ବର୍ତମାନ ରେ ପରିଣତ ହୁଏ। ସେହି କ୍ଷଣି ବ ର୍ମାନ ବି ଅତୀତ ହୋଇଯାଏ ସୁତରାଂ ତାକୁ ଧରି ରଖିବା କଷ୍ଟକର। କାହା ସାଥିରେ କଣ କେତେବେଳେ ହେବ କିଛି କହି ହେବ ନାହିଁ। ଆଉ ଏହା ନିଶ୍ଚିତ ମଣିଷ ଶରୀର ମାତ୍ରେ ରୋଗ ହିଁ ରହିବ। ଆଉ ଏହାର ପ୍ରତିକାର ମଧ୍ୟ ନିଶ୍ଚିତ ଅଛି। କିନ୍ତୁ ଏହି କୋଭିଡ ୧୯ ଏପରି ଏକ ଅଦୃଶ୍ୟ ଭୁତାଣୁ ଯାହାକି ବିଗତ ଦୁଇ ବର୍ଷ ହେଲା ମଣିଷ ସମାଜରେ ଏମତି ତାଣ୍ଡବ କରି ଚାଲିଛି ଯାହାକି ଜୀବନ ବ ।ଇବା ପାଇଁ ସାରା ବିଶ୍ୱ ଇତସ୍ତତଃ ହୋଇପଡିଲାଣି। ଏହି କୋଭିଡ ଭୁତାଣୁ ବିଭିନ୍ନ ପ୍ରକାର ରୂପ ପରିବର୍ତନ କରି ସମଗ୍ର ମାନବ ସମାଜରେ ତାଣ୍ଡବ ର ଲୀଳା କରି ଚାଲିଛି । ଭୁତାଣୁର ଦାରୁଣ ପ୍ରହାରରେ ଜଡସଡ଼ ହୋଇ ସାରିଲାଣି ଏ ମାନବ ଜାତି।ଦିନକୁ ଦିନ ମୃତ୍ୟୁ ହାର ମଧ୍ୟ ବଢି ବଢି ଚାଲିଛି । ମନୁଷ୍ୟ ସମାଜ କେବେ ବି କଳ୍ପନା କରି ନଥିଲା ଯେ ଏପରି ମହାମାରୀ ଆସିବ ବୋଲି।ପ୍ରତ୍ୟକ ଦିନ ଚିହ୍ନା ପରିଚିତ ଙ୍କ ମୃତ୍ୟୁ ଖବର ମନ ମଧ୍ୟରେ ବିଚଳିତ ସୃଷ୍ଟି କରୁଛି । ଆଉ ମଧ୍ୟ ଗଣ ମାଧ୍ୟମରୁ ଏ ସବୁ ପ୍ରକାଶିତ ଖବର ଶୁଣି ଶୁଣି ମୁଣ୍ଡଟା ଯେପରି ଅସ୍ଥିର ହୋଇ ପଡୁଛି । ଏ ରୋଗ ଯେପରି ଶତ୍ରୁ ହୋଇ ତାର ପକ୍ଷ ମେଲିଛି । ତା ଠାରୁ ନିସ୍ତାର ମିଳୁନି । ଚତୁଦିଗ ଆକ୍ରାନ୍ତ ହୋଇ ଜୀବନ ଯାତ୍ରାରେ ସତେ କି କଳାର ଛାଇ ଖେଳି ଗଲାଣି।ଭୟ ଆଶଙ୍କାରେ ଦିନ ବିତୁଅଛି । ଯେମିତି ଅସୁଖ ମୁହୂର୍ତ କେମିତି ଟଳିବ ଏ ବିପଦ କାଳ।ଏ କି ବ୍ୟତିକ୍ରମ । ଦେଶର ଅବସ୍ଥା ଭାବିଲା ବେଳକୁ ଘୁରଣାୟମାନ ମନ ଦୋଳାୟିତ ହୁଏ । ଅସ୍ଥିର ଚିତ କବଳିତ ହେଉଅଛି ରାତିଦିନ।କିଛି ହରାଇବା ଭୟରେ ଯେମିତି ମଣିଷ ଏକାନ୍ତବାସର ଖୋଳପା ଭିତରେ ଏବେ। ମଣିଷ ସମାଜର ମୂଳଦୁଆ ଭୁଶୁଡି ପଡୁଛି । ଏମତି ଦିନ ଆସି ପଂହଁଚିଛି ଯେ ଅମ୍ଳଜାନ ଅଭାବରୁ ମଣିଷ ର ମୃତ୍ୟୁ ଘଟୁଛି । ଏ ମହାମାରୀ ଶତ୍ରୁର ବିନାଶ ପାଇଁ ସତେ ଯେପରି ଆମେ ନିରସ୍ତ୍ର।ଏହି ଭୁତାଣୁ ନିଜକୁ ନିୟମିତ ପରିବର୍ତନ କରି କରି ବୈଜ୍ଞାନିକ ମାନଙ୍କ ନିଦ ହଜେଇ ସାରିଲାଣି । ତଥାପି ବୈଜ୍ଞାନିକ ମାନେ ତାଙ୍କ ସତ ଚେଷ୍ଟା ମଧ୍ୟ ଜାରି ରଖିଛନ୍ତି । ଏହାକୁ ଅନୁଧ୍ୟାନ କରି ପ୍ରତିଷେଧକର ତିଆରି ମଧ୍ୟ ଜାରି ରଖି ଚାଲିଛିନ୍ତ। ସମସ୍ତ ମାନବ ସମାଜ ଏଥିରୁ କିପରି ଉଧାର ପାଇବ ସେଥି ପ୍ରତି ବ୍ୟାକୁଳ। ପୁଣି ଆମ ସମଗ୍ର ଦେଶର ଅର୍ଥ ନୀତିକୁ ମଧ୍ୟ ଦୋହଲାଇ ସାରିଲାଣି । ସମୟର କରାଳ ଗର୍ଭରେ ମନୁଷ୍ୟ ଜୀବନ ପେଷି ହୋଇଗଲାଣି ସତ । ହେଲେ ଏ ସମୟ ଆଉ ବେଶି ଦିନ ରହିବ ନାହିଁ। ନିଷ୍ଚୟ ଭଲ ସମୟ ଆସିବ।ଏଥିରେ ଭାବିବାର ପ୍ରଶ୍ନ ନାହିଁ। ଅନ୍ଧାର ପରେ ଆଲୋକ ନିଶ୍ଚିତ ଅଛି। ଆମକୁ ସଚେତନ ହେବାର ଏକ ସୁଯୋଗ ଆସିଛି।ଖାଲି କଥାରେ ନ କହି କାମରେ ହିଁ ଆମକୁ କରି ଦେଖାଇବାକୁ ପଡିବ। ସୁସ୍ଥ ମାନବିକ ଚେତନାକୁ ଉଜିବିତ କରିବାକୁ ପଡିବ । ଏହା ଆମ ମାନବ ସମାଜ ପାଇଁ ଏକ ନୂଆ ସମସ୍ୟା । ଏହାର ସମାଧାନ ପାଇଁ ତତ୍ପରତା ମଧ୍ୟ ଆବଶ୍ୟକ।ମଣିଷ ପଣିଆ ଦେଖାଇବାର ସମୟ ଆସିଛି । ଏହି ସମୟରେ ରୋଗୀର ମନୋବଳ ବୃଦ୍ଧି କରିବା ଆମର ପ୍ରଥମ କର୍ତବ୍ୟ ଏହି ବିପଦ ସମୟରେ ଯଦି ଟିକେ କାହାର ସହଯୋଗ କରି ପାରିବା ତେବେ ତାହା ଈଶ୍ୱରଙ୍କର ସେବା ସହ ସମାନ। ମଣିଷ ପାଣିଆକୁ ନ ହଜାଇ ସହାୟତାର ହାତ ବଢ଼ାଇବା । ତାହା ଆମ ମାନବିକତାକୁ ପ୍ରମାଣିତ କରି ଦେଖାଇଦେବ। ଏ ଜଗତ କର୍ମ କ୍ଷେତ୍ର । ଏଠାରେ ପ୍ରତ୍ୟେକ ଜୀବ ମାତ୍ରେ ହିଁ କର୍ମ କରିବାକୁ ଆସିଛନ୍ତି। ସେ ଆଉ କିଛି ହେଉ ପରସ୍ପର ପରସ୍ପରକୁ ସାହାଯ୍ୟ କରିବା ଏବଂ ପରସ୍ପର ଅଭାବ ପୂରଣ ଦିଗରେ ଚେଷ୍ଟା କରିବା। ନିଜ ମଧ୍ୟରେ ଥିବା ଅହଂକାର କୁ ଦୁରେଇ ଦେବା। ମନ ମଧ୍ୟରେ ସ୍ନେହ ଶ୍ରଦ୍ଧା ସହାନ ଭୁତି ବିନୟଭାବ ସହନଶୀଳତା ଓ ସାହାଯ୍ୟ ମନୋବୃତି ପ୍ରତିପୋଷଣ କରିବା । ଈଶ୍ୱର ବିଶ୍ୱାସ ଧୈର୍ଯ୍ୟ ସଂଯମତା ଅବଲମ୍ବନ କରିବା। ଦୂରରେ ରହି ମଧ୍ୟ ଆମର ମଣିଷ ପଣିଆ କୁ ଜାହିର କରିବା ଉଚିତ। ମାନବିକତା କୁ ସବୁଠି ଆଗରେ ରଖିବା। ସଂକ୍ରମିତ ପରିବାରକୁ ଭିନ୍ନ ଦୃଷ୍ଟରେ ନ ଦେଖି ସୁ ବ୍ୟବହାର କରିବାର ଏହା ହିଁ ପ୍ରକୃଷ୍ଟ ସମୟ। ଆଶ୍ୱାସନା ର କଥା ସର୍ବଦା କହିବା । ଏ ସଂସାର ମହାମାରିରୁ ବହୁ ଶୀଘ୍ର ଉଦ୍ଧାର ପାରିବ ନିଶ୍ଚିତ।ନିଜ ଭିତର ର ଆତ୍ମ ବିଶ୍ୱାସ କୁ ଦୃଢ଼ୀଭୂତ କରିବା । କରୋନା ହାରିବ ଆମେ ନିଶ୍ଚିତ ଜିତିବା । ଏହି ଯୁଧ ପାଇଁ କୌଣସି ଗୁଳି ଗୋଳା ବାରୁଦ କି ସୈନ୍ୟ ସାମନ୍ତର ଆବଶ୍ୟକତା ନାହିଁ । ସମସ୍ତେ ମିଳିମିଶି ଲଢ଼ି ଯିବା ଏ ଭୁତାଣୁ ଜନିତ ଭୂମିକୁ ଶୋଧ କରିବା। ଏ ପୃଥିବୀରେ ହସ ଖେଳାଇବା। ସବୁ ପ୍ରଳୟର ଅନ୍ତ ଅଛି। ସେଥି ପାଇଁ ତ ଏ ଧରା ଆକର୍ଷଣୀୟ।ନିଜକୁ ବଦଳେଇବା ସହ ସମାଜକୁ ବଦଳେଇବା । ଆଉ ଟିକିଏ ଅସାବଧାନତା ସୁନା ସଂସାରକୁ ଚୁନା କରି ଦେଉଛି । ଟିକେ ସାବଧାନତା ଓ ସତର୍କତା ହିଁ ପରାସ୍ତ କରିବ ଏହି ବିପଦକୁ । ଦାୟିତ୍ୱବାନ ହୋଇ ମାସ୍କ ପିନ୍ଧିବା ସାମଜିକ ଦୂରତା ପାଳନ କରିବା ସ୍ୱଛତା ଅବଲମ୍ବନ ସହ ବିନା ଆବଶ୍ୟକତାରେ ବାହାରକୁ ନ ଯିବା ଦ୍ୱାରା ଏହାକୁ ରୋକା ଯାଇ ପାରିବ।

ଭାରତରେ କରୋନା ବିରୁଦ୍ଧରେ ଟୀକାକରଣ ଅଭିଯାନ ଆରମ୍ଭ ଦିଗରେ ଏହା ଏକ ବଡ ସଫଳତା। ଏ କଥା କହିବାରେ ଦ୍ୱିଧା ମଧ୍ୟ ନାହିଁ । ଜୀବନର ଜିଜ୍ଞଶା ସମ୍ମୁଖରେ କରୋନା ତିଷ୍ଠି ପାରିବ ନାହିଁ। ଆମ ଦେଶ ପୁଣି ଥରେ ଗତିଶୀଳ ହେବ। ସ୍ୱାର୍ଥପର ଭାବ ଭ୍ରଷ୍ଟାଚାର ବ୍ୟଭିଚାର ଓ ଅସହିଷ୍ଣୁତା ଗୁଣ ସାମ୍ପ୍ରତିକ ସମୟରେ ପରିତ୍ୟାଗ କରିବା ଉଚିତ ଶୃଙ୍ଖଳିର ଚଳଣି ଓ ନିୟମିତ ବ୍ୟାୟାମ ଯୋଗଭ୍ୟାସ ପ୍ରାଣୟମ ପରିଷ୍କାର ପରିଛନ୍ନତା ର ଅଭ୍ୟାସ ଏହା ବ୍ୟତୀତ ସନ୍ତୁଳିତ ପୃଷ୍ଟିକର ଖାଦ୍ୟ ଖାଇବା। ଏବଂ ସରକାରଙ୍କ ପ୍ରତି କଥାକୁ ମଧ୍ୟ ଗୁରୁତ୍ୱ ଦେବା । ଏ ମହାମାରିର ଭୟାବହତାରୁ ଆମେ ଯଥା ଶୀଘ୍ର ଉଦ୍ଧାର ପାଇବା।


+ ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫


## କବିତା କୋଣାର୍କ

### ପକ୍ଷୀ ଟିଏ ମୁଁ

ବୈଷ୍ଣବ ମେହେର



ମାଗୁ ନାହିଁ ଜହ୍ନର ଶୀତଳତା
ସହିବାକୁ ଦିଅ ମତେ
ନିଦାଘର ଡହଡହ ଉ ।ପ
ଶ୍ରାବଣର ଝରଝର ଝରିଆରେ
ବୁଡ଼ିବାକୁ
ଖୋଲିଦିଅ ଡେଣା ମୋର,
ପକ୍ଷୀ ଟିଏ ମୁଁ
କ'ଣ ହେବ ମୋର ଗଦାଗଦା
ଆୟୁଷ
ଜୀବନର ଘମାଘୋଟ ଲଢ଼େଇ
ଭିତରେ
ପାରିବ ତ ସମର୍ପି ଦିଅ
ଦୁଇ ପାଦ ମାଟି
ଏନ୍ତୁଡ଼ିରୁ ଜୁଇ ଯାଏଁ
ଚହଟି ଯିବାକୁ ଚହଳି ଯିବାକୁ
ଟେକି ଦିଅ ମୋ ପରିଧିର ଆକାଶ
ବା ି ଜାଣେନି ମୁଁ ମୁଠାମୁଠା ମାଟି
ପାଣି ପବନ କି ଆକାଶ
ତୁମ ଭାଗ ମୋ ଭାଗ
ରକ୍ତ କି ପାଣି
ପାଣି କି ରକ୍ତ
ଫରକ ମୁଁ ଦେଖିନି
ପକ୍ଷୀ ଟିଏ ମୁଁ, ଉଡ଼ିଯିବି...
ପାରିବ ତ ଦିଅ ମୋତେ
ପରଛା ଆକାଶ ଖଣ୍ଡେ ।


+ ସଭାପତି
ଗଙ୍ଗାଧର ସାରସ୍ୱତ ସମିତି
ସିନାପାଲି, ନୂଆପଡ଼ା


### ଚାନ୍ଦିନୀ ରାତିର ପ୍ରିୟା

ଅମୂଲ୍ୟ କୁମାର ପଣ୍ଡା



ଶ୍ରାବଣ ମେଘରୁ ଚେନାଏ ଚପଳା
ଆଣିଥିଲି ପ୍ରିୟା ପାଇଁ
ବସନ୍ତ ବୁକୁରେ ମୃଦୁ ମଳୟକୁ
ଫଗୁଣରେ ଦେଲି ଯାଇଁ ।

ବୈଶାଖ ଝାଂଜିରେ ପ୍ରିୟତମା କହେ
ଢାଳିଦିଅ ପ୍ରୀତି ବାରି
ପୂର୍ଣ୍ଣମୀ ରାତିରେ ଚାନ୍ଦିନୀ ପାଖରେ
ଫଗୁଣରେ ଯାଏ ହାରି।

ଚାନ୍ଦିନୀ ରାତିରେ ଚାନ୍ଦକୁ ଦେଖିକି
ତୁମେ ଯାଉଅଛ ଘୁ ି
ସେଇ ଚାନ୍ଦ ନିତି ସେମିତି ହସିବ
ବଉଦ ତଳରେ ଲୁଚି।

ଆଉ କେତେ ତମେ ପରଖିବ ସାଥି
ଏ ମନେ ପୀରତି ଝଡ଼
ଚାଲି ଆସ ପ୍ରିୟା ଖୋଲିକି ବସିଛି
ରାଜ ଉଆସର ଗଡ଼।

ଅଇନାଟା ସିନା ଭାଙ୍ଗି ଯାଇପାରେ
ସମ୍ପର୍କ ଭାଙ୍ଗିବ ନାହିଁ
ରହିଥିବି ତୋର ଆଗରେ ପଛରେ
ସବୁବେଳେ ହୋଇ ଛାଇ।

ଆଖି ଜହ୍ନ ଗୋଟି ସବୁବେଳେ ହସେ
ପୀରତି ଭାବନା ପୁରେ
ଚହଟ ଚାନ୍ଦିନୀ ଅଭିମାନ କରି
ଚାଲି ଯାଅନାହିଁ ଦୂରେ।

ମୋର କବିତାରେ ମୋର ଭାବନାରେ
ତୁମ ପ୍ରେମ ପଡେ ବନ୍ଧା
ସୁରୁଜମୁଖୀ ଟା ନହୁଅ ପଛକେ
ହୁଅ ମୋ ରଜନୀଗନ୍ଧା।

ଖୋଜିବା ର ମଜା ପାଇବାରେ ନାହିଁ
କେମିତି କହିବି ସାଥି
ତୁମ ପାଦ ଚିହ୍ନ ଆଜିବି ଖୋଜୁଛି
ଜହ୍ନ ଆଲୁଅରେ ମାତି ।

ଯଦି ହେବ ପ୍ରିୟା ମୋମନ ମନ୍ଦିରେ
ସ୍ମୃତିର ପୀରତି ଝର
ତୁମପାଇଁ ପ୍ରିୟା ଗଢିବି ସପନେ
ପାରିଜାତ ଫୁଲେ ଘର।

ଚାନ୍ଦର ଚାନ୍ଦିନୀ ପର ହେଇଯାଉ
ଭଲ ପାଇବାତ ଅଛି
ଗନ୍ଧ ସିନା ଚାଲି ଯାଇଛି ଦୂରକୁ
ସ୍ମୃତିରେ ରହିଛି ବ ି।


+ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

# ପ୍ରକୃତିପ୍ରେମୀ ଦମ୍ପତି ଶ୍ରୀନିବାସ ଏବଂ ପଦ୍ମିନୀ



ଶ୍ରୀଯୁକ୍ତ ଶ୍ରୀନିବାସ ଜେନା ଏବଂ ଶ୍ରୀମତୀ ପଦ୍ମିନୀ ଜେନା। ସମ୍ପର୍କରେ ସ୍ୱାମୀ ସ୍ତ୍ରୀ। ଶ୍ରୀନିବାସ ଜେନାଙ୍କର ବୟସ ୫୭ ବର୍ଷ ଏବଂ ପଦ୍ମିନୀ ଜେନାଙ୍କର ବୟସ ୪୬ ବର୍ଷ। ପରିବାର କହିଲେ ବଡ଼ ଭାଇ, ଭାଉଜ,ପୁତୁରା, ଝିଆରୀ ଏବଂ ପଦ୍ମିନୀଙ୍କର ଗୋଟିଏ ପୁଅ ଆଉ ଗୋଟିଏ ଝିଅକୁ ନେଇ ଆଦର୍ଶ ଆଉ ଶୃଙ୍ଖଳିତ ପରିବାର। ୧୯୯୫ ମସିହାରେ ଶ୍ରୀମତୀ ପଦ୍ମିନୀ ଜେନାଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଶ୍ରୀନିବାସ ଜେନା। ପଦ୍ମିନୀଙ୍କର ଗୋଟିଏ ପୁଅ ଆଉ ଗୋଟିଏ ଝିଅ ରହିଛନ୍ତି।ନିଜର ଧର୍ମପତ୍ନୀ ଙ୍କୁ ସାଥିରେ ଧରି ଆଗକୁ ବଢି ଚାଲିଛନ୍ତି ଶ୍ରୀନିବାସ ଜେନା। ସ୍କୁଲ ଜୀବନ ପରେ ଡ୍ରାଇଭର କାର୍ଯ୍ୟ କରୁଥିବା ଶ୍ରୀନିବାସ ୧୯୮୮ ମସିହା ପରଠାରୁ ଡ୍ରାଇଭର କାର୍ଯ୍ୟ ଛାଡି ବ୍ୟବସାୟରେ ପାଦ ଥାପିଥିଲେ । ଆଜି ପର୍ଯ୍ୟନ୍ତ ଅନେକ ବ୍ୟବସାୟ କରି ନିଜର ଜୀବନ ଜୀବିକା ନିର୍ବାହ କରୁଛନ୍ତି ଶ୍ରୀନିବାସ ଜେନା।

ଶ୍ରୀନିବାସ ଜେନା ଜଣେ ପ୍ରକୃତିପ୍ରେମୀ। ପ୍ରକୃତିକୁ ଭଲ ପାଉଥିବା ମଣିଷଟିଏ ହେଉଛନ୍ତି ଶ୍ରୀନିବାସ ଜେନା। ଗଛ ଲଗାଇବାକୁ ନିଜର ଧର୍ମ ବୋଲି ମାନିନେଇଛନ୍ତି ଶ୍ରୀନିବାସ ଜେନା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଶ୍ରୀନିବାସ ଯେଉଁଦିନ ଜୁନ ପା ତାରିଖ ଦିନ ଜନ୍ମଗ୍ରହଣ କରିଛନ୍ତି ସେଇ ଦିନ ହେଉଛି ବିଶ୍ୱ ପରିବେଶ ଦିବସ। ନିଜର ଜନ୍ମଦିନକୁ ଆହୁରି ସ୍ମରଣୀୟ କରିବା ଲାଗି ନିଜକୁ ଜଣେ ପ୍ରକୃତି ପ୍ରେମୀ ଭାବରେ ଗଢି ତୋଳିଛନ୍ତି ଶ୍ରୀନିବାସ ଜେନା। ୨୦୦୩ ମସିହାରୁ ବୃକ୍ଷରୋପଣ କରିବା ନିଜର ଏକ ନିତିଦିନିଆ ଅଭ୍ୟାସରେ ପରିଣତ କରିଛନ୍ତି ଶ୍ରୀନିବାସ ଜେନା। ନିଜ ପଂଚାୟତ ରୁ ଆରମ୍ଭ କରି ନିଜ ଜିଲ୍ଲା ଏବଂ ଜିଲ୍ଲା ବାହାରେ ମଧ ଲକ୍ଷାଧିକ ବୃକ୍ଷରୋପଣ କରି ପ୍ରକୃତିର ରାଜା ପାଲଟିଯାଇଛନ୍ତି ଶ୍ରୀନିବାସ ଜେନା। ନିଜ ଜିଲାରେ ଟ୍ରି-ମ୍ୟାନ ଭାବରେ ପରିଚିତ ଶ୍ରୀନିବାସ ଆଜି ୫୭ ବର୍ଷ ବୟସରେ ପହ ିଥିଲେ ମଧ ଥକିଯାଇନାହାନ୍ତି କିମ୍ବା ହାରିଯାଇନାହାନ୍ତି।ବୃକ୍ଷ ହିଁ ଜୀବନ, ଗୋଟିଏ ଗଛ ତିଆରି କରିବା ଗୋଟିଏ ମଣିଷ ତିଆରି କରିବା ସହ ସମାନ ବୋଲି କହିଛନ୍ତି ଶ୍ରୀନିବାସ ଜେନା। ଗଛ ସୃଷ୍ଟି କରିବାକୁ ସେ ଯୁବ ପିଢୀକୁ ଆହ୍ୱାନ ଦେଇଛନ୍ତି।ଓଡିଶାର ଚାରି କୋଟି ଲୋକଙ୍କୁ ବା । ପ୍ରଦାନ କରି ଶ୍ରୀନିବାସ କହିଛନ୍ତି ପ୍ରତେକ ଲୋକ ନିଶ୍ଚିତ ତାର ଜୀବନ କାଳ ଭିତରେ ଅତି ବେଶୀରେ ଦଶଟି ଗଛ ଲଗାଇବା ଦରକାର। ଗଛ ସୃଷ୍ଟି ହେଲେ ପାଣିର ଅଭାବ ରହିବ ନାହିଁ କିମ୍ବା ଅକ୍ସିଜେନର ଅଭାବ ମଧ ଦୂର ହେଇ ପାରିବ ବୋଲି ମତାମତ ଦେଇଛନ୍ତି ଶ୍ରୀନିବାସ ଜେନା। ଗଛର ସୁରକ୍ଷା ହେଇପାରିଲେ ମଣିଷର ସୁରକ୍ଷା ମଧ ହେଇପାରିବ ବୋଲି କହିଛନ୍ତି ଶ୍ରୀନିବାସ ଜେନା। ଦୀର୍ଘ ଅଠର ବର୍ଷ ଭିତରେ ପ୍ରାୟ ଦଶ ଲକ୍ଷରୁ ଅଧିକ ଗଛ ଲଗାଇ ନିଜ ପାଇଁ ଏବଂ ଯାଜପୁର ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି ଶ୍ରୀନିବାସ ଜେନା। ବୃକ୍ଷରୋପଣ କରି ଓଡ଼ିଶାର ଯୁବପୀଢ଼ିଙ୍କ ପାଖରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀନିବାସ ଜେନା। ଶ୍ରୀନିବାସଙ୍କଧର୍ମପତ୍ନୀ ପଦ୍ମିନୀ ଜେନା ମଧ ପ୍ରକୃତି ପ୍ରେମରେ ପଡିଯାଇଛନ୍ତି। ପ୍ରତେକ ଦିନ ଶ୍ରୀମତୀ ପଦ୍ମିନୀ ଜେନା ଗାଧୋଇ ସାରି ଚଉଁରା ମୂଳରେ ପୂଜା କରିବା ସହିତ ଗଛର ପୂଜା ମଧ କରିଥାନ୍ତି ନିଜ ସ୍ୱାମୀଙ୍କ ପଥରେ ଅନୁପ୍ରାଣିତ ହୋଇ ପଦ୍ମିନୀ ଜେନା ମଧ ଅନେକ ବୃକ୍ଷରୋପଣ କରିଛନ୍ତି। ଶ୍ରୀନିବାସ ଜେନା ଏବଂ ପତ୍ନୀ ପଦ୍ମିନୀ ଜେନାଙ୍କର ଏଭଳି ମହତ କାର୍ଯ୍ୟ ଲାଗି ବିଧାୟକ ପ୍ରଣବ ବଳବନ୍ତରାଏ ମଧ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବହୁତ ପ୍ରଶଂସା କରିଛନ୍ତି । ଏବେ ଶ୍ରୀନିବାସ ଜେନା ଯେଉଁଆଡ଼େ ବୃକ୍ଷରୋପଣ କରିବାକୁ ଯାଉଛନ୍ତି ସାଙ୍ଗରେ ନିଜ ଧର୍ମପତ୍ନୀ ଙ୍କୁ ସାଙ୍ଗରେ ନେଇ ଯାଉଛନ୍ତି। ଶ୍ରୀଯୁକ୍ତ ଶ୍ରୀନିବାସ ଜେନାଙ୍କର ବୃକ୍ଷରୋପଣ କରିବା ଏକ ନିଶା ପଲଟିଯାଇଛି।ଏହା ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ଶ୍ରୀଯୁକ୍ତ ଜେନାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ମଧ ଦେଇଛନ୍ତି। ଶ୍ରୀଯୁକ୍ତ ଜେନା କହିଛନ୍ତି ଓଡ଼ିଶାର ଯେକୌଣସି ଜାଗାରେ ଯିଏ ଗଛ ଲଗାଇବାକୁ ଚାଂହୁଥିବେ ସେ ତାଙ୍କୁ ସବୁ ପ୍ରକାର ସାହାଯ୍ୟ କରିବାର ପ୍ରତିଶୃତି ଦେଇଛନ୍ତି ଶ୍ରୀନିବାସ ଜେନା । ଗଛ ମୋର ବନ୍ଧୁ ବୋଲି କହିଛନ୍ତି ଶ୍ରୀନିବାସ ଜେନା। ଶ୍ରୀଯୁକ୍ତ ଜେନା କହିଛନ୍ତି ତାଙ୍କ ଧର୍ମପତ୍ନୀ ପଦ୍ମିନୀ ଜେନାଙ୍କ ସହଯୋଗ ଦ୍ୱାରା ସେ ଏସବୁ କରି ପାରୁଛନ୍ତି। ବୃକ୍ଷପ୍ରେମରେ ପଡିଥିବା ଶ୍ରୀନିବାସ ଜେନାଙ୍କୁ ମିଳିଛି ଅନେକ ପୁରସ୍କାର ଆଉ ସମ୍ବର୍ଦ୍ଧନା। ବିଭିନ୍ନ ସାମାଜିକ ଅନୁଷ୍ଠାନ ଆଉ ଜିଲ୍ଲା ସ୍ତରରେ ଜଣେ ପ୍ରକୃତି ପ୍ରେମୀଭାବରେ ପୁରସ୍କୃତ ହେଇଛନ୍ତି ଶ୍ରୀନିବାସ ଜେନା। ପୁରସ୍କାର ଆଉ ସମ୍ବର୍ଦ୍ଧନା ତାଙ୍କୁ ଆଗକୁ ଯିବାକୁ ପ୍ରେରଣା ଆଉ ଉତ୍ସାହିତ ଦେଇଛି ବୋଲି କହିଛନ୍ତି ଶ୍ରୀନିବାସ ଜେନା।

ନିଜର ପିଲାଦିନ ବହୁତ ଦୁଃଖରେ କାଟିଥିବା ଶ୍ରୀନିବାସ ଜେନା ଆଜି ସମାଜସେବାରେ ମଧ ନିଜକୁ ନିୟୋଜିତ କରିଛନ୍ତି। ଗଛ ଲାଗିବାରେ ଯେତିକି ଲୋକପ୍ରିୟତା ଅର୍ଜନ କରିଛନ୍ତି ସମାଜସେବାରେ ମଧ ବହୁତ କାର୍ଯ୍ୟ କରୁଛନ୍ତି ଶ୍ରୀନିବାସ ଜେନା। ରାଜନୀତିରେ କୌଣସି ପଦ ପଦବୀରେ ନ ଥାଇ ମଧ ଗାଁ ର ଗରିବ ଲୋକଙ୍କୁ ଆର୍ଥିକ ସାହାଯ୍ୟ କରୁଛନ୍ତି ଶ୍ରୀନିବାସ ଜେନା।

ଏହାଛଡା ଶ୍ରୀନିବାସ ଜେନା ଧର୍ମଶାଳା ବ୍ଲକର ଅନେକ ପଂଚାୟତରେ ପାନୀୟ ବ୍ୟବସ୍ଥାର ସୁବିଧା ଲାଗି ନଳକୂପ ତିଆରି କରିଛନ୍ତି। ଶ୍ରୀନିବାସ ଜେନା କେବଳ ଯାଜପୁର ଜିଲ୍ଲାରେ ନୁହେଁ ବରଂ ପୁରା ଓଡ଼ିଶାରେ ସୃଷ୍ଟି କରିଛନ୍ତି ଉଦାହରଣ। ଚଳିତ ବର୍ଷ ଶ୍ରୀଯୁକ୍ତ ଶ୍ରୀନିବାସ ଜେନା ଆଉ ପତ୍ନୀ ପଦ୍ମିନୀ ଜେନା ପ୍ରାୟ ପଚିଶହଜ଼ାର ବୃକ୍ଷରୋପଣ କରିବାକୁ ଲକ୍ଷ ରଖିଛନ୍ତି। ଉଭୟ ସ୍ୱାମୀ ସ୍ତ୍ରୀ ସମସ୍ତ ଯୁବପୀଢ଼ିଙ୍କୁ ନିଜର ଜନ୍ମଦିନରେ ଅତି ବେଶୀରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ପ୍ରତେକ ସ୍ୱାମୀ ସ୍ତ୍ରୀ ଙ୍କୁ ମଧ ଶ୍ରୀନିବାସ ଜେନା ଆଉ ପଦ୍ମିନୀ ଜେନା କହିଛନ୍ତି ଯେଉଁମାନେ ବିବାହ ବାର୍ଷିକ ପାଳନ କରୁଛନ୍ତି ସେଇଦିନ ମଧ ଯଦି ଗୋଟିଏ ଗଛ ସୃଷ୍ଟି କରି ପାରନ୍ତେ ତେବେ ତାଙ୍କ ଦାମ୍ପତ୍ୟ ଜୀବନ ଆହୁରି ଖୁସିରେ କଟିପାରନ୍ତା। ବୃକ୍ଷ ଆମର ଜୀବନ ଆଉ ବୃକ୍ଷ ବ ।ଇବା ଦାଇତ୍ୱ ଆମର ବୋଲି କହିଛନ୍ତି ଶ୍ରୀମତୀ ପଦ୍ମିନୀ ଜେନା। ଶ୍ରୀମତୀ ପଦ୍ମିନୀ ଜେନା ଆହୁରି କହିଛନ୍ତି ପ୍ରତେକ ସ୍ୱାମୀ ସ୍ତ୍ରୀ ଯେମିତି ଗୋଟିଏ ପୁଅ ଝିଅପାଇଁ ଯେମିତି ଦାଇତ୍ୱ ନେଉଛନ୍ତି ଠିକ ସେମିତି ଯଦି ଗୋଟିଏ ଗୋଟିଏ ଗଛ ସୃଷ୍ଟି କରିବାର ଦାଇତ୍ୱ ନେଇ ପାରିବା ତେବେ ଆମ ପ୍ରକୃତିର ସୁରକ୍ଷା ହେଇପାରିବ। ବୃକ୍ଷରୋପଣ କରିବା ଦ୍ୱାରା ପ୍ରତେକ ବର୍ଷ ବର୍ଷାର ଅଭାବ ଆଉ ଅନେକ ପ୍ରାକୃତିକ ଦୁର୍ବିପାକରୁ ଆମ ସମାଜକୁ ରକ୍ଷା କରି ପାରିବା ବୋଲି କହିଛନ୍ତି ଶ୍ରୀନିବାସ ଜେନା। ପରିବେଶ ଆମର ଏବଂ ଏହାର ଦାଇତ୍ୱ ସରକାର ଉପରେ ନ ଛାଡି ପ୍ରତେକ ବ୍ୟକ୍ତି ନିଜ ଉପରେ ନେବା ଉଚିତ ବୋଲି ଉପଦେଶ ଦେଇଛନ୍ତି ପ୍ରକୃତିପ୍ରେମୀ ଆଉ ପରିବେଶବିତ ଶ୍ରୀଯୁକ୍ତ ଶ୍ରୀନିବାସ ଜେନା। ଜୀବନରେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଉଭୟ ସ୍ୱାମୀ ସ୍ତ୍ରୀ ବୃକ୍ଷରୋପଣ କରୁଥିବେ ବୋଲି କହିଛନ୍ତି ଶ୍ରୀନିବାସ ଜେନା ଆଉ ପଦ୍ମିନୀ ଜେନା। ବ ିମାନ ପର୍ଯ୍ୟନ୍ତ ଯାଜପୁର ବ୍ୟତୀତ, ବାଲେଶ୍ୱର, ଆଠଗଡ଼, ଭଦ୍ରକ ଆଉ ଜଗତସିଂହପୁରର କିଛି ଜାଗାରେ ବୃକ୍ଷରୋପଣ କରି ସାରିଛନ୍ତି। ନିଜର ଅବସର ସମୟରେ ଶ୍ରୀନିବାସ ବିଭିନ୍ନ ବୃକ୍ଷ ଉପରେ ଆଧାରିତ ଲେଖା ମଧ ପଢ଼ିଥାନ୍ତି। ଗ୍ରାମା ଳରେ ଆୟୋଜିତ ହେଉଥିବା ଖେଳାଳି ଯୁବକ ଯୁବକ ମାନଙ୍କୁ ମଧ ଅନେକ ସମୟରେ ବୃକ୍ଷ ଉପରେ ସଚେତନତା ବା । ପ୍ରଦାନ କରିଥାନ୍ତି ଶ୍ରୀନିବାସ ଜେନା। ଶ୍ରୀନିବାସ ଜେନା କୁହନ୍ତି ଗଛ ମୋର ବନ୍ଧୁ ଆଉ ଜୀବନ ସାରା ଗଛ ସହିତ ସେ ଏମିତି ସମ୍ପର୍କ ରଖିବାକୁ ପ୍ରତିଜ୍ଞାବଦ୍ଧ।

# ପିଲାମାନଙ୍କର ପ୍ରିୟ ସ୍ନାକ୍ସ ଚକୋଲେଟ୍ ବ୍ରେଡ୍



ଏହା ପିଲାମାନଙ୍କର ଏକ ପ୍ରିୟ ସ୍ନାକ୍ସ ।

**ଆବଶ୍ୟକ ସାମଗ୍ରୀ:** ୧ ପ୍ୟାକେଟ ପାଉଁରୁଟି, ଡେରୀମିଲ୍କ ଚକୋଲେଟ ୨ଟି, ବଟର କିମ୍ବା ରିଫାଇନ୍ ତେଲ, କିଛି ଚକୋଲେଟ୍ ସସ୍ ।

**ପ୍ରସ୍ତୁତି:** ୬ରୁ ଆଠପଟ ପାଉଁରୁଟି ନେଇ ଏହାକୁ ଗ୍ଲାସ୍ କିମ୍ବା କଟରରେ ଗୋଲ୍‌ଗୋଲ୍ କାଟି ଦିଅନ୍ତୁ । ଡେରୀ ମିଲ୍କ ଚକୋଲେଟ ଭାଙ୍ଗି ୨/୪ ଖଣ୍ଡ ଗୋଟିଏ ପାଉଁରୁଟି ଉପରେ ରଖି ତା' ଉପରେ ଆଉ ଏକ ପାଉଁରୁଟି ରଖିବେ । ପାଣି ଲଗାଇ ଦୁଇ ପାଉଁରୁଟିର କଡ଼ ଭଲଭାବେ ବନ୍ଦ କରିଦିଅନ୍ତୁ । ଏକ ପ୍ୟାନ୍ ଚୁଲିରେ ବସାଇ ଏଥିରେ ବଟର କିମ୍ବା ତେଲ ଅଳ୍ପ ଦେବା ପରେ ଏହି ଯୋଡ଼ା ପାଉଁରୁଟି ରଖି ଦୁଇପଟ ହାଲ୍‌କା ସୁନେଲି ରଙ୍ଗର ହେବା ପର୍ଯ୍ୟନ୍ତ ସେକିବେ । ଏହା ପରେ ପ୍ଲେଟ୍‌ରେ ବାହାର କରି ସେଥିରେ ଅଳ୍ପ ଚକୋଲେଟ୍ ସସ୍ ପକାଇ ପରଷି ଦିଅନ୍ତୁ ।

## ସ୍ୱାସ୍ଥ୍ୟ ଟିପ୍ସ

ମଧୁମେହ ଭୋଗୁଥିଲେ, ସପ୍ତାହରେ ତିନି ଦିନ ଅତି କମ୍‌ରେ ୪୫ ମିନିଟ୍ ଭାରଯୁକ୍ତ ବ୍ୟାୟାମ କରନ୍ତୁ । ଆଉ ତିନି ଦିନ କାର୍ଡିଓ ବ୍ୟାୟାମ । ୩୦-୪୦ ମିନିଟ୍ ସାଇକେଲିଂ, ଦୌଡ଼, ସନ୍ତରଣ ଟ୍ରେଡ୍ ମିଲ୍‌ରେ ଦୌଡ଼, ସ୍କିପିଂ, ଷ୍ଟେପିଂ ଆଦି ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ହାଲିଆ ଲାଗିବା ପର୍ଯ୍ୟନ୍ତ ଏସବୁ ବ୍ୟାୟାମ କରନ୍ତୁ । ବିଶ୍ରାମ ନେଇ ପୁଣି କରନ୍ତୁ । ଏହା ସହ ବ୍ୟାଡ୍‌ମିଣ୍ଟନ୍, ଟେନିସ୍, ଫୁଟବଲ୍, ବାସ୍କେଟବଲ୍, ରଗ୍‌ବି, ସ୍କ୍ୱାସ୍, ହ୍ୟାଣ୍ଡ୍‌ବଲ୍ ଖେଳିପାରନ୍ତି । କରାଟେ, କୁସ୍ତି, ମୁଷ୍ଟିଯୁଦ୍ଧ ଅଭ୍ୟାସ କରିପାରନ୍ତି । ପୁଷ୍ଟିସାର, ତନ୍ତୁ ତଥା ଧୀରେ ଧୀରେ ହଜମ ହେଉଥିବା ଶ୍ୱେତସାରଯୁକ୍ତ ଖାଦ୍ୟ ଖାଆନ୍ତି । ପ୍ରଥମେ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଖାଇଲେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ । ଶ୍ୱେତସାରଯୁକ୍ତ ଖାଦ୍ୟ ସର୍ବଦା ଶେଷରେ ଖାଆନ୍ତୁ । ପ୍ରତି ଦିନ ସୋୟାବିନ୍, ବୁଟ, ମଟର, ଡାଲି, ରାଜମା, ପନିପରିବା, ଫଳ ଖାଆନ୍ତୁ । ଚାଉଳ, ଗହମ, ବିରି, ଦୁଗ୍ଧ, ମିଠା ଯଥା ସମ୍ଭବ କମ୍ ଖାଆନ୍ତୁ । ବାହାର ଖାଦ୍ୟ ନ ଖାଇବା ଭଲ । ପ୍ରତିଦିନ ଜିଙ୍କ୍, କ୍ରୋମିଅମ୍, ଭିଟାମିନ୍ ବି ଏବଂ ସି ଖାଆନ୍ତୁ । ୧୦ ଗ୍ରାମ୍ ଲେଖାଏଁ ଡାଲଚିନି ଓ ମେଥି ଗୁଣ୍ଡ ଏକ ଲିଟର୍ ପାଣିରେ ପକାଇରଖନ୍ତୁ । ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରେ ପକାଇରଖନ୍ତୁ । ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରୁ ଦୁଇ ଢ଼ୋକ ପିଅନ୍ତୁ । ରସୁଣ, ଗୁଗୁଳ, ସିଓକ୍ୟୁ-୧୦ ଏନ୍‌ଜାଇମ୍, ଗ୍ରେପ୍‌ସିଡ୍ ଏକ୍‌ସଟ୍ରାକ୍ଟ, ପାଇନାପୁଲ୍ ଏକ୍‌ସଟ୍ରାକ୍ଟ, ଜାମୁକୋଳି, ଧନିଆ ପତ୍ର ମଧ୍ୟ ପ୍ରତି ଦିନ ଖାଇବା ଭଲ ।



# ଉପକାରୀ ସୁଗନ୍ଧ



**ଲେମ୍ବୁ:**

ଏହାର ସୁଗନ୍ଧ ଇନ୍ଦ୍ରିୟଗଡ଼ିକୁ ସତେଜ କରିବା ସହ ଏକାଗ୍ରତା ବଢ଼ାଇଥାଏ । ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ ଯେଉଁ ପ୍ରତିଯୋଗୀମାନଙ୍କୁ ଲେମ୍ବୁ ଶୁଙ୍ଘିବା ଲାଗି ଦିଆଯାଇଥିଲା, ସେମାନେ କରିଥିବା ଟାଇପ୍‌ରେ ୫୪ ପ୍ରତିଶତ କମ୍ ତ୍ରୁଟି ରହିଥିଲା । ଲେମ୍ବୁର ସୁଗନ୍ଧ ମଣିଷକୁ କ୍ରୋଧ, ଚିନ୍ତାରୁ ମୁକ୍ତି ଦେବାରେ ସହାୟକ । ଏହା ବ୍ୟତୀତ ଲେମ୍ବୁ ଖାଇବା ଦ୍ୱାରା ଗଳା ସମସ୍ୟା, ଥଣ୍ଡାସର୍ଦ୍ଦି ଆଦି ଦୂର ହୋଇପାରେ । ଏଥିରେ ଜୀବାଣୁ ଏବଂ ଭୂତାଣୁ ପ୍ରତିରୋଧକ ଗୁଣ ରହିଛି ।

**ଡାଲଚିନି:**

ଗବେଷଣାରୁ ଜଣାଯାଇଛି ଯେ ଡାଲଚିନିର ସୁଗନ୍ଧ ମାନସିକ କ୍ଲାନ୍ତି ଦୂର କରିବା ସହ ଏକାଗ୍ରତା ବଢ଼ାଇବାରେ ସହାୟକ । ଡାଲଚିନିର ଉତ୍ତେଜକ ଗୁଣ ମଣିଷର ସ୍ମୃତିଶକ୍ତି ବଢ଼ିବାରେ ସହାୟକ ହୁଏ । ଏହା ପାଠ ପଢୁଥିବା ମଣିଷଙ୍କ ପାଇଁ ଖୁବ୍ ଲାଭଦାୟକ । ଡାଲଚିନିର ସୁଗନ୍ଧ ସ୍ମୃତିଶକ୍ତି ସହ ଜଡ଼ିତ କାର୍ଯ୍ୟଗୁଡ଼ିକରେ ସଫଳତା ଦେଇଥାଏ ।



**ମଲ୍ଲୀ ତେଲ:** ମନକୁ ଶାନ୍ତ ତଥା ଅବସାଦମୁକ୍ତ କରି ରଖିବା ଦିଗରେ ମଲ୍ଲୀ ତେଲ ବେଶ୍ ଉପକାରୀ । ଏହା ଆଶାବାଦୀ କରାଇବା ସହ ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ମନୋଭାବ ବଢ଼ାଇଥାଏ । କାର୍ଯ୍ୟବ୍ୟସ୍ତତା ମଧ୍ୟରେ ବିରତି ନେଇ ମଲଲୀ ତେଲର ସୁଗନ୍ଧ ଆଘ୍ରାଣ କରିବା ଦ୍ୱାରା ମସ୍ତିଷ୍କ ସତେଜ ହୋଇଯାଏ ଏବଂ କାର୍ଯ୍ୟଦକ୍ଷତାରେ ଅଭିବୃଦ୍ଧି ଘଟେ ।

**ଲାଭେଣ୍ଡର:**

ଏହାର ମଧୁର ସୁଗନ୍ଧ ସ୍ନାୟୁକୁ ପ୍ରଭାବିତ କରିଥାଏ । ଉତ୍ତେଜନା, ଅବସାଦ, ମୁଣ୍ଡବ୍ୟଥା, ଅଧିକପାଳି ଆଦି ସମସ୍ୟାରୁ ଉପଶମ ଦେବାରେ ଲାଭେଣ୍ଡର ସୁଗନ୍ଧ ଉପକାରୀ । କାର୍ଯ୍ୟବ୍ୟସ୍ତତା ସମୟରେ ଏହି ସୁଗନ୍ଧ ଏକାଗ୍ରତା ବଢ଼ାଇପାରେ ।



**ପୋଦିନା:**

ସକାଳୁ ମାନ୍ଦା ଲାଗୁଥିଲେ ମାତ୍ର କେତୋଟି ପୋଦିନା ପତ୍ର ହାତରେ ମକଚି ଏହାକୁ ଶୁଙ୍ଘି ଦିଅନ୍ତୁ । ପିପରମେଣ୍ଟର ସୁଗନ୍ଧ ମନ ଓ ମସ୍ତିଷ୍କକୁ ସତେଜ କରିବା ସହ ଏକାଗ୍ରତା ଏବଂ ସତର୍କତା ବଢ଼ାଇପାରେ । ୨୦୧୩ରେ କରାଯାଇଥିବା ଏକ ଗବେଷଣାରେ ଜଣାପଡ଼ିଥିଲା ଯେ ପୋଦିନା ତେଲ କ୍ଲାନ୍ତି ଦୂର କରିବା ସହ ବ୍ୟାୟାମ ପ୍ରଦର୍ଶନରେ ସୁଧାର ଆଣିବାରେ ସହାୟକ ।

ଏସବୁ ବ୍ୟତୀତ ଘରେ ଥିବା କଫିର ସୁଗନ୍ଧ ମଧ ଉପକାରୀ । ଗବେଷଣା ରିପୋର୍ଟ ଅନୁସାରେ, କଫିର ସୁଗନ୍ଧ ଛାତ୍ରମାନଙ୍କୁ ବିଶ୍ଳେଷଣାତ୍ମକ କାର୍ଯ୍ୟରେ ବିଶେଷ ସହାୟକ ହୋଇଥାଏ । ତେଣୁ ମନ ଭଲ ଲାଗୁନଥିଲେ କିମ୍ବା ମାନ୍ଦା ଲାଗୁଥିଲେ ଏହା ମଧରୁ ଯେକୌଣସି ସୁଗନ୍ଧ ଆଘ୍ରାଣ କରି ସତେଜ ଏବଂ ସୁସ୍ଥ ଅନୁଭବ କରିପାରନ୍ତି ।



# ଚମତ୍କାର ପଥର

ତାମିଲନାଡୁର ସମୁଦ୍ରତଟବର୍ତ୍ତୀ ସହର ମହାବଳିପୁରମ୍ । ଏହି ସହରଟି ଏକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଭାବେ ଖ୍ୟାତି ଅର୍ଜନ କରିଛି । ମହାବଳିପୁରମ୍ ମନ୍ଦିର ଯେତିକି ଆକର୍ଷଣୀୟ ତା'ଠାରୁ ଅଧିକ କୌତୁହଳ ସୃଷ୍ଟି କରିଛି ଏଠାରେ ଥିବା ଏକ ବିରାଟକାୟ ପଥର ଖଣ୍ଡ । ଏହି ପଥର ଖଣ୍ଡ ବୈଚିତ୍ର୍ୟ ଆଗରେ ବିଜ୍ଞାନ ବି ଚୁପ୍ ପଡ଼ିଯାଇଛି । ଏକ ଛୋଟ ପାହାଡ଼ର ଗଡ଼ାଣିଆ ସ୍ଥାନରେ ଅଟକି ରହିଛି ୨୫୦ ଟନ ଓଜନର ବିରାଟକାୟ ଗ୍ରାନାଇଟ୍ ବା ମୁଗୁନି ପଥରଖଣ୍ଡ । ତିନିପଟୁ ଏହା ଗୋଲିଆ ହୋଇଥିବାବେଳେ ଏହାର ଗୋଟିଏ ପାଖ କୌଣସି ୫ ମିଟର ଚଉଡ଼ା ବିଶିଷ୍ଟ ପଥର ଖଣ୍ଡଟି ମାତ୍ର ୪ ଫୁଟ ସ୍ଥାନକୁ ଆଧାରି ଅଦ୍ଭୁତ ନୁହେଁ କି !

ଆମେ ସମସ୍ତେ ଜାଣୁ ଯେ, ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସମସ୍ତ ବସ୍ତୁକୁ ନିଜ କେନ୍ଦ୍ର ସ୍ଥାନକୁ ଟାଣିଥାଏ । ପୁନଶ୍ଚ ସବୁ ବସ୍ତୁ ମଧ୍ୟରେ ବି ପରସ୍ପର ଆଡକୁ ଟାଣିବାର ଶକ୍ତି କାମ କରୁଥାଏ । ମାତ୍ର ୨୫୦ଟନ ଓଜନର ମହାବଳିପୁରମ୍‌ର ଏହି ମୁଗୁନି ପଥରଟି ୧୨ଶହ ବର୍ଷ ଧରି କାହିଁକି ତଳକୁ ଖସି ଆସୁନାହିଁ ! ଏସବୁ ବର୍ଷ ମଧ୍ୟରେ କେତେ ଭୂମିକମ୍ପ, ସୁନାମୀ, ଝଡ଼ବାତ୍ୟା ଏହି ବାଟ ଦେଇ ଅତିକ୍ରମ କରିଯାଇଛି, ମାତ୍ର ପଥରଖଣ୍ଡଟିକୁ ସାମାନ୍ୟ ହଲାଇବାକୁ ସକ୍ଷମ ହୋଇନାହାନ୍ତି । ତାମିଲ ଭାଷାରେ ଏହି ପଥରଟିକୁ କୁହାଯାଏ ଭାନିରାଇ କାଲ୍' ଅର୍ଥାତ୍ 'ଆକାଶ ଦେବତାଙ୍କ ପଥର' । ଏହାକୁ ମଧ୍ୟ କୁହାଯାଏ କୃଷ୍ଣଙ୍କ ଲହୁଣୀପେଣ୍ଡୁ । କ୍ରିଷ୍ଣାସ୍ ବଟରବଲ୍ । ଏହା ଆକାଶରୁ ଖସି ପଡ଼ିଥିବା ବିଶ୍ୱାସ କରାଯାଏ ।

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୦୮ ମସିହାରେ ତତ୍‌କାଳୀନ ମାଡ୍ରାସ ଗଭର୍ଣ୍ଣର ଆର୍ଥର ଲଲେକ ଏକଦା ମହାବଳିପୁରମ୍‌ବାସୀଙ୍କ ଜୀବନ ପ୍ରତି ପଥରଟି ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରି ୭ଟି ହାତୀ ଲଗାଇ ଏହାକୁ ଘୁଞ୍ଚାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଇଞ୍ଚେ ବି ହାତୀମାନେ ଘୁଞ୍ଚାଇବାକୁ ସକ୍ଷମ ହୋଇନଥିଲେ ।



# ନୀତି ଆୟୋଗ ରିପୋର୍ଟକୁ ନେଇ କେନ୍ଦ୍ର - ରାଜ୍ୟ କଳିକୁ କଂଗ୍ରେସର ସମାଲୋଚନା

ଭୁବନେଶ୍ୱର,୮/୬ (ନି.ପ୍ର): ନୀତି ଆୟୋଗର ସଦ୍ୟ ପ୍ରକାଶିତ ରିପୋର୍ଟକୁ ନେଇ ରାଜ୍ୟ ଓ କେନ୍ଦ୍ର ଶାସନରେ ଥିବା ଦୁଇ ରାଜନୈତିକ ଦଳ ଭିତରେ ବାଦୀପାଲା ସଦୃଶ ତର୍କ ଚାଲିଛି। ଏହି ପ୍ରସଙ୍ଗରେ ଦୁଇ ରାଜନୈତିକ ଦଳ ଓ ତାଙ୍କର ନେତାଙ୍କୁ ୭ଟି ପ୍ରଶ୍ନ ପଚାରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ।

ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କାନୁନଗୋ କହିଛନ୍ତି ଯେ ଯେଉଁ ଆଧାର ବା ମାପକାଠିକୁ ନେଇ ସରକାରୀ, ବେସରକାରୀ ଓ ଅର୍ଭିଜ୍ଞ କ୍ଷାତିସମ୍ପନ୍ନ ଜାତୀୟ ଆର୍ନ୍ତଜାତୀୟ ସଂସ୍ଥାମାନେ ବିଭିନ୍ନ ସମୟରେ ଦୁଇ ସରକାରଙ୍କ ପାରଙ୍ଗମତା ଓ ଅପରାଗତା ଉପରେ ତଥ୍ୟ ରଖିଛନ୍ତି, ସେ ସବୁକୁ ବିଶ୍ୱାସ କରନ୍ତି ନା ନାହିଁ ? ଭାରତର ସ୍ଥିତି ବିଶ୍ୱର ୧୯୩ ଦେଶମାନଙ୍କ ମଧ୍ୟରୁ ୧୧୭ତମ ସ୍ଥାନରେ ଅଛି ଓ ପଡ଼ୋଶୀ ଦେଶ ବାଙ୍ଗଲାଦେଶ, ନେପାଳ, ଭୁଟାନ, ଶ୍ରୀଲଙ୍କା ଓ ପାକିସ୍ଥାନ ଆଦି ଆମ ଠାରୁ ଢ଼େର ଭଲ ସ୍ଥିତିରେ ଅଛନ୍ତି। ଉଭୟ ସରକାର ନିଜ ନିଜର ଅପାରଗତା ଘୋଡ଼ାଇବା ପାଇଁ ଆଉ କେତେବର୍ଷ କଂଗ୍ରେସ ଓ ତାର ନେତାମାନଙ୍କୁ ଦୋଷ ଦେଇ ଚାଲିବେ ? କେଉଁ ଆଧାରରେ ଗତ ୮୦ ମାସରେ ରାଜ୍ୟ ସରକାର କେନ୍ଦ୍ର ଠାରୁ ପୁରସ୍କାର ଓ ସାର୍ଟିଫିକେଟ ହାସଲ କରିଚାଲିଥିଲେ ବା ସାଉଁଟିଥିଲେ ? ସେହିପରି ଭାରତ ସରକାରଙ୍କର ପ୍ରତିଶ୍ରୁତି ଅନୁସାରେ ଗତ ୭ ବର୍ଷରେ ୧୪ କୋଟି ରୋଜଗାର ଦେବା ପରିବର୍ତେ କରୋନା ପୂର୍ବରୁ ବେରୋଜଗାରୀ ଗତ ୪୫ ବର୍ଷର ରେକର୍ଡ ଭାଙ୍ଗି ସବୁଠୁ କମ ୬.୧ % ହୋଇଥିଲା ଏବଂ ଏବେ କରୋନା ସମୟରେ ୧୨% ରେ ପଂହଚିଛି। ଆଜି ପଡ଼ୋଶୀ ଦେଶ ପାକିସ୍ଥାନ (୪.୫%), ବାଙ୍ଗଲା ଦେଶ (୫.୩%) ଶ୍ରୀଲଙ୍କା (୪.୪୮%), ନେପାଳ (୪.୪୪%) ପ୍ରଭୃତି ଭାରତ ଠାରୁ ସୁବିଧାଜନକ ସ୍ଥିତିରେ ନାହାଁନ୍ତି କି ? ଦେଶରେ ମାତ୍ର ୩% ଲୋକଙ୍କର ଆୟ ହୁ ହୁ ହୋଇ ବଢ଼ିଛି ଓ ବାକି ୯୭% ଲୋକଙ୍କର ଆୟ ଖୁବ ତଳକୁ ଖସିଛି। ଖାଉଟି କଂଗ୍ରେସ ସରକାର ସମୟରେ କେବେ ବି ଦୀର୍ଘ ଦିନ ଧରି ଶୋସିତ ହେଉନଥିଲେ। ଆଜିର ଦିନରେ ମୁଦ୍ରାସ୍ୱତି ୧୨%କୁ ଟପିବାକୁ ବସିଲାଣି, ଦରଦାମ ବୃଦ୍ଧି ୨୮୦ ରୁ ୩୮୦ ଗୁଣ ବଢ଼ି ଆକାଶଛୁଆଁ ହେଲାଣି। ପେଟ୍ରୋଲ ଓ ଡିଜେଲର ଦର ଦୁଇ ସରକାରଙ୍କ ଟିକସ ହେତୁ ଗତ ୭୦ ବର୍ଷରେ ସର୍ବାଧିକ। ବିମୁଦ୍ରାୟନ, ଜିଏସଟି ଆଇନ ଭଳି ଅନେକ ବିବାଦୀୟ ଆଇନକୁ ପାରିତ କରିବାରେ ରାଜ୍ୟ ବିଜେଡ଼ି ସରକାର କେନ୍ଦ୍ର ବିଜେପି ସରକାରଙ୍କୁ ଅକୁଣ୍ଠ ସମର୍ଥନ ଯୋଗାଇ ଦେଇନାହିଁକି ?

ଏ ୭ଟି ପ୍ରଶ୍ନର ଉତର ରାଜ୍ୟର ଜନତାଙ୍କ ସାମନାରେ ରଖିବା ପାଇଁ ପ୍ରଦେଶ କଂଗ୍ରେସ ତରଫରୁ ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ ଉଭୟ ବିଜେପି ଓ ବିଜେଡ଼ିକୁ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମଳନୀରେ ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି, ରଜନୀ ମହାନ୍ତି ଓ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

# ଯୁବବର୍ଗଙ୍କ ଟିକାକରଣ ପାଇଁ ପ୍ରସ୍ତୁତ ରୋଡ୍ ମ୍ୟାପ୍ ସାର୍ବଜନୀନ କରନ୍ତୁ ରାଜ୍ୟ ସରକାର : ଯୁବ ମୋର୍ଚ୍ଚା

ଭୁବନେଶ୍ୱର,୮/୬ (ନି.ପ୍ର): ଦେଶରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ବ୍ୟାପକ ଟୀକାକରଣ ଚାଲିଥିବାବେଳେ ଓଡିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆତ୍ମପ୍ରଚାର ନୀତି ଯୋଗୁଁ ଏକ ଅସ୍ୱଷ୍ଟ ଓ ଦ୍ୱନ୍ଦର ବାତାବରଣ ସୃଷ୍ଟି ହୋଇଛି । ରାଜ୍ୟରେ ଯୁବବର୍ଗଙ୍କ ପାଇଁ ଟୀକାକରଣରେ ବିରାଟ ବଡ ଅବ୍ୟବସ୍ଥା ଦେଖାଦେଇଛି । ରାଜ୍ୟ ସରକାର ଓଡିଶାବାସୀ ଏବଂ ବିଶେଷ କରି ଯୁବବର୍ଗଙ୍କୁ ମିଛ ପ୍ରତିଶୃତି ଦେବା ବନ୍ଦ କରନ୍ତୁ ବୋଲି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଗତ ଏପ୍ରିଲ ୨୫ ତାରିଖ ଟ୍ୱିଟ୍ ଅନୁସାରେ ଯଦି ଓଡିଶା ସରକାର ୨ହଜାର କୋଟି ଟଙ୍କାର କୋଭିଡ୍ ଟୀକା ଅର୍ଡର କରିସାରିଥିଲେ, ତେବେ ପୁଣି କାହିଁକି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କେନ୍ଦ୍ରକୁ ଚିଠି ଲେଖି ଟୀକା ଦେବା ପାଇଁ କହିଲେ ? ବର୍ତମାନ ଓଡିଶାକୁ ଆସୁଥିବା କୋଭିଡ୍ ଟୀକା କେନ୍ଦ୍ରର ନା ରାଜ୍ୟ କିଣିଛି ? ପ୍ରତି ୨-୪ ଦିନରେ ନିଜ ମନ୍ତବ୍ୟ ବଦଳାଇ ଲୋକଙ୍କୁ ଦ୍ୱନ୍ଦରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଣ ବାର୍ତା ଦେବା ପାଇଁ ଚାହୁଁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। କୋଭିଡ୍ ଟୀକା ପରିଚାଳନାରେ ରାଜ୍ୟ ସରକାର ସଂପୂର୍ଣ୍ଣ ଫେଲ ହୋଇଛନ୍ତି। ଯୁବବର୍ଗଙ୍କ ଟୀକାକରଣ ପାଇଁ ରାଜ୍ୟ ସରକାର ଯେଉଁ ୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି କହିଥିଲେ, ତାହା କଣ ହେଲା ? ରାଜ୍ୟର ଯୁବବର୍ଗଙ୍କ ଆଉ ପ୍ରତାରଣା ନକରି ଓ ବାହାସ୍ଫୋଟ ମାରିବା ପରିତ୍ୟାଗ କରି ବର୍ତମାନ ସୁଦ୍ଧା ରାଜ୍ୟର କେତେ ଯୁବକ ଟୀକା ନେଇ ସାରିଛନ୍ତି ଏବଂ ରାଜ୍ୟର ଯୁବବର୍ଗଙ୍କୁ କୋଭିଡ୍ ଟୀକାକରଣ ପାଇଁ କଣ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି, ତାହା ସାର୍ବଜନୀନ କରିବାକୁ ଶ୍ରୀ ଆଚାର୍ଯ୍ୟ ଦାବୀ କରିଛନ୍ତି ।

# ବୁର୍ଲା ଓ ବ୍ରହ୍ମପୁର ମେଡ଼ିକାଲରେ ଇକ୍‌ମୋ ମେସିନ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ସମାଜବାଦୀ ପାର୍ଟି

ଭୁବନେଶ୍ୱର,୮/୬ (ନି.ପ୍ର): କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଜୀବନ ରକ୍ଷାକାରୀ ଇକ୍‌ମୋ ମେସିନ୍ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କର ଏହି ପଦକ୍ଷେପକୁ ସମାଜବାଦୀ ପାର୍ଟି ସ୍ୱାଗତ କରୁଛି। ଏହା ସହିତ ରାଜ୍ୟ ସରକାର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ମେଡ଼ିକାଲ କଲେଜ ଓ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ମେଡ଼ିକାଲ କଲେଜରେ ଇକ୍‌ମୋ ମେସିନ୍ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏ ସଂକ୍ରାନ୍ତରେ ଏକ ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଚିଠିରେ ସେ କହିଛନ୍ତି ଯେ, କମ୍ପାନୀ ମାନଙ୍କର ସମାଜିକ ଦାୟିତ୍ୱ (ସିଏସ୍ଆର) ଫଣ୍ଡରୁ ମହାନଦୀ କୋଲଫିଲ୍ଡ଼କୁ ଅନୁରୋଧ କରାଯାଇ ଇକ୍‌ମୋ ମେସିନ୍ ବୁର୍ଲାରେ ସ୍ଥାପନ କରାଯାଉ। ସେହିଭଳି ଗୋପାଳପୁର ପୋର୍ଟ ଟ୍ରଷ୍ଟ କିମ୍ବା ଟାଟା କମ୍ପାନୀର ସିଏସ୍ଆର ଫଣ୍ଡରୁ ବ୍ରହ୍ମପୁର ମେଡ଼ିକାଲ କଲେଜରେ ଇକ୍‌ମୋ ମେସିନ୍ ସ୍ଥାପନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଶ୍ରୀ ବେହେରା ଏହି ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହା ଫଳରେ ବହୁ ଗୁରୁତର ରୋଗୀଙ୍କ ଜୀବନ ବଂଚିଯାଇ ପାରିବ ଏବଂ ସେମାନଙ୍କ ଆଉ ଏୟାର ଆମ୍ବୁଲାନ୍ସ ଯୋଗେ ସୁଦୂର ହାଇଦ୍ରାବାଦ, ମାଡ୍ରାସ ଭଳି ସହରକୁ ଯିବାକୁ ପଡ଼ିବ ନାହିଁ।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଭିନବ ଷ୍ଟାର୍ଟଅପ୍ : ବିନା ରକ୍ତ ନମୁନାରେ ଜାଣିହେବ ରକ୍ତଶୂନ୍ୟତା ଓ ଅନ୍ୟାନ୍ୟ ସମସ୍ୟା

ଭୁବନେଶ୍ୱର,୮/୬ (ନି.ପ୍ର): ଏଣିକି ବିନା ରକ୍ତ ନମୁନା ପରୀକ୍ଷାରେ ଜାଣିହେବ ରକ୍ତ ଶୂନ୍ୟତା, ରକ୍ତ ସର୍କରାର ସ୍ଥିତି। ଏଥି ସହିତ ଯକୃତ, ଫୁସ୍‌ଫୁସ୍ ଓ ବୃକକ୍‌ରେ ରହିଥିବା ସମସ୍ୟା ମଧ ଜଣାପଡ଼ିବ। ତାହା ପୁଣି ଏକ ମିନିଟ୍ ରୁ କମ୍ ସମୟ ମଧରେ । ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆରମ୍ଭ ହୋଇଥିବା ନୂତନ ଷ୍ଟାର୍ଟଅପ୍ ଏହି ଅଭିନବ ଜ୍ଞାନକୌଶଳର ବିକାଶ କରିଛନ୍ତି । ଇଜି-ଆରଏକ୍ସ ନାମକ ଯନ୍ତ୍ରପାତି ଉତ୍ପାଦନକାରୀ ଶିଳ୍ପସଂସ୍ଥା ଏହାକୁ ବଜାରରେ ଉପଲବ୍ଧ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି, ଯାହା ଶସ୍ତା ଓ ସହଜରେ ଉପଲବ୍ଧ ହୋଇପାରିବ। କୋଭିଡ୍-୧୯ ପରି ମହାମାରୀ ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ଅସ୍ୱାଭାବିକତା ଏବଂ କାମ କରିବା ବନ୍ଦ କରିଦେବା ଭଳି ସ୍ଥିତିରେ ତ୍ୱରିତ କଳନ କରିହେବ। ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଥିବା ବୟସ୍କ ରୋଗୀଙ୍କ କ୍ଷେତ୍ରରେ ଶରୀର ଯାଂଚ ନିମନ୍ତେ ଏହା ବହୁ ଉପଦେୟ ସାବ୍ୟସ୍ତ ହୋଇପାରିବ । ଅନ୍ୟ ଏକ ସଂସ୍ଥା କୋଭିଡ୍-୧୯ ନିମନ୍ତେ ଦିଆଯାଉଥିବା ପ୍ରତିଷେଧକ ଟିକାକୁ ସହଜ ଏବଂ ନିରାପଦରେ ପରିବହନ କରିବା ନିମନ୍ତେ ବିଯୁକ୍ତ ତାପମାତ୍ରାଯୁକ୍ତ ପରିବହନ ଓ ଷ୍ଟୋରେଜ୍ ସକାଶେ ବାୟୋସିୟୋର ନାମକ ଏକ ଉପକରଣର ନିର୍ମାଣ କରିଛି । ଏହି ସାହାଯ୍ୟରେ ଘରକୁ ଘର ବୁଲି ଟିକାଦାନ ପ୍ରକ୍ରିୟାକୁ ଅନାୟାସରେ ସଂଚାଳନ କରିହେବ । ଏହା ବିଶେଷ ଭାବେ ଅଗମ୍ୟ ଏବଂ ଦୂରଦୂରାନ୍ତ ଅଂଚଳରେ ବହୁ ଉପକାରୀ ହୋଇପାରିବ। ଏହାକୁ ମାର୍କ୍‌ଫି ସଲ୍ୟୁସନ୍ ପ୍ରା.ଲିଃ. ସଂସ୍ଥା ଉତ୍ପାଦନ କରିବା ସକାଶେ ଆଇସିଏମ୍ଆରକୁ ମୂଲ୍ୟାଙ୍କନ କରିବା ପାଇଁ ଆବେଦନ କରିଛନ୍ତି । ମେଡ୍-ଟେଲ୍ ହେଲଥ୍‌କେୟାର ନାମକ ସଂସ୍ଥା ଦୂରରେ ଥିବା ରୋଗୀଙ୍କୁ ଡାକ୍ତରୀ ପରାମର୍ଶ ଉପଲବ୍ଧ କରିପାରୁଛି । ଅତି ଜରୁରୀବେଳେ ଡାକ୍ତର ପାଖକୁ ବ୍ୟକ୍ତିଗତ ଭାବେ ରୋଗୀ ନଯାଇ ଡାକ୍ତରୀ ସେବା ପାଇବାରେ ଏହି ପଦ୍ଧତି ସଫଳତାର ସହ କାର୍ଯ୍ୟ କରିପାରୁଛି। ଏହାର ଉପାଦେୟତା ସକାଶେ ବିଭିନ୍ନ ବାହାରଦେଶ ଏହାର ଉତ୍ପାଦନ ସକାଶେ ଆଗଭର ଥିବା ରିପୋର୍ଟରେ ଦର୍ଶାଯାଇଛି। ଆଉ ଏକ ମେଡି-କିଟ୍ ଯାହା ଶରୀରର ତ୍ୱରିତ ଆଂଟିବଡ଼ି ମାପିବାରେ ସଫଳ ହୋଇଛି। ଆଇସିଏମ୍ଆର ଏହାକୁ ୯୨% ସଫଳ ହେଉଥିବା ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଏହା ସାର୍ସ-କୋଭିଡ୍-୨କୁ ଚିହ୍ନଟ କରିପାରିବା ସହିତ ଲକ୍ଷଣବିହୀନ ଲୋକଙ୍କ ଶରୀରରେ ସେରୋ ସଂକ୍ରମଣ ସଂପର୍କରେ ତଥ୍ୟ ପ୍ରଦାନ କରିପାରିବ। ତା'ଛଡ଼ା 'ସ୍ୱସ୍ଥ' ନାମକ ଏକ କୋଭିଡ୍ ସ୍ୱାସ୍ଥ୍ୟସେବା ପରିଚାଳନା ପାଇଁ ଟେକ୍ ଷ୍ଟାର୍ଟଅପ୍ ବିକଶିତ କରାଯାଇଛି । ଏହା ଜିଲ୍ଲା ପ୍ରଶାସନ, ପୌରପରିଷଦ ପ୍ରଭୃତିଙ୍କୁ କୋଭିଡ୍ ପରିଚାଳନାରେ ଉପାଦେୟ ହେବ। ଏହାର ପ୍ରୟୋଗରେ ଡାକ୍ତରଖାନାରେ ସିଟ୍, ରେଫରାଲ୍, ଅମ୍ଳଜାନ ଉପଲବ୍ଧ ପ୍ରଭୃତି ସମ୍ବନ୍ଧରେ ସଠିକ୍ ବିବରଣୀ ରୋଗୀମାନେ ପାଇପାରିବେ। ଅନ୍ୟ ଏକ ସଂସ୍ଥା ଆରଟି-ପିସିଆର ଏବଂ ଡିଏନ୍ ଏ ପରୀକ୍ଷା ନିମନ୍ତେ ଉପକରଣ ନିର୍ମାଣ କରିଛନ୍ତି। ଗତ କୋଭିଡ୍ ର ଦ୍ୱିତୀୟ ଲହରୀ ସମୟରେ ଏହା ପ୍ରାୟ ୧ ଲକ୍ଷ ଲୋକଙ୍କ ପରୀକ୍ଷା କରି ସଫଳତା ହାସଲ କରିଛି। ଏହିସବୁ ଷ୍ଟାର୍ଟଅପ୍ ଓଡ଼ିଶାରେ ତାଙ୍କର ଉତ୍ପାଦନ ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଓଡ଼ିଶା ଅଧୀନରେ ଏସବୁ ଷ୍ଟାର୍ଟଅପ୍ ପଂଜୀକୃତ ହୋଇଛି। ଏଥି ପାଇଁ ଏମ୍ଏସ୍ଏମ୍ଇ ପାର୍କ, ଶିଳ୍ପାଂଚଳ ପ୍ରଭୃତି ସୃଷ୍ଟି କରାଯାଇଛି। ଆବଶ୍ୟକ ସ୍ଥଳେ ସରକାରୀ ଜମିଯୋଗାଣ, ବ୍ୟାଙ୍କ ଲିଙ୍କେଜ୍ ଆଦି ସୁବିଧା ଯୋଗାଇ ଦିଆଯାଉଛି।

# ୧୦ରେ ବଳୟ ସୂର୍ଯ୍ୟୋପରାଗ : ଓଡ଼ିଶାରେ ଦୃଶ୍ୟମାନ ହେବନାହିଁ



ଭୁବନେଶ୍ୱର ,୮/୬ (ନି.ପ୍ର): ଆସନ୍ତା ୧୦ ତାରିଖରେ ୨୦୨୧ର ପ୍ରଥମ ତଥା ଶେଷ ସୂର୍ଯ୍ୟୋପରାଗ ସଂଗଠିତ ହେବ। ଏହା ଉତ୍ତର କାନାଡ଼ା, ଗ୍ରିନ୍‌ଲାଣ୍ଡ ଓ ରୁଷିଆର କିଛି ଅଞ୍ଚଳରେ ବଳୟ ସୂର୍ଯ୍ୟୋପରାଗ ଭାବେ ଦେଖାଯିବାକୁ ଥିବା ବେଳେ ଆମେରିକା, ୟୁରୋପ, ଏସିଆ ମହାଦେଶର ଅନେକ ଅଞ୍ଚଳରେ ଏହା ଆଂଶିକ ଭାବେ ଦେଖାଯିବ। ଭାରତରେ କେବଳ ଜମ୍ମୁ-କାଶ୍ମୀରର କିଛି ଅଞ୍ଚଳରେ ୧୦ ପ୍ରତିଶତରୁ କମ୍ ଆଂଶିକ ପରାଗ ଦେଖାଯିବ। ଓଡ଼ିଶାରେ ଏହା ଦୃଶ୍ୟମାନ ହେବନାହିଁ।

ଭାରତୀୟ ସମୟ ପ୍ରାୟ ମଧ୍ୟାହ୍ନ ୧ଟା ୪୨ରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୧ମିନିଟ୍‌ରେ ଶେଷ ହେବ। ଅପରାହ୍ଣ ୪ଟା ୧୧ରେ ସୂର୍ଯ୍ୟୋପରାଗ ସର୍ବାଧିକ ଦେଖାଯିବ। ବିଭିନ୍ନ ସ୍ଥାନରେ ସୂର୍ଯ୍ୟୋପରାଗର ଆରମ୍ଭ, ଶେଷ ଓ ସର୍ବାଧିକ ଘଟିବାର ସମୟ ଅସମାନ ରହିବ। ତେବେ ଭାରତରେ ପରବର୍ତ୍ତୀ ସୂର୍ଯ୍ୟୋପରାଗ ଆସନ୍ତା ୨୦୨୨ ଅକ୍ଟୋବର ୨୫ରେ ଦେଖାଯିବ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ଉପ ନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର,୮/୬ (ନି.ପ୍ର): ରାଜ୍ୟ ସରକାର କୃଷକମାନଙ୍କ ଆୟ ଦ୍ୱିଗୁଣିତ ଓ ବହୁଗୁଣିତ କରିବା ପାଇଁ ଲକ୍ଷ୍ୟ ରହିଥିବାବେଳେ ରାଜ୍ୟର ଉଦ୍ୟାନ କୃଷି ଦ୍ୱାରା କୃଷକମାନଙ୍କର ଆୟବୃଦ୍ଧି କରିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଆଜି ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ସମୀକ୍ଷା ବୈଠକରେ"ଯୋଗଦେଇ ମନ୍ତ୍ରୀ ଡ. ସାହୁ ଚଳିତ ବୃକ୍ଷରୋପଣ ଋତୁରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଉନ୍ନତ ମାନର ଚାରା ପ୍ରସ୍ତୁତି ଓ ଯୋଗାଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ରାଜ୍ୟରେ ଫଳ ଓ ପନିପରିବା ଚାଷ କରିବା ପାଇଁ ବ୍ୟାପକ ସୁଯୋଗ ରହିଥିବା ପରିପ୍ରେକ୍ଷୀରେ ଚାଷୀମାନଙ୍କୁ ବୃକ୍ଷରୋପଣ ନିମନ୍ତେ ଯୋଗାଇ ଦିଆଯାଉଥିବା ସବୁ ସାମଗ୍ରୀ ଯେପରି ସଠିକ୍ ସମୟରେ ଓ ସଠିକ୍ ମାନର ହୋଇଥିବ ତା'ର କଡ଼ାକଡ଼ି ତଦାରଖ କରିବା ପାଇଁ ମନ୍ତ୍ରୀ ଡ. ସାହୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ଦ୍ୱାରା କରାଯାଉଥିବା ବୃକ୍ଷରୋପଣର ସ୍ଥିତାବସ୍ଥା ସଂପର୍କରେ ନିୟମିତ ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ଏଥିସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ନୂତନ ଉଦ୍ୟୋଗୀ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍ୱାରା ଆତ୍ମନିଯୁକ୍ତି ମିଳିବା ସହିତ ଅନେକ ନୂତନ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ। ବ୍ଲକ୍ ଏବଂ ଜିଲ୍ଲାସ୍ତରରୁ ତଥ୍ୟ ସଂଗ୍ରହ କରି ରାଜ୍ୟର ଉଦ୍ୟାନ କୃଷି କ୍ଷେତ୍ର ସଂପର୍କରେ ଏକ ବିସ୍ତୃତ ଓ ନିର୍ଭୁଲ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ କହିଥିଲେ। ଉଦ୍ୟାନ କୃଷି ଯୋଜନାର ସଫଳ ରୂପାୟନ ଦିଗରେ ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ଉଦ୍ୟାନ କୃଷି ଉତ୍ପାଦନରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ନିମନ୍ତେ ଦକ୍ଷତାର ସହିତ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ଯୋଜନାଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ। ବୈଠକରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନଙ୍କ ସମେତ ରାଜ୍ୟର ସମସ୍ତ ସହକାରୀ ଉଦ୍ୟାନ କୃଷି ଅଧିକାରୀମାନେ ଯୋଗଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆମ ଦେଶ କରୋନା ବିରୁଦ୍ଧ ଲଢେଇରେ ବିଜୟୀ ହେବ : ସମୀର ମହାନ୍ତି



ଭୁବନେଶ୍ୱର,୮/୬ (ନି.ପ୍ର): ଶତାବ୍ଦୀର ସବୁଠୁ ବଡ ମହାମାରୀ କରୋନା ଲଢେଇରେ ଟୀକା ହେଉଛି ସୁରକ୍ଷା କବଚ । ଆଜି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଦେଶବାସୀଙ୍କୁ ମାଗଣା କୋଭିଡ୍ ଯୋଗାଇ ଦେବାର ଘୋଷଣା କରିଛନ୍ତି । ଦେଶବାସୀଙ୍କୁ କୋଭିଡ୍ ଟୀକାକରଣର ସମସ୍ତ ଦାୟୀତ୍ୱ କେନ୍ଦ୍ର ସରକାର ବହନ କରିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଖୁସି ବ୍ୟକ୍ତ କରିଛନ୍ତି । କରୋନା ସଂକ୍ରମଣଜନିତ ଲକ୍‌ଡାଉନ / ସଟ୍‌ଡାଉନ କାରଣରୁ ବହୁ ଲୋକ ଜୀବନ ଜୀବିକା ହରାଇଛନ୍ତି । ଜୀବିକା ହରାଇଥିବା ୮୦ କୋଟି ଦେଶବାସୀଙ୍କ ପାଇଁ ଗରୀବକଲ୍ୟାଣ ଅନ୍ନ ଯୋଜନାରେ ଆସନ୍ତା ନଭେମ୍ବର ମାସ ପର୍ଯ୍ୟନ୍ତ ମାଗଣା ରାସନ୍ ସାମଗ୍ରୀ ଯୋଗାଇ ଦେବାର ଘୋଷଣା ମଧ ସଂକଟ ସମୟ ଦେଇ ଗତି କରୁଥିବା ଦେଶବାସୀଙ୍କୁ ବହୁ ଆଶ୍ୱସ୍ତି ପ୍ରଦାନ କରିଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଆଜିର ଏହି ଐତିହାସିକ ନିଷ୍ପତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ବିଜେପି ତରଫରୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି । ମାଗଣା ଟୀକା ସହ ମାଗଣା ରାସନ୍। ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣା ଟୀକା ପ୍ରଦାନ ଏବଂ କରୋନା ସଂକ୍ରମଣ କାରଣରୁ ଜୀବିକା ହରାଇଥିବା ୮୦ କୋଟି ଲୋକଙ୍କୁ ମାଗଣା ରାସନ୍ ଯୋଗାଣର ପ୍ରଧାନମନ୍ତ୍ରୀଙ୍କ ଆଜିର ଘୋଷଣା ଅତ୍ୟନ୍ତ ବଳିଷ୍ଠ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏଣିକି ରାଜ୍ୟ ସରକାରଙ୍କ ଉପରେ ଆଉ ଅଧିକ ଆର୍ଥିକ ବୋଝ ପଡିବ ନାହିଁ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଶିଶୁମାନଙ୍କ ପାଇଁ ୨ଟି କୋଭିଡ୍ ଟୀକାର ପରୀକ୍ଷା ଦେଶରେ ଜାରୀ ରହିଛି। ବହୁ ଶୀଘ୍ର ଶିଶୁମାନଙ୍କୁ ମଧ ମାଗଣାରେ ଟୀକା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ ଆଜିର ଦୃଢୋକ୍ତି ଦେଶବାସୀଙ୍କୁ ନିର୍ଶ୍ଚିତ ଭାବେ ଆଶ୍ୱସ୍ତି ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ଦେଶ ସଫଳତାର ସହ କରୋନା ବିରୁଦ୍ଧ ଲଢେଇରେ ବିଜୟୀ ହେବ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି ।

# ପୂର୍ବତଟ ରେଳପଥ ମଧ୍ୟଦେଇ ତିନି ଯୋଡ଼ା ବିଶେଷ ଟ୍ରେନ୍



ଭୁବନେଶ୍ୱର,୮/୬ (ନି.ପ୍ର): ପୂର୍ବ ତଟ ରେଳ ପରିସୀମା ମଧ୍ୟଦେଇ ଦୁଇ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ରେଳବାଇ ନିଷ୍ପତି ନେଇଥିବା ବେଳେ ଗୋଟିଏ ସ୍ୱତନ୍ତ୍ର ଟ୍ରେନର ଚଳାଚଳ ଦିବସକୁ ବୃଦ୍ଧି କରିବାକୁ ମଧ ନିଷ୍ପତି ନିଆଯାଇଛି। ୦୨୪୪୯/୦୨୪୫୦ ଶାଲିମାର-ସିକନ୍ଦରାବାଦ୍-ଶାଲିମଓର ସ୍ପେଶାଲ ଶାଲିମାରରୁ ୯ ଜୁନ୍ ରୁ ୩୦ ଜୁନ୍ ମଧ୍ୟରେ ବୁଧବାର ଦିନ ଅପରାହ୍ନ ୧୨ଘ.୨୦ମି.ରେ ଛାଡିବ । ଏହି ଟ୍ରେନ ସିକନ୍ଦରାବାଦ୍ ରୁ ୧୧ ଜୁନ୍ ରୁ ୨ ଜୁଲାଇ ୨୦୨୧ ମଧ୍ୟରେ ପ୍ରତ୍ୟେକ ଶୁକ୍ରବାର ଦିନ ସକାଳ ୪ ଘଟିକାରେ ଛାଡିବ । ଏହି ଟ୍ରେନରେ ଉଭୟ ଦିଗରୁ ଶାଲିମାର ଏବଂ ସିକନ୍ଦରାବାଦ୍ ମଧ୍ୟରେ ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବ୍ରହ୍ମପୁର, ସୋମପେଟା, ପାଲାସା, ବିଜୟନଗରାମ, ବିଶାଖାପାଟନମ୍ ଠାରେ ରହଣି କରିବ । ୦୨୪୬୯/୦୨୪୭୦ ହାଓଡ଼ା-ଯଶୋବନ୍ତପୁର-ହାଓଡ଼ା ବିଶେଷ ଟ୍ରେନ ହାଓଡ଼ା ଠାରୁ ୧୦ରୁ ୨୪ ଜୁନ ମଧ୍ୟରେ ପ୍ରତି ଗୁରୁବାର ଅପରାହ୍ନ ୧୨ଘ.୪୦ମି.ରେ ଛାଡିବ । ଫେରିବା ପଥରେ ଏହି ଟ୍ରେନ ଯଶୋବନ୍ତପୁର ଠାରୁ ୧୩ ରୁ ୨୭ ଜୁନ ମଧ୍ୟରେ ପ୍ରତି ରବିବାର ସକାଳ ୫ଘ. ୧୫ମି.ରେ ଛାଡିବ । ଏହି ଟ୍ରେନ ଉଭୟ ଦିଗରୁ ହାଓଡ଼ା ଏବଂ ଯଶୋବନ୍ତପୁର ମଧ୍ୟରେ ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବ୍ରହ୍ମପୁର, ପାଲାସା, ଶ୍ରୀକାକୁଲମ ରୋଡ଼, ବିଜୟନଗରାମ, ବିଶାଖାପାଟନମ୍ ଠାରେ ରହଣି କରିବ । ହାଟିଆ-ଯଶୋବନ୍ତପୁର-ହାଟିଆ ବିଶେଷ ଟ୍ରେନ ଚଳାଚଳ ଦିବସ ବୃଦ୍ଧି ହାଟିଆ-ଯଶୋବନ୍ତପୁର-ହାଟିଆ ବିଶେଷ ଟ୍ରେନ ଚଳାଚଳ ଦିବସ ଅବଧିକୁ ସାପ୍ତାହିକରୁ ଦ୍ୱି-ସାପ୍ତାହିକ ବୃଦ୍ଧି କରିବାକୁ ନିଷ୍ପତି ନିଆଯାଇଅଛି । ୦୨୮୩୫/୦୨୮୩୬ ହାଟିଆ-ଯଶୋବନ୍ତପୁର-ହାଟିଆ ବିଶେଷ ଟ୍ରେନ ହାତୀଆ ଠାରୁ ପ୍ରତ୍ୟେକ ମଙ୍ଗଳବାର ଏବଂ ରବିବାର ଦିନ ୬ ଜୁନ୍ ରୁ ୨୭ ଜୁନ୍ ମଧ୍ୟରେ ଛାଡିବ। ପ୍ରତ୍ୟାବର୍ତନ ଦିଗରେ, ଏହି ଟ୍ରେନ ଯଶୋବନ୍ତପୁର ଠାରୁ ପ୍ରତ୍ୟକ ଗୁରୁବାର ଏବଂ ମଙ୍ଗଳବାର ଦିନ ମାନଙ୍କରେ ୮ ଜୁନ୍ ରୁ ୨୯ ଜୁନ୍ ମଧ୍ୟରେ ଚଳାଚଳ କରିବ । ଏହି ଟ୍ରେନ୍ ପାଇଁ ସ୍ଥିରୀକୃତ ସମୟ ଏବଂ ରହଣି ସ୍ଥାନ ଅପରିବର୍ତିତ ରହିବ ।

# ତୈଳ ଦର ବୃଦ୍ଧିକୁ ନେଇ ବର୍ଷିଲେ ବିଜେଡି ନେତା

ଭୁବନେଶ୍ୱର,୮/୬ (ନି.ପ୍ର): ଲଗାତାର ଭାବେ ତୈଳ ଦର ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି ବିଜେଡି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବିଜେଡି ନେତା ସଂଜୟ ଦାସବର୍ମା କହିଛନ୍ତି ଯେ ଯେଉଁଭଳି ଭାବେ ତୈଳ ଦର ଲୋକଙ୍କ ଉପରେ ଲଦି ଦିଆଯାଉଛି ବିଜୁ ଜନତା ଦଳ ଏହାକୁ ନିନ୍ଦା କରୁଛି। ସବୁର୍ଗର ଲୋକ ଏଥିରେ ପ୍ରଭାବିତ ହେଉଛନ୍ତି । ଲଗାତାର ଭାବେ ୧୬ ଥର ତୈଳ ଦର ବୃଦ୍ଧି କରାଯାଇଛି । କେନ୍ଦ୍ର ସରକାର ନେଉଥିବା ଟ୍ୟାକ୍ସ ହାର କମାଇବା ସହ ରିହାତି ହାର ବୃଦ୍ଧି କରନ୍ତୁ। ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଯେଉଁ ହାର ବୃଦ୍ଧି ପାଉନି ତା ତୁଳନାରେ ତୈଳ ଦର ଯଥେଷ୍ଟ ଅଧିକ ବୃଦ୍ଧି ପାଉଛି । ତୈଳ ଦର ବୃଦ୍ଧି ସାଧାରଣ ଲୋକଙ୍କୁ ବହୁତ ପ୍ରଭାବିତ କରୁଛି । ଅଗାମୀ ଦିନରେ ତୈଳ ଦର ବୃଦ୍ଧି ପ୍ରତିବାଦ ନେଇ ବିଜେଡି ଆହୁରି ଶକ୍ତ ଆଭିମୁଖ୍ୟ ଆପଣେଇବ ବୋଲି ସେ କହିଛନ୍ତି।

# ମହିଳା ଓ ଶିଶୁବିକାଶ ବିଭାଗର ଟିକି ମାଉସୀ କହେ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୮/୬ (ନି.ପ୍ର): କୋଭିଡ୍‌ର ତୃତୀୟ ଲହରକୁ ଦୃଷ୍ଟିରେ ରଖି ଏଭଳି ସଂକଟରୁ ଉଦ୍ଧାର ପାଇବା ନିମନ୍ତେ ଆମକୁ ସୁଚିନ୍ତିତ କୌଶଳ ଆପଣାଇବାକୁ ପଡ଼ିବ, ଯାହାଦ୍ୱାରା ମୂଲ୍ୟବାନ ଜୀବନ ସୁରକ୍ଷିତ ରହିପାରିବ । ଏଥିପାଇଁ କୋଭିଡ୍ ସଚେତନତା ଏବଂ ନିୟମାବଳୀର କଠିନ ଅନୁପାଳନ ବ୍ୟବସ୍ଥାକୁ ଆମକୁ ଆହୁରି ଦୃଢ଼ୀଭୂତ କରିବାକୁ ହେବ । ପରିସ୍ଥିତିର ଦୃଢ଼ ମୁକାବିଲା କରିବା, ଯୋଗାଯୋଗ ମାଧ୍ୟମକୁ ଆହୁରି ସକ୍ରିୟ କରିବା, ଏବଂ ସମାଜର ସବୁଠାରୁ ଶେଷଧାଡ଼ିରେ ଠିଆ ହୋଇଥିବା ଲୋକଟି ପାଖରେ କିଭଳି କୋଭିଡ୍ ସମ୍ବନ୍ଧୀୟ ସଠିକ ତଥ୍ୟ ଓ ସୂଚନା ପହଂଚିପାରିବ ସେଥିପାଇଁ 'ଟିକି ମାଉସୀ କହେ' ଏକ ଅଭିନବ ଅଭିଯାନ ବୋଲି ମିହଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ମତବ୍ୟକ୍ତ କରିଛନ୍ତି । ଆଜି ଅପରାହ୍ନରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ 'ଟିକି ମାଉସୀ କହେ କମିକ୍ ବୁକ୍, ପ୍ରଚାର ଓ ପ୍ରସାର ସାମଗ୍ରୀ ଏବଂ ଆନିମେଶନର ଲୋକାର୍ପଣ କରି ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ବିଭାଗର ମାସ୍କଟ ଟିକି ମାଉସୀ ଜରିଆରେ କୋଭିଡ୍ ମାର୍ଗଦର୍ଶିକା ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିବ, ଏବଂ ଏହି ବାର୍ତା ଅତିଶୀଘ୍ର ଏବଂ ସହଜରେ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ନିକଟରେ ପହଂଚିପାରିବ । ବିଶେଷ କରି କୋଭିଡ୍ ସମୟରେ ମହିଳା, କିଶୋରୀ ଓ ଶିଶୁଙ୍କ ପୁଷ୍ଟିସାଧନ, ହିଂସାର ଶିକାର ହେଉଥିବା ମହିଳା ଓ କିଶୋରୀଙ୍କୁ ସୁରକ୍ଷା, କୋଭିଡ୍ ? ପ୍ରଭାବିତ ଶିଶୁମାନଙ୍କ ନିରାପତା, ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ଆଶ୍ରୟ ଗୃହର ଅନ୍ତେବାସୀମାନଙ୍କ ପାଇଁ ଜାଣିବା କଥା ଆଦି ସଂପର୍କରେ ଏହିସବୁ ପ୍ରଚାର ପୁସ୍ତିକା ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି । ଏହିସବୁ ପୁସ୍ତିକା ପ୍ରକାଶନ ଏବଂ ଏହାର ଆବଶ୍ୟକତା ଏବଂ ବ୍ୟବହାର ସଂପର୍କରେ ସୂଚନା ପ୍ରଦାନ କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଲେ, କୋଭିଡ୍ ଯୁଦ୍ଧରେ ଆମର ଆଗଧାଡ଼ିର କାର୍ଯ୍ୟକର୍ତାମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ସେମାନଙ୍କ ମାଧ୍ୟମରେ ଗୋଷ୍ଠୀ ସ୍ତରରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି । ଏଥିପାଇଁ ବିଭାଗ ତରଫରୁ ପ୍ରାୟ ୭୦ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତାଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଛି । ଏବେ ସେମାନେ ଆମ ବିଭାଗର ମାସ୍କଟ 'ଟିକି ମାଉସୀ'କୁ ସାମ୍ନାରେ ରଖି ଏହିସବୁ ପ୍ରଚାର ଓ ପ୍ରସାର ସାମଗ୍ରୀ ମାଧ୍ୟମରେ ବ୍ୟାପକ କୋଭିଡ୍ ସଚେତନତା ସୃଷ୍ଟି କରିବେ । କୋଭିଡ୍ ଆପ୍ରୋପ୍ରିଏଟ୍ ନ୍ୟୁଟ୍ରିସନ୍ (କ୍ୟାନ୍), ମମତା ଦିବସ, ଶିଶୁମାନଙ୍କୁ ସ୍ତନ୍ୟପାନ, ଘରୋଇ ହିଂସା ବିରୁଦ୍ଧରେ ସଚେତନତା ସୃଷ୍ଟି ଆଦି କାର୍ଯ୍ୟକ୍ରମ ଏହା ମାଧ୍ୟମରେ ବେଶ୍ ଫଳପ୍ରଦ ହୋଇପାରିବ ବୋଲି ପ୍ରମୁଖ ଶାସନ ସଚିବ ଆଶାପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ କହିଲେ, କୋଭିଡ୍ ଦ୍ୱିତୀୟ ଲହରରେ ଯୁବଗୋଷ୍ଠୀ ଅଧିକ ପ୍ରଭାବିତ ହୋଇଛନ୍ତି । ସେମାନେ ଆମର ଭବିଷ୍ୟତ । ବିଶେଷ କରି କୋଭିଡ୍ ସ୍ଥିତିରେ ବାଳିକାମାନେ ଅଧିକ ସମ୍ବେଦନ ପ୍ରବଣ ହେବାର ଆଶଙ୍କା ରହିଛି । ବାଳିକାମାନଙ୍କ କ୍ଷେତ୍ରରେ ସମ୍ଭାବ୍ୟ ବାଲ୍ୟବିବାହ, ଯୌନ ନିର୍ଯାତନା, କମ୍ ବୟସର ଗର୍ଭବତୀ ହେବା ଆଦି ପ୍ରସଙ୍ଗକୁ ନେଇ ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ ପ୍ରତିହତ କରିବା ଦିଗରେ ଏହିଭଳି କୌଶଳପୂର୍ଣ୍ଣ ପ୍ରଚାର ଓ ପ୍ରସାର ଲାଭଦାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ ।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଳେଶ୍ୱର ଅବହେଳିତ : ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ

ଜଳେଶ୍ୱର, ୮/୬ (ନିପ୍ର) : ସମ୍ବିଧାନରେ ସ୍ୱାସ୍ଥ୍ୟ ଏକ ମୌଳିକ ଅଧିକାର ହୋଇଥିବା ବେଳେ ଜଳେଶ୍ୱର ବାସୀ ସ୍ୱାସ୍ଥ୍ୟକ୍ଷେତ୍ରରେ ଭିତ୍ତିଭୂମୀର ଅଭାବ ଯୋଗୁଁ ଅବହେଳିତ ହୋଇ ଆସୁଛନ୍ତି । କ୍ରମାଗତଭାବେ ଏହି ଅବହେଳାକୁ ବରାଦାସ୍ତ କରାଯିବନାହିଁ, ଏବଂ ଆବଶ୍ୟକ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ହେବ ବୋଲି କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଏକ ପ୍ରେସ୍ ବିବୃତିରେ ଏଠାରେ ପ୍ରକାଶ କରିଛନ୍ତି । ଜଳେଶ୍ୱର ବ୍ଲକର ପ୍ରାୟ ୨ଲକ୍ଷ୬୦ହଜାର ବ୍ୟକ୍ତି ବିଶେଷଙ୍କ ପାଇଁ ଜଳେଶ୍ୱରଠାରେ ଜିକେଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଭଟ୍ଟର ଡାକ୍ତରଖାନାରେ ଦୀର୍ଘବର୍ଷ ଧରି ପ୍ରସୂତୀ, ଭେଷଜ, ଅସ୍ତ୍ର, ଶଲ୍ୟ, ନିସ୍ତେଜକ ଇତ୍ୟାଦି ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ନାହାନ୍ତି । ଜଳେଶ୍ୱର ସହର ପାଖ ଦେଇ ୬୦ନଂ ଜାତୀୟ ରାଜପଥ ଓ ୫୭ ରାଜ୍ୟ ରାଜପଥ ରହିଥିବାରୁ ତଥା ଏହି ବିଭାଗର ବହୁ ରୋଗୀ ଆସୁଥିବାରୁ ଜଣେ ହାଡଭଂଗା ଡାକ୍ତର ନିଯୁକ୍ତି ଓ ଟ୍ରମା କେୟାର ସେଣ୍ଟର ଲାଗି ଦାବୀ ହୋଇ ଆସୁଛି । ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭାଗୀୟ ଡାକ୍ତର ନଥିବା ବେଳେ କାଁ-ଭାଁ ଛାଡିଦେଲେ ସବୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡିଛି । ଏବେ ୧୦ଜଣ ଡାକ୍ତର ନିଯୁକ୍ତି ପାଇବା ଜାଣି ଲୋକେ ଖୋସି ହୋଇଛନ୍ତି । ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇନଥିବା ବେଳେ ଏହି ନୂଆ ୧୦ଜଣ ଡାକ୍ତର କେତେଦୀନ ରହୁଛନ୍ତି ତାହା ଦେଖିବାକୁ ବାକି ରହିଲା । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ(ହୁ) ପକ୍ଷରୁ ଉପାନ୍ତରେ ଏକ ଗୋଷ୍ଠୀ ଡାକ୍ତରଖାନା ପ୍ରତିଷ୍ଠା ଲାଗି ପ୍ରସ୍ତାବ ଥିଲା । ଆବଶ୍ୟକ ସ୍ଥାନ ଜିଲାକର୍ତ୍ତୃପକ୍ଷ ଦେଖିଥିଲେ କିନ୍ତୁ ଏହା ଏବେ ବାଲେଶ୍ୱରରେ ପ୍ରତିଷ୍ଠା ହେବବୋଲି ପ୍ରତିଷ୍ଠା ହେବ ବୋଲି ଜଳେଶ୍ୱରରେ ନୈରାଶ୍ୟ ପ୍ରକାଶ ପାଇଛି । ସେପରି ଏକ ମହାମାରୀ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବୀ କରାଯାଇଛି । ତେଣୁ ସ୍ଥାୟୀ ଡାକ୍ତର ନିଯୁକ୍ତି, ଭିତ୍ତିଭୂମୀ ସଜାଡିବା, ହୁ ଦ୍ୱାରା ପ୍ରସ୍ତାବିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ନ କରିବା, ସବୁ ଡାକ୍ତରଖାନାରେ ଡାକ୍ତର ରହିବା ଇତ୍ୟାଦି ଦାବୀ ପୂରଣ ନ ହେଲେ ଆସନ୍ତା ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଦାସ ଓ କଂଗ୍ରେସ ନେତାମାନେ ସୂଚାଇଛନ୍ତି ।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୮,୭୩,୪୮୫ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୦୮/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୮,୭୩,୪୮୫ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୩୬,୮୨,୦୭,୫୯୬ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୯ ଗିରଫ, ୨୧୭ ବାହନ ଜବତ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୨୧୭ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୬୮,୫୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଡେଡିକେଟେଡ୍ ନାର୍କୋଟିକ୍ ୟୁନିଟ୍ ସ୍ଥାପନକୁ ମଂଜୁରୀ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ରାଜ୍ୟରେ ନିଶା କାରବାର ଓ ଚାଲାଣ ଉପରେ ରୋକ୍ ଲଗାଇବାକୁ ଆହୁରି ସଶକ୍ତ ହେବ ଏସଟିଏଫ୍ । ଏଥିପାଇଁ ୨୭ଟି ନୂଆ ପଦବୀ ସୃଷ୍ଟି ଲାଗି ସରକାର ମଞ୍ଜୁରୀ ଦେଇଥିବା ପୋଲିସ ଡିଜି ଶ୍ରୀ ଅଭୟ ସୂଚନା ଦେଇଛନ୍ତି । ଡେଡିକେଟେଡ୍ ନାର୍କୋଟିକ୍ ୟୁନିଟ୍ ସ୍ଥାପନ ପାଇଁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି । ୨୭ଟି ନୂଆ ପଦବୀ ସହିତ ଜଣେ ଏସପି ଓ ୩ଜଣ ଡେପୁଟି ଏସ୍‌ପି ନିଯୁକ୍ତ ହେବେ । ଗୋଟିଏ ଏସଟିଏଫ୍ ନାର୍କୋଟିକ୍ସ ୟୁନିଟ୍ ଓ ଅନ୍ୟଟି ଏସଟିଏଫ୍ କ୍ରାଇମ୍ ୟୁନିଟ୍ ରହିବ । ଏସଟିଏଫ୍ ର ୨ଟି ୟୁନିଟ୍ ର ନେତୃତ୍ୱ ନେବେ ଜଣେ ଏସପି । ଏଭଳି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପୋଲିସ ଡିଜି ଅଭୟ କୃତଜ୍ଞତା ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦେଶ ଉଦ୍ଦେଶ୍ୟରେ ୨୦୧ଟି ....

ଥିବା ନନ୍ଦି ଫିଲିଂ ଷ୍ଟେସନ, ଟାଙ୍ଗି ରାମେଶ୍ୱର ଛକ ଠାରେ ଥିବା ପାଇକରାୟ ଫିଲିଂ ଷ୍ଟେସନ, ପାହାଳରେ ଥିବା ମା ବିଶେଶ୍ୱରୀ ଫିଲିଂ ଷ୍ଟେସନ, ଖୋର୍ଦ୍ଧା ଅଗଲପଡ଼ା ଠାରେ ଥିବା ବାଲାଜୀ ଫିଲିଂ ଷ୍ଟେସନରେ ସିଏନଜି ଯୋଗାଣର ଶୁଭାରମ୍ଭ କରାଯାଇଛି । ସେହିପରି କଟକ ଜିଲ୍ଲାର ଭାନପୁର ଠାରେ ଥିବା ଟ୍ୱିନ୍ ସିଟି ପେଟ୍ରୋଲିୟମ ଲିମିଟେଡ୍, ଟାଙ୍ଗି କାଇରାପାରି ଠାରେ ଥିବା ମାଁ ଦୁର୍ଗା ଫିଲିଂ ଷ୍ଟେସନ, ଟାଙ୍ଗିର କଟୋ ସାହୀ ସ୍ଥିତ ଗୁରୁ ମହାରାଜ ଫିଲିଂ ଷ୍ଟେସନ, ଚୌଦ୍ୱାର କଟକ ସ୍ଥିତ ରଶ୍ମି ଫିଲିଂ ଷ୍ଟେସନରେ ମଧ୍ୟ ସିଏନଜି ଯୋଗାଣର ଆରମ୍ଭ କରାଯାଇଛି । ଏହି ଲୋକାର୍ପଣ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ୨୦୧ ସିଏନଜି ଷ୍ଟେସନର ଲୋକାର୍ପଣ ସ୍ୱଚ୍ଛ ଇନ୍ଧନ ଦିଗରେ ଆଉ ଏକ ପଦକ୍ଷେପ । ଲୋକାର୍ପିତ ଷ୍ଟେସନକୁ ମିଶାଇଲେ ମୋଟ ଭାରତରେ ୩ ହଜାର ୧୪୨ ସିଏନଜି ଷ୍ଟେସନ ରହିଛି । ଆଗାମୀ ଦିନରେ ଦେଶରେ ୧୦ ହଜାର ସିଏନଜି ଷ୍ଟେସନ ଏବଂ ୫ କୋଟି ଘରକୁ ପାଇପ ଯୋଗେ ପ୍ରାକୃତିକ ଗ୍ୟାସ ପହଁଚାଇବାର ଲକ୍ଷ୍ୟ ରଖାଯାଇଛି । ଏହା ଦ୍ୱାରା ପରିବେଶ ସୁରକ୍ଷିତ ରହିବ । ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିବ । ଇନ୍ଧନ କ୍ଷେତ୍ରରେ ଦେଶର ଆମଦାନୀର ଭାର ହ୍ରାସ ହେବ । ଯୁବ ଉଦ୍ୟମୀଙ୍କ ଦ୍ୱାରା ନୂଆ ଷ୍ଟାଟ ଅପ୍ ଆରମ୍ଭ ହେବ । ରୋଜଗାର ସୁଯୋଗ ବଢ଼ିବ । ଏକବିଂଶ ଶତାବ୍ଦୀରେ ଭାରତ ଆତ୍ମନିର୍ଭର ହେବ । ସମଗ୍ର ଭାରତ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟ ଘରେ ଘରେ ସ୍ୱଚ୍ଛ ଇନ୍ଧନ ପହଁଚାଇ ନାଗରିକଙ୍କ ଅଜ୍ ଅଫ୍ ଲିଭିଂକୁ ସୁଗମ କରିବା ପାଇଁ ପ୍ରଚେଷ୍ଟା ଜାରୀ ରହିଛି । ଆଜି ଦୁନିଆର ସବୁଠୁ ବଡ ଏଲପିଜି ଉପଭୋକ୍ତା ବେସ୍ ଆମର କମ୍ପାନୀ ପାଖରେ ଅଛି । ଦେଶରେ ଏଲପିଜି ଉପଭୋକ୍ତାଙ୍କ ସଂଖ୍ୟା ୩୦ କୋଟିରେ ପହଁଚିଛି । ଦେଶରେ ୧୦୦୦ ଏଲଏନଜି ଷ୍ଟେସନ ପ୍ରତିଷ୍ଠା କରାଯିବା ପାଇଁ କାମ ଚାଲିଛି ।

## ଜୀବନ ସହ ସଂଗ୍ରାମ କରୁଛନ୍ତି ....

ଅଭିଷେକଙ୍କୁ ଏୟାର ଆମ୍ବୁଲାନ୍ସରେ ସ୍ଥାନାନ୍ତର ପ୍ରକ୍ରିୟା । ଗୁରୁତର ଅଭିଷେକଙ୍କୁ ସ୍ଥାନାନ୍ତର ପାଇଁ ଯୋଗାଡ ହୋଇପାରିଲାନି ଟଙ୍କା । ସଡକ ପଥରେ ସ୍ଥାନାନ୍ତର ହେଲେ ଜୀବନ ପ୍ରତି ବିପଦ ଥିବା କହିଲେ ଏକମୋ ଡାକ୍ତରୀ ଟିମ୍ । ଭେଣ୍ଟିଲେଟରରେ ଥିବା ଅଭିଷେକଙ୍କ ପାଇଁ ଆବଶ୍ୟକ ଏକମୋ ଚିକିତ୍ସା । ତେବେ ଆଜି ଭୁବନେଶ୍ୱରରୁ ଏୟାର ଆମ୍ବୁଲାନ୍ସରେ କୋଲକାତା ସ୍ଥାନାନ୍ତର ହୋଇଥାନ୍ତେ । ମାତ୍ର ଟଙ୍କା ନଥିବାରୁ ଅଧାରେ ରହିଲା ସ୍ଥାନାନ୍ତର । ତେବେ ଜୀବନ ସହ ଯୁଦ୍ଧ କରୁଥିବା ଅଭିଷେକଙ୍କ ପାଇଁ ଆଗେଇ ଆସିବାକୁ ଅନୁରୋଧ । ଆପଣ ଯଦି ତାଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ତେବେ ଗୁଗୁଲ ପେ ନମ୍ବର- ୯୫୮୩୫୯୬୮୮୬ରେ ସହାୟତା କରନ୍ତୁ । ଫୋନ ପେ- ୯୫୮୩୫୯୬୮୮୬ରେ ବି ଟଙ୍କା ଦେଇ ସହଯୋଗ କରିପାରିବେ । ଆସନ୍ତୁ ଅଭିଷେକଙ୍କ ପାଇଁ ନୂଆ ଏକ ଅଭିଯାନ କରିବା । ତାଙ୍କ ଜୀବନ ବଞ୍ଚାଇବା ।

## ତୃତୀୟ ଲହର ମୁକାବିଲା....

ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ସବୁ କୋଭିଡ ହସ୍ପିଟାଲରେ ଆଇସିୟୁ ବ୍ୟବସ୍ଥା ରହିଛି ସେଠାରେ ୧୫% ଶିଶୁଙ୍କ ପାଇଁ ରଖିବାକୁ କୁହାଯାଇଛି । ରାଜ୍ୟରେ ୧୦ ହଜାର ୭୩୬ ବେଡ୍ ଏବଂ ୪୦୭୨ ଆଇସିୟୁ ବେଡ୍ ସମ୍ଭାବ୍ୟ ତୃତୀୟ ଲହର ବେଳେ ଶିଶୁଙ୍କ ପାଇଁ ନିର୍ଦ୍ଧାରିତ କରି ରଖିବାକୁ ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି । ଯେଉଁ ସବୁ ଅଞ୍ଚଳରେ ଶିଶୁଙ୍କ ନିକଟରେ ସଂକ୍ରମଣର ସଂଖ୍ୟା ବଢିବ, ସେହି ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କୁହାଯାଇଛି । ଶିଶୁଭବନରେ ସ୍ୱତନ୍ତ୍ର କୋଭିଡ ବ୍ଲକ ଖୋଲିବା ବାବଦରେ ଅଧୀକ୍ଷକ ବିଚାର କରିପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ସମସ୍ତ ୱାର୍ଡରେ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ତନ୍ୟପାନ ପାଇଁ ବ୍ୟବସ୍ଥା ରଖିବାକୁ କୁହଯାଇଥିବା ବେଳେ ଆବଶ୍ୟକୀୟ ଔଷଧ ଏବଂ ଉପକରଣ ପାଇଁ ପରାମର୍ଶ ମଧ୍ୟ ଦିଆଯାଇଛି । ତୃତୀୟ ଲହରରେ ଶିଶୁ ସବୁଠାରୁ ଅଧିକ ସଂକ୍ରମିତ ହେବାର ଅଶଙ୍କା ରହିଥିବାରୁ ଏହାର ମୁକାବିଲା ପାଇଁ ଆବଶ୍ୟକୀୟ ପରାମର୍ଶ ଦେବାକୁ ସରକାର ଏକ ବୈଷୟିକ କମିଟି ଗଠନ କରିଥିଲେ । ଆଉ ଏହା ଆଧାରରେ ଏବେ ସରକାର ଶିଶୁଙ୍କୁ ସୁରକ୍ଷିତ ରଖିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

## ଅନଲକ୍ ପାଇଁ ସରକାରଙ୍କ....

ଅନ୍ୟ ଜିଲ୍ଲା ଗୁଡିକ ପାଇଁ ଶୁଭସଂକେତ ଆଣିପାରେ । ଉକ୍ତ ୩ ଜିଲ୍ଲା ଭଳି, ୫ ପ୍ରତିଶତରୁ କମ ସଂକ୍ରମଣ ହାର ଥିବା ଜିଲ୍ଲା ଗୁଡିକରେ ମଧ୍ୟ ସରକାର କଟକଣାକୁ କୋହଳ ସହ ପର୍ଯ୍ୟାୟକ୍ରମେ ଅନଲକ କରିପାରନ୍ତି । ରାଜ୍ୟରେ ଲକଡାଉନ କଟକଣାର କଣ୍ଟ ପୂରା ହେବାକୁ ଆଉ ୯ ଦିନ ବାକି ରହିଛି । ତେଣୁ ଏହି ସମୟ ଭିତରେ ସଂକ୍ରମଣ ଲଗାତାର ହ୍ରାସ ପାଇଲେ ପୁଣିଥରେ ଦୋକାନ ବଜାର ଖୋଲିବା ପାଇଁ ବାଟ ଫିଟିପାରେ । ସବୁଠୁ ବଡ କଥା ହେଲା, ଯଦି ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ଅନଲକ୍ କରାଯାଏ ତେବେ ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲା ଏହି ତାଲିକାରେ ରହିବେ । ତେବେ ଉପକୂଳ ଓ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ସଂକ୍ରମଣ ହାର ୧୦ ପ୍ରତିଶତରୁ ଅଧିକ ରହୁଥିବାରୁ ଏଠାରେ ଅନଲକ ହେବାର ସମ୍ଭାବନା ଯଥେଷ୍ଟ କମ ରହିଛି । କିନ୍ତୁ ଯେହେତୁ ଆଗକୁ ପର୍ବପର୍ବାଣୀ ରହିଛି ତେଣୁ ସରକାର କଣ ନିଷ୍ପତି ନେଉଛନ୍ତି ତାହା ଉପରେ ସମସ୍ତଙ୍କର ନଜର ରହିବ ।

## ରାଜଧାନୀରେ ୨୪ ଘଂଟାରେ ୬୬୧ ପଜିଟିଭ୍ : ୧୩୫୭ ସୁସ୍ଥ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ଆଉ ୬୬୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୫୬ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୫୦୫ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୩୫୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୩୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଖଣ୍ଡଗିରିରୁ ୩୧ଜଣ, ଡୁମଡୁମାରୁ ୨୬ ଜଣ, ନୟାପଲ୍ଲୀ ଓ ନିଳାଦ୍ରୀବିହାରରୁ ୨୪ ଜଣ ଲେଖାଏଁ , ବରମୁଣ୍ଡାରୁ ୧୭ ଜଣ,ଓଲ୍ଡ ଟାଉନ୍ ରୁ ୧୭ ଜଣ, ଶୈଳଶ୍ରୀବିହାରରୁ ୧୬ ଜଣ ଲେଖାଏଁ , ଝାରପଡା ଓ ଚନ୍ଦ୍ରଶେଖରପୁରରୁ ୧୫ ଜଣ ଲେଖାଏଁ , ୟୁନିଟ୍ ୮ ଓ ମଂଚେଶ୍ୱରରୁ ୧୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସେହିପରି ଡୁମଡୁମା ଓ ଚନ୍ଦ୍ରଶେଖରପୁରରୁ ୧୨ ଜଣ ଲେଖାଏଁ ,ପଟିଆରୁ ୮ ଜଣ, ପାତ୍ରପଡା ଓ ଶୈଳଶ୍ରୀବିହାରରୁ ୭ ଜଣ ଲେଖାଏଁ, ବଡଗଡ, ଜାଗମରା, ନୟାପଲ୍ଲୀ,ଭିମଟାଙ୍ଗୀ ରୁ ୫ ଜଣ ଲେଖାଏଁ କ୍ୱାରେଂଟାଇନ୍ ମାମଲା ରହିଛି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୧୫୭୦ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୭୩୯୬୫ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୭୨୨୨ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୩୬୨ ରହିଛି ।

# ହିମାଂଶୁ ଦାସଙ୍କ ବିୟୋଗରେ ଶୋକସଭା



ବାଲେଶ୍ୱର,୦୮/୦୬ (ନି.ପ୍ର): 'ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ' ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସହାୟକ' ପକ୍ଷରୁ ବାଲେଶ୍ୱରର ଦିବଂଗତ ଶିକ୍ଷପତି ତଥା ସମାଜସେବୀ ସ୍ୱର୍ଗତ ହିମାଂଶୁ ଦାସ ସଂଗଠନର ସଭ୍ୟ ସ୍ୱର୍ଗତ ଯତୀନ୍ଦ୍ର କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିବା ସହିତ ଦୁଇ ଦିବଂଗତ ବ୍ୟକ୍ତିତ୍ୱଙ୍କ ବିଗତ ଜୀବନଧାରା ସମ୍ପର୍କରେ ସୂଚନା ଦେଇଥିଲେ । ଉପସଭାପତି ସୁରେନ୍ଦ୍ର ନାଥ ଦାସ, ଇଂ.ଗୌରାଙ୍ଗ ସାହୁ, ସାଧାରଣ ସମ୍ପାଦକ ଇଂ. ବନମାଳି ନାୟକ, ଯୁଗ୍ମ ସମ୍ପାଦକ ବସନ୍ତ ନାୟକ, ଡା. ତାରାକାନ୍ତ ନନ୍ଦ, ଶଶାଙ୍କ ଶେଖର ଦତ୍ତ, ଗୌରାଙ୍ଗ ପାଣିଗ୍ରାହୀ, ଭବେଶ ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ପ୍ରହରାଜ, ସେଖ ଆଲାଉଦ୍ଦିନ, ଇଂ.କେଶବ ଚନ୍ଦ୍ର ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ପରଲୋକଗତ ବ୍ୟକ୍ତିଦ୍ୱୟଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସମସ୍ତେ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

# ଦିନକରେ ଚିହ୍ନଟ ୩୭୩ ନୂଆ କରୋନା ସଂକ୍ରମିତ

ବାଲେଶ୍ୱର,୦୮/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଂଟା ମଧ୍ୟରେ ବାଲେଶ୍ୱର ଜିଲା ବିଭିନ୍ନ ଅଂଚଳରୁ ୩୭୩ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ପୁରୁଣା ବାଲେଶ୍ୱରରୁ ୪ଜଣ, ଭାସ୍କରଗଞ୍ଜରୁ ୩ଜଣ, ସହଦେବଖୁଂଟାରୁ ୨ଜଣ, ହସପିଟାଲ ରୋଡରୁ ୨ଜଣଙ୍କ ସମେତ ଆଜିମାବାଦ, ମାନସିଂବଜାର, ନୂଆବଜାର, ସୁନହଟ, ତେଲେଙ୍ଗାସାହି ପ୍ରଭୃତି ଅଂଚଳରୁ ଜଣେ ଲେଖାଏଁ ଅଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୩୪ଜଣ, ବାଲିଆପାଳ ବ୍ଲକରୁ ୧୬ଜଣ, ବସ୍ତା ବ୍ଲକରୁ ୧୯ଜଣ, ଭୋଗରାଇ ବ୍ଲକରୁ ୮୨ଜଣ, ଜଳେଶ୍ୱର ବ୍ଲକରୁ ୯ଜଣ, ଖଇରା ବ୍ଲକରୁ ୭ଜଣ, ନୀଳଗିରିରୁ ୨୮ଜଣ, ଔପଦା ବ୍ଲକରୁ ୧୦ଜଣ, ରେମୁଣା ବ୍ଲକରୁ ୧୨ଜଣ, ସଦର ବ୍ଲକରୁ ୪୩ଜଣ, ସିମୁଳିଆ ବ୍ଲକରୁ ୧୯ଜଣ ଓ ସୋର ବ୍ଲକରୁ ୭୭ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତରେ ସଂସ୍ପର୍ଶରେ ଆସିଥିବା କୁହାଯାଇଛି । ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୭,୨୭୩ରେ ପହଂଚିଥିବା ବେଳେ ଏବେ ସୁଦ୍ଧା ୨୩,୫୯୩ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି । ଏବେ ସକ୍ରିୟ ଥିବା ୩,୫୬୫ ଜଣ କରୋନା ଆକ୍ରାନ୍ତ ଗୃହ ସଙ୍ଗରୋଧ ସମେତ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ତେବେ ଗତ ୨୪ ଘଂଟା ଜଣେ ୩୦ ବର୍ଷର କୋଭିଡ ଆକ୍ରାନ୍ତଙ୍କର ମୃତୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୧୫ରେ ପହଂଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ୧୮ରୁ ୪୪ ବର୍ଷ ବୟସର ଯୁବବର୍ଗଙ୍କ ପାଇଁ ଟିକାକରଣ ଆରମ୍ଭ ହୋଇଛି । ବାଲେଶ୍ୱର ସହରର ୮ ଗୋଟି କେନ୍ଦ୍ରରେ ୨୮ ଶହ ଯୁବକ ଯୁବତୀଙ୍କୁ ପ୍ରଥମ ପାନ ଟିକା ପ୍ରଦାନ ଦିଆଯାଇଥିବା ଜଣାପଡ଼ିଛି ।

# ଜଳେଶ୍ୱରରେ ହେଉ କୋଭିଡ୍ ଡାକ୍ତରଖାନା : ୧୭ରୁ ସିପିଏମ୍‌ର ଆନ୍ଦୋଳନ ସଜବାଜ

ଜଳେଶ୍ୱର, ୮/୬ (ନିପ୍ର) : ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟର ଉତ୍ତର ଉପାନ୍ତ ଅଂଚଳରେ ବ୍ୟାପକ କୋଭିଡ୍ ସଂକ୍ରମଣ ସହିତ ମୃତ୍ୟୁହାର ବଢୁଥିବାରୁ ତଥା ବାଲେଶ୍ୱରକୁ ରୋଗୀ ପରିବହନ ସମୟ ସାପେକ୍ଷ ହେଉଥିବାରୁ ଜଳେଶ୍ୱର ଠାରେ ଏକ କୋଭିଡ୍ ହସ୍‌ପିଟାଲ ପ୍ରତିଷ୍ଠାଲାଗି ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି । ଏ ସମ୍ପର୍କରେ ମେ ମାସ ୧୩ ଓ ୨୦ ତାରିଖରେ ବାଲେଶ୍ୱର ଜିଲାପାଳଙ୍କୁ ସିପିଆଇ(ଏମ୍) ପକ୍ଷରୁ ଦାବିପତ୍ର ଦିଆଯାଇଥିଲା । ଜଳେଶ୍ୱରକୁ କେନ୍ଦ୍ର କରି ୬୦ କି.ମି ପରିଧି ମଧ୍ୟରେ ଭୋଗରାଇ, ରାଇବଣିଆ, ବସ୍ତା ଓ ବାଲିଆପାଳ ରହୁଛି । ଉପାନ୍ତ ଅଂଚଳରୁ ଜଳେଶ୍ୱରକୁ ଯିବାପାଇଁ ୧୦୦ କି.ମିରୁ ଅଧିକ ରାସ୍ତା ହେଉଥିବାରୁ ଯାତାୟାତରେ ବିଳମ୍ବ ଘଟୁଛି । କରୋନାର ୨ୟ ଲହର ଚାଲିଥିବା ବେଳେ ୩ୟ ଲହର ଆସିବା ସମ୍ପର୍କରେ ବିଶେଷଜ୍ଞ ଓ ଡାକ୍ତରମାନେ ସତର୍କ କରୁଛନ୍ତି । ଜଳେଶ୍ୱର ଠାରେ କୋଭିଡ୍ ହସ୍‌ପିଟାଲ ଅତି ଜରୁରୀ ଥିବା ବେଳେ ଜିଲାପାଳ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବାରୁ ଆସନ୍ତା ଜୁନ ୧୭ରୁ ଜଳେଶ୍ୱର ତହସିଲ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ ବୋଲି ଆଜି ସିପିଆଇ(ଏମ୍) ପକ୍ଷରୁ ସୂଚନା ଦିଆଯାଇଛି । ସିପିଆଇ(ଏମ୍) ଦଳର ଏକ ଜରୁରୀ ବୈଠକ ଆଜି ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଶିଶିର ହୁଇ, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦୀ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ରବିନ୍ଦ୍ର ବାରିକ, ରତନ ଦାସ ଓ ଜୀବନ ପରିଡା ପ୍ରମୁଖ ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ବିଜୟଶ୍ରୀଙ୍କୁ ବିଜୁ ସ୍ମୃତି କମିଟିର ଶ୍ରଦ୍ଧାଞ୍ଜଳି



ଭଦ୍ରକ,୦୮/୦୬ (ନି.ପ୍ର): ଜିଲ୍ଲା ବିଜୁ ସ୍ମୃତି କମିଟି ଆନୁକୂଲ୍ୟରେ ବାସୁଦେବପୁରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ସୁପୁତ୍ର ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ବିୟୋଗ ଜନିତ ଶୋକସଭା କମିଟିର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଅଟଳ ବିହାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସୀମିତ ସଦସ୍ୟଙ୍କୁ ନେଇ କୋଭିଡ୍ କଟକଣାରେ ନିରବ ପ୍ରାର୍ଥନା ପୂର୍ବକ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । କମିଟିର ଅଧକ୍ଷା ଅଧୀବକ୍ତା ଅମିତାବାଳା ଆଚାର୍ଯ୍ୟ, ସମ୍ପାଦକ ଅଧୀବକ୍ତା କୁଳମଣି ବେହେରା, ଉପସଭାପତି ଅଶୋକ ମହାନ୍ତି, ସହଉପଦେଷ୍ଟା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅବନୀ ପ୍ରଧାନ, ସାମ୍ବାଦିକ ଗୌରହରି ନାୟକ, ଯୁବ ସମାଜସେବୀ ରଜତ ସାହୁ, ଇଂ ଆଶୁତୋଷ ମହାପାତ୍ର, ସେକ୍ ନାସିରୁଦ୍ଦିନ, ଆବୁ ହୁସେନ ଖାଁ, ଇନ୍‌ତାଜ୍ ଖାଁ ପ୍ରମୁଖ ସ୍ୱର୍ଗତ ରାଉତରାୟଙ୍କ ଜୀବନାଦର୍ଶର ଗୁଣଗାନ କରିଥିଲେ । ସଭାର ସଂଯୋଜକ ତଥା ସ୍ୱର୍ଗତ ବିଜୟଶ୍ରୀଙ୍କ ପରିବାର ସହ ଜଡ଼ିତ ଡାକ୍ତର ରବିନାରାୟଣ ମହାପାତ୍ର ତାଙ୍କ ମୂଲ୍ୟବାନ ବକ୍ତବ୍ୟରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ରାଜନୈତିକ ଇତିହାସରେ ୩ ପିଢିର ରାଜନୀତି ଏକ ବିରଳ ଘଟଣା ବୋଲି କହିଥିଲେ । ବିଳାସିନୀ ଖଟୁଆ ଏବଂ ଲିଜା ସେଠୀଙ୍କ ସହଯୋଗୀ ପରିଚାଳନାରେ ଅନୁଷ୍ଠିତ ଶୋକସଭାରେ ରାଜୀବ ସାହୁ ଶେଷ ଅର୍ଘ୍ୟ ପ୍ରଦାନ କରିଥିଲେ ।

# ପ୍ରଥମ ଦିନରେ ୨ହଜାର ୧୦୬ ଜଣ ଯୁବ ପିଢିଙ୍କ ଟିକାକରଣ



ବାରିପଦା,୦୮/୦୬ (ନି.ପ୍ର): ସମଗ୍ର ରାଜ୍ୟରେ ୧୮-୪୪ ବୟସର ଯୁବପିଢୀଙ୍କ ପାଇଁ ଆରମ୍ଭ ହୋଇଛି କୋଭିଡ ଟୀକାକରଣ କାର୍ଯ୍ୟକ୍ରମ । ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହରରେ ୧୧ଟି ବିଭିନ୍ନ ସ୍ଥାନର ପ୍ରଥମ ଦିନରେ ୧୮-୪୪ ବୟସର ମୋଟ ୨ହଜାର ୧୦୬ ଜଣ ଯୁବ ପିଢିଙ୍କୁ ଟୀକା ପ୍ରଦାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ବିଭିନ୍ନ ଟୀକାକରଣ କେନ୍ଦ୍ର ବୁଲି ସ୍ଥିତି ପରଖି ଥିଲେ ଏବଂ ଟୀକା ନେବା ପାଇଁ ଯୁବ ପିଢିଙ୍କୁ ଆହ୍ୱାନ କରିଥିଲେ । ସେପଟେ ଯୁବ ପିଢିଙ୍କ ମଧ୍ୟରେ ଦେଖା ଦେଇଥିଲା ଟୀକା ନେବା ପାଇଁ ଅନେକ ଉତ୍ସାହ ଓ ଉଦ୍ଦୀପନା । ଟୀକା ନେବାକୁ ଆସି କୋଭିଡ ନିୟମ ଅନୁସାରେ ଲମ୍ବା ଧାଡିରେ ଛିଡା ହୋଇ ଅପେକ୍ଷା କରି ସମସ୍ତେ ଟୀକା ନେଇଥିଲେ । ତେବେ ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ସୋମବାର ସକାଳ ୯ଘଟିକା ଠାରୁ ଦିନ ୨ଟା ମଧ୍ୟରେ ସହରର ଆରମ୍ଭ ହୋଇଥିବା ଟୀକାକରଣରେ ପିଆରଏମ୍ ହସ୍ପିଟାଲର ଏଏନଏମ ତାଲିମ କେନ୍ଦ୍ରରେ ୧୮୪, ଦେବେନ୍ଦ୍ରପୁର ଅଞ୍ଚଳର ସହରାଞ୍ଚଳ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ରରେ ୧୮୮, ବାଲେଶ୍ୱର ଗୋଲେଇ ସ୍ଥିତ ଶରତ ଚନ୍ଦ୍ର ବିଦ୍ୟାପୀଠରେ ୧୯୬, ଏମକେସି ଉଚ୍ଚ ବିଦ୍ୟାଳୟରେ ୧୯୩, ଭଞ୍ଜପୁର ଉଚ୍ଚ ବିଦ୍ୟାଳୟରେ ୧୯୧, ବେଲଗୋଡିଆ ୟୁପି ବିଦ୍ୟାଳୟରେ ୧୯୭, ମଧୁବନ ବାତ୍ୟା ଆଶ୍ରୟ ସ୍ଥଳୀରେ ୧୯୩, ଶ୍ରୀପଦଗଞ୍ଜ ବନ୍ୟା ଆଶ୍ରୟ ସ୍ଥଳରେ ୧୮୫, ସୁନାମୁହିଁ ବିଦ୍ୟାଳୟରେ ୧୯୪, ପୂର୍ଣ୍ଣଚନ୍ଦ୍ରପୁର ୟୁପି ବିଦ୍ୟାଳୟରେ ୧୯୪ ଓ କମଳା ନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୧ ଜଣଙ୍କୁ ଟୀକାକରଣର ସୁବ୍ୟବସ୍ଥା ବାରିପଦା ମୁନିସିପାଲିଟି ପକ୍ଷରୁ କରାଯାଇଥିବା ଜିଲ୍ଲାପାଳ ବିନୀତ ଭରଦ୍ୱାଜ ପ୍ରକାଶ କରିଛନ୍ତି । ଉପରୋକ୍ତ ଟୀକାକରଣ ସ୍ଥାନଗୁଡିକ ପାଇଁ ସ୍ଲଟ୍ ବୁକିଂ ଅନଲାଇନ ମାଧ୍ୟମରେ କରି ଟୀକା ନେଇ ପାରିବେ । ଜିଲ୍ଲାରେ ଯୁବ ପିଢିଙ୍କ ପାଇଁ ଆରମ୍ଭ ହୋଇଥିବା କୋଭିଡ ଟୀକାକରଣରେ ପ୍ରଥମ ଦିନରେ ୨ହଜାର ୧୦୬ଜଣ ଟୀକା ନେଇ ଥିବା ବେଳେ ସେଥି ମଧ୍ୟରୁ କାହାରି କୌଣସି ପାର୍ଶ୍ୱପ୍ରତିକ୍ରିୟା ହୋଇଥିବାର କୌଣସି ଖବର ହସ୍ତଗତ ହୋଇନାହିଁ । ଟିକାଦାତାମାନେ ଟୀକା ନେଇ ଖୁସି ପ୍ରକାଶ କରିଛନ୍ତି ଏବଂ ଯଥାଶୀଘ୍ର ଟୀକା ନେଇ କୋଭିଡ-୧୯ ବିରୁଦ୍ଧ ଯୁଧରେ ସାମିଲ ହେବାକୁ ନିବେଦନ କରିଛନ୍ତି ।

# କରୋନା ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ




ବାରିପଦା,୦୮/୦୬ (ନି.ପ୍ର): କରୋନା ମହାମାରୀ ଯୁଧରେ ସମସ୍ତେ ସାମିଲ ହେବା ପାଇଁ ସରକାର ଆହ୍ୱାନ କରିଛନ୍ତି । ଏନେଇ ବିଭିନ୍ନ ସ୍ଥାନରେ କୋଭିଡ ନିୟମାବଳୀ ମାନିବାକୁ ସଚେତନ କରାଯାଉଛି । ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ, ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ୟୁନିସେଫ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ରଥ କାର୍ଯ୍ୟକ୍ରମ ଆଜି ମୟୂରଭଞ୍ଜ ଜିଲ୍ଲାରେ ଏହି ରଥର ଶୁଭାରମ୍ଭ ହୋଇଯାଇଛି । ମୟୁରଭଞ୍ଜ ଜିଲ୍ଲାରେ କୋରନା ସଚେତନତା ରଥକୁ ଜିଲ୍ଲାପାଳଙଚକ କାର୍ଯ୍ୟାଳୟ ପରିସରରୁ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଆଜି ସକାଳ ୯ଘଟିକାରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ମୟୂରଭଞ୍ଜର ସମସ୍ତ ୨୬ଟି ବ୍ଲକ ଭ୍ରମଣ କରି କରେନା ସଂକ୍ରମଣ ବିଷୟରେ ଲୋକଙ୍କୁ ସଚେତନତା କରାଇବା ଓ ମାସ୍କ ବ୍ୟବହାର କିପରି କରିବେ ଏବଂ ତୃତୀୟ ଲାହରରେ ମାଆ ଓ ଶିଶୁଙ୍କ କିଭଳି ଯତ୍ନ ନେବେ ସେବିଷୟରେ ଲୋକଙ୍କୁ ସଚତନ କରାଇବାର ମୁଖ୍ୟ ଲକ୍ଷ୍ୟ ରହିଥିବା ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପ୍ରକାଶ କରିଛନ୍ତି । ଏହା ଦ୍ୱାରା ଜିଲ୍ଲାରୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟାକୁ ହ୍ରାସ କରିବା ସହିତ ଲୋକେ ସୁସ୍ଥ ରହିପାରିବା । ଗାଡ଼ିରେ ଏଲଇଡି ଡିସପ୍ଲେ କରାଯାଇ ମନୋରଞ୍ଜନ କରିବାକୁ ଚେଷ୍ଟା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଏବଂ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ବାଲେଶ୍ୱର ବୁଧବାର, ୦୯ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# କେନ୍ଦ୍ରୀୟ ବାତ୍ୟା ଅନୁଧ୍ୟାନକାରୀ ଟିମକୁ ଭେଟିଲେ ବିଜେପି ଟିମ୍

ଭୁବନେଶ୍ୱର,୦୮/୦୬ (ନି.ପ୍ର): ବାତ୍ୟା ୟଶ୍ ଓ ବନ୍ୟା ପରିଚାଳନରେ ଅବ୍ୟବସ୍ଥା ପ୍ରସଙ୍ଗ ଏବଂ ବାତ୍ୟା ପ୍ରଭାବିତଙ୍କୁ ତୁରନ୍ତ ରିଲିଫ ସହାୟତା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ମଙ୍ଗଳବାର କେନ୍ଦ୍ରୀୟ ବାତ୍ୟା ଅନୁଧ୍ୟାନକାରୀ ଦଳକୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି । ଏହସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୟାସ୍ ବାତ୍ୟା ପ୍ରଭାବିତ ଜିଲ୍ଲାଓ୍ୱାରୀ ଏବଂ ପଂଚାୟତଓ୍ୱାରୀ କ୍ଷୟକ୍ଷତିର ସମସ୍ତ ଆକଳନ ତଥ୍ୟ ପ୍ରଦାନ କରିବା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ଯୁଗ୍ମ ସଚିବ ସୁନୀଲ କୁମାର ବର୍ଣ୍ଣଓ୍ୱାଲ ନେତୃତ୍ୱରେ ଆସିଥିବା କେନ୍ଦ୍ରୀୟ ବାତ୍ୟା ଅନୁଧ୍ୟାନ କମିଟି ସହ ବିସ୍ତୃତ ଆଲୋଚନା କରିଛୁ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସୂଚନା ଦେଇ କହିଛନ୍ତି। ଉକ୍ତ ଦାବି ପତ୍ରରେ ବାତ୍ୟାଂଚଳରେ ଥିବା ସମସ୍ତ କଚ୍ଚାଘରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘରରେ ପରିଣତ କରିବା, ସମୁଦ୍ରରୁ ଲୁଣା ପାଣି ମାଡିଯାଇ ନଷ୍ଟ ହୋଇଯାଇଥିବା ଫସଲ ପାଇଁ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ଦେବା,ବାତ୍ୟା ଓ ବନ୍ୟାଂଚଳରେ କୃଷକଙ୍କ ପାଇଁ ଋଣ ଛାଡ କରିବା, ଚିଙ୍ଗୁଡି ଚାଷୀଙ୍କୁ କ୍ଷତିପୁରଣ ପ୍ରଦାନ କରିବା ତଥା ନଦୀବନ୍ଧ କାର୍ଯ୍ୟକୁ ସୁଦୃଢ କରିବାକୁ ଦାବି କରାଯାଇଛି। ସମୁଦ୍ର ଉପକୂଳ ଅଂଚଳରେ ଆଧୁନିକ ଜ୍ଞାନକୌଶଳ ଆଧାରରେ ସୁଦୃଢ ଓ ଉଚ୍ଚ ପଥର ବନ୍ଧ ନିର୍ମାଣ କରାଯାଉ । ୨୦୦୮ ରାଜ୍ୟ ବିଧାନସଭା ଗୃହ କମିଟି ସୁପାରିଶ ଆଧାରରେ ସ୍ଲିସ୍ ଗେଟ୍ ଓ ନାଳ ପୁନରୁଦ୍ଧାର କାର୍ଯ୍ୟ ତଥା ନିର୍ମାଣ କରାଯାଉ । ଉପକୂଳବର୍ତ୍ତୀ ଅଂଚଳରେ ବସବାସ କରୁଥିବା ମତ୍ସ୍ୟଜୀବିମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ବାତ୍ୟା ସଂପର୍କରେ ସଚେତନତା ସୃଷ୍ଟି ସହ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସଂପଦ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସମସ୍ତ ପ୍ରକାରର ସହଯୋଗ ଏବଂ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ବିଜେପି ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ ୨୦୦୮ ମସିହାରେ ବିଧାନସଭାରେ ଗୃହ ବିଭାଗ କମିଟି ଦେଇଥିବା ରିପୋର୍ଟ ଆଧାରରେ ରାଜ୍ୟ ସରକାର ବାତ୍ୟା ୟାସ୍ ମୁକାବିଲା କୌଣସି ପ୍ରାକ ପ୍ରସ୍ତୁତି କରିନଥିଲେ । ବାତ୍ୟା ପୂର୍ବରୁ ପ୍ରଭାବିତ ଅଂଚଳବାସୀଙ୍କୁ ନିରାପଦ ସ୍ଥାନକୁ ସଠିକ୍ ଭାବେ ସ୍ଥାନାନ୍ତରିତ କରାଯାଇନଥିଲା । ୫୦ ଜଣଙ୍କୁ ସ୍ଥାନାନ୍ତରିତ କରାଯାଇ ୩୦୦ ବୋଲି ଉଲ୍ଲେଖ କରାଯାଇଅଛି ।

# ପ୍ରଭାତନଳିନୀଙ୍କ ପ୍ରଥମ କବିତା ସଂକଳନ 'ଭାବନାରୁ ଆଂଜୁଳାଏ' ଲୋକାର୍ପିତ



ଭୁବନେଶ୍ୱର,୦୮/୦୬ (ନି.ପ୍ର): କବି ପ୍ରଭାତ ନଳିନୀ ଛୋଟରାୟଙ୍କ ପ୍ରଥମ କବିତା ସଂକଳନ 'ଭାବନାରୁ ଆଂଜୁଳାଏ' ଆଜି ଭର୍ଚୁଆଲ ମାଧ୍ୟମରେ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ କବି ସର୍ବଶ୍ରୀ ପ୍ରଦୀପ ବିଶ୍ୱାଳ, ଡଃ ରଜନୀରଂଜନ ଓ ଅଖିଳ ମିଶ୍ର ଯୋଗ ଦେଇଥିଲେ । ଭୁବନେଶ୍ୱରର ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପ୍ରକାଶିତ ଏହି ସଂକଳନରେ ଅନେକ କବିତାରେ ପ୍ରେମ, ବିରହ ଓ ଜୀବନ ଯନ୍ତ୍ରଣାର ପରିସ୍ଫୁଟନ ହୋଇଛି । ନବାଗତା ହେଲେହେଁ ତାଙ୍କ ରଚିତ କବିତାଗୁଡିକ ବୌଦ୍ଧିକ ଦୃଷ୍ଟିକୋଣରୁ ବେଶ୍ ପରିପକ୍ୱ ମନେ ହୁଅନ୍ତି । ଏଥିପାଇଁ ଅତିଥିଗଣ କବିଙ୍କୁ ତାଙ୍କର ଏହି ପ୍ରଥମ କବିତା ସଂକଳନ ପ୍ରକାଶନ ଅବସରରେ ବଧାଇ ଜଣାଇବା ସହ ତାଙ୍କର କାବ୍ୟଯାତ୍ରାର ସଫଳତା କାମନା କରିଥିଲେ । କବି ଶ୍ରୀମତୀ ଛୋଟରାୟ ଅତିଥିମାନଙ୍କ ସହ ପ୍ରକାଶକ ଶ୍ରୀ ବନୋଜ ତ୍ରିପାଠୀ ତଥା ତାଙ୍କ ପରିବାର ଓ ବଂଧୁମାନଙ୍କୁ ସେମାନଙ୍କ ପ୍ରେରଣା ଓ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଉଠାଦୋକାନୀ ମହାସଂଘ

ଭୁବନେଶ୍ୱର,୦୮/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ରିଲିଫ୍ ପାଣ୍ଠିରୁ କରୋନାର ଦ୍ୱିତୀୟ ଲହରରେ କ୍ଷତିଗ୍ରସ୍ତ ହୋଇଥିବା ସହରାଂଚଳ ଉଠାଦୋକାନୀ ମାନଙ୍କ ପାଇଁ ୨୬ କୋଟି ୨୯ ଲକ୍ଷ ୭୧ ହଜାର ଟଙ୍କା ମଞ୍ଜୁର କରିଥିବାରୁ ଓଡ଼ିଶା ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ, ମହାସଂଘ ତରଫରୁ ଗତ କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କରୋନାର ଦ୍ୱିତୀୟ ଲହରରେ ଉଠାଦୋକାନୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବାରୁ ସେମାନଙ୍କୁ ମାସିକ ୫ ହଜାର ଟଙ୍କା ଏବଂ ୨୦ ହଜାର ଟଙ୍କା ଲୋନ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଥିଲା। ବିଳମ୍ବରେ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ତାଙ୍କ ରିଲିଫ ପାଣ୍ଠିରୁ ଉଠାଦୋକାନୀମାନଙ୍କୁ କରୋନା ସହାୟତା ରାଶି ଘୋଷଣା କରିଛନ୍ତି। ବାକି ରହିଯାଇଥିବା ଉଠାଦୋକାନୀମାନଙ୍କୁ ସର୍ଭେ କରାଯାଇ ସେମାନଙ୍କୁ ତୁରନ୍ତ କୋଭିଡ଼ ସହାୟତା ରାଶି ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି।

# ୧୮ରୁ ୪୪ ବର୍ଷ ଯୁବବର୍ଗଙ୍କ କରୋନା ଟିକାକରଣ ଆରମ୍ଭ

## ୮ କେନ୍ଦ୍ରରେ ୨୮ଶହ ନେଲେ ପ୍ରଥମ ପାନ



ବାଲେଶ୍ୱର,୦୮/୦୬ (ନି.ପ୍ର): ବିଭିନ୍ନ ମହଲର ଦୀର୍ଘଦିନର ଦାବି ପରେ ବାଲେଶ୍ୱର ଜିଲାରେ ମଙ୍ଗଳବାର୧୮ରୁ ୪୪ ବର୍ଷ ବୟସର ଯୁବବର୍ଗଙ୍କୁ କୋଭିଡ ଟିକା ପ୍ରଦାନ ଶୁଭାରମ୍ଭ ହୋଇଛି। ପ୍ରଥମଥର ପାଇଁ ବାଲେଶ୍ୱର ସହରର ଗାନ୍ଧୀସ୍ମୃତି ଭବନ, ଟାଉନ ହାଇସ୍କୁଲ, ସହଦେବଖୁଣ୍ଟାର ମ୍ୟୁନିସିପାଲ ହାଇସ୍କୁଲ, ଶୋଭାରାମପୁରର ବାଲେଶ୍ୱର କଲେଜ ଓ ଶୋଭାରାମପୁର ନୋଡାଲ ସ୍କୁଲ, ସୁନହଟର ଶକୁନ୍ତଳା ହାଇସ୍କୁଲ, ସରକାରୀ ଆଇଟିଆଇ ଏବଂ ବାଲେଶ୍ୱର ଜିଲା ସ୍କୁଲ ପ୍ରଭୃତି ୮ ଗୋଟି କେନ୍ଦ୍ରରେ ଆଜି ସକାଳଠାରୁ ଆରମ୍ଭ ହୋଇଥିଲା ଟିକାଦାନ। ପୂର୍ବରୁ ଅନଲାଇନରେ ପଞ୍ଜୀକରଣ କରି ସ୍ଲଟ ଚିରକୁଟ ପାଇଥିବା ୧୮ରୁ ୪୪ ବର୍ଷର ଯୁବକ ଓ ମହିଳାମାନେ ଟିକା ନେଇଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଟିକାକରଣ ବେଳେ ପୂର୍ବରୁ ଉପୁଜିଥିବା ଜନଗହଳି ଯୁବବର୍ଗ ଟିକାକରଣରେ ଦେଖିବାକୁ ମିଳିନଥିଲା। କାଁଭାଁ ଗୋଟିଏ କି ଦୁଇଟି କେନ୍ଦ୍ରରେ ଲୋକେ ଲାଇନରେ ଛିଡ଼ା ହୋଇ ଟିକା ନେଉଥିବା ବେଳେ ବାକି ସମସ୍ତ କେନ୍ଦ୍ର ସମ୍ପୂର୍ଣ୍ଣ ଫାଙ୍କା ରହିଥିଲା। ଯୁବକ ଯୁବତୀମାନେ ସହଜରେ ଯାଇ ଟିକା ନେଇ ପାରୁଥିଲେ। ପ୍ରଥମ ଦିନରେ ୮ ଗୋଟି କେନ୍ଦ୍ରରେ ମୋଟ ୨୮ଶହ ଯୁବକ ଯୁବତୀ ଟିକା ନେଇଥିବା ଜଣାପଡ଼ିଛି। ଆସନ୍ତାକାଲି, ୧୧ ଓ ୧୨ ତାରିଖରେ ଏହି ଟିକାକରଣ ଜାରି ରହିବ। ପ୍ରଥମ ପର୍ଯ୍ୟାୟର ୪ ଦିନ ମଧ୍ୟରେ ମୋଟ ୧୨ ହଜାର ଯୁବବର୍ଗଙ୍କୁ ଟିକା ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦ୍ଦେବ ସୂଚନା ଦେଇଛନ୍ତି। ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ବେଳେ ୫ ଗୋଟି ପର୍ଯ୍ୟାୟରେ ତଥା ଦେଢ଼ମାସ ମଧ୍ୟରେ ବାଲେଶ୍ୱର ସହରର ୬୦ ହଜାର ଯୁବବର୍ଗଙ୍କ ଟିକାକରଣ ସମ୍ପନ୍ନ ହୋଇଯିବ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ସମୟରେ ଜିଲାର ଅନ୍ୟାନ୍ୟ ସହରାଞ୍ଚଳ ଓ ବ୍ଲକ ସ୍ତରରେ ବି ଏହି ଯୁବବର୍ଗ ଟିକାକରଣ ଆରମ୍ଭ ହେବ ବୋଲି ସିଡିଏମଓ ଡାକ୍ତର ଜଗଦ୍ଦେବ କହିଛନ୍ତି।

# ସ୍ୱାମୀଙ୍କ ଅନୁପସ୍ଥିତିରେ ଘରୁ କଳାକନା ବୁଲାଇଦେଲା ସ୍ତ୍ରୀ

## ନିଜ ବାପାଙ୍କୁ ସ୍ୱାମୀ ଦର୍ଶାଇ ବନ୍ଧନ ବ୍ୟାଙ୍କରୁ ୨୧ହଜାର ଲୁଟ

ନୀଳଗିରି,୦୮/୦୬ (ନି.ପ୍ର): ପର ପୁରୁଷ ସହିତ ଅନୈତିକ ସଂପର୍କ ରଖି ସ୍ୱାମୀଙ୍କ ଅନୁପସ୍ଥିତିରେ ସ୍ତ୍ରୀ ଘରୁ ସମସ୍ତ ସୁନା ଗହଣା, ନଗଦ ଟଙ୍କା ନେଇ ଘରେ କଳାକନା ବୁଲାଇ ନିଜ ବାପ ଘରକୁ ପଳାଇ ଯାଇଥିବା ବେଳେ ବିଭିନ୍ନ ମହିଳା ଗ୍ରୁପ ଓ ବନ୍ଧନ ବ୍ୟାଙ୍କରୁ ନକଲି କାଗଜ ପତ୍ର ଦର୍ଶାଇ ୨୧ହଜାର ଟଙ୍କା ଉଠାଇଥିବା ବେଳେ ଏପରିକି ନିଜର ବାପାଙ୍କର ଫଟୋକୁ ସ୍ୱାମୀ ଦର୍ଶାଇ ବନ୍ଧନ ବ୍ୟାଙ୍କରୁ ଋଣ ଉଠାଇଥିବାର ସ୍ୱାମୀ ରବିନ୍ଦ୍ର ମଲିକ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଧିନସ୍ଥ ଶ୍ୟାମସୁନ୍ଦରପୁର ଗ୍ରାମର ସପନ ମଲ୍ଲିକ ର ପୁଅ ରବିନ୍ଦ୍ର ମଲିକ ଖନ୍ତାପଡ଼ା ଥାନା ଅଧିନସ୍ଥ କୁଳିଗାଁର ମାୟାଧର ଦାସର ଝିଅ ବର୍ଷାକୁ ଆଜକୁ ୧୦ବର୍ଷ ପୂର୍ବରୁ ବୈଦିକ ରୀତିରେ ବିବାହ କରିଥିବା ବେଳେ ୨ଟି ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି । ସ୍ୱାମୀ ରବିନ୍ଦ୍ର କଲିକତାରେ ମାର୍ବଲ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରୁଥିବା ବେଳେ ସ୍ତ୍ରୀ ନିଜର ମନ୍ଦ ଉଦ୍ଦେଶ୍ୟ ରଖି କୁଳିଗାଁ ଅଞ୍ଚଳର ବାଉଟି ମଲିକ ସହିତ ଅନୈତିକ ସଂପର୍କ ରଖି ସ୍ୱାମୀଙ୍କ ଅନୁପସ୍ଥିତିରେ ଘରେ ଥିବା ଗହଣା ଓ ନଗଦ ଟଙ୍କା ନେଇ ବାପ ଘରକୁ ପଳାଇ ଯାଇଥିଲା । ସ୍ୱାମୀ ଏ ସବୁ ଘଟଣା ଶୁଣିଲା ପରେ ଗତ ୬ ତାରିଖରେ ନିଜର ଶ୍ୱଶୁର ଘରକୁ ଯାଇଥିବା ବେଳେ ସେଠାରେ ମିଳିତ ଭାବେ ରବିନ୍ଦ୍ରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିବା ସହ ପିଟାମରା କରିଥିବା ବେଳେ ତାଙ୍କର ସ୍ତ୍ରୀ ବର୍ଷା ବନ୍ଧନ ବ୍ୟାଙ୍କରୁ ସ୍ୱାମୀଙ୍କ ଫଟୋ ବଦଳରେ ନିଜର ବାପା ଫଟୋ ଲଗାଇ ସ୍ୱାମୀ ଦର୍ଶାଇ ୨୧ହଜାର ଟଙ୍କା ଲୁଟ କରି ନେଇ ଯାଇଥିବାର ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଘଟଣାକୁ ନେଇ ନୀଳଗିରିରେ ବେଶ୍ ଚର୍ଚ୍ଚା ଚାଲିଛି ।

# ବାଲେଶ୍ୱରରେ ଗଡ଼ିଲା କରୋନା ସଚେତନତା ରଥ



ବାଲେଶ୍ୱର,୮।୬(): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ୟୁନିସେଫ ରାଜ୍ୟ ଶାଖାର ମିଳିତ ସହଯୋଗରେ ପ୍ରସ୍ତୁତ କରୋନା ସଚେତନତା ରଥ ମଙ୍ଗଳବାରଠାରୁ ବାଲେଶ୍ୱର ଜିଲାରେ ପରିକ୍ରମା ଆରମ୍ଭ କରିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଏହି ରଥକୁ ଉଦଘାଟନ କରିଥିଲେ। କରୋନା ମାର୍ଗଦର୍ଶିକା ପାଳନ ନେଇ ଜନସାଧାରଣଙ୍କୁ ସଚେତନ କରାଯିବା ଆଭିମୁଖ୍ୟରେ ପ୍ରସ୍ତୁତ ଏହି ରଥ ଜିଲାର ସମସ୍ତ ବ୍ଲକରେ ବୁଲିବା ପାଇଁ କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଥିଲେ। କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ନିୟମିତ ୪୦ସେକେଣ୍ଡ ସାବୁନରେ ହାତ ଧୋଇବା, ୨ଗଜ ବ୍ୟବଧାନ ମାନିବା, ନାକ ଓ ପାଟି ଘୋଡେଇ ମାସ୍କ ପିନ୍ଧିବା, ଲକ ଡାଉନ, ସଟ ଡାଉନକୁ ମାନିବା, ନିଜର ପାଳି ଆସିଲେ ଟିକା ନେବାକୁ ଭୁଲିବା ନାହିଁ, କରୋନାର ଲକ୍ଷଣ ଦେଖାଦେଲେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଆଦି ପାଳନୀୟ କୋଭିଡ୍-୧୯ ନିୟମାବଳୀ ସବୁକୁ ଏହି ରଥ ଜରିଆରେ ଜନସାଧାରଣଙ୍କ ପାଇଁ ବାର୍ତ୍ତା ଉଦ୍ଦେଶ୍ୟରେ ସୂଚିତ କରାଯାଇଛି ବୋଲି ସେଠାରେ ଉପସ୍ଥିତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରକାଶ କରିଥିଲେ। ମହାମାରୀ କରୋନା ସଂକ୍ରମଣ ରୋକିବା ଦିଗରେ ଜନ ସଚେତନତା ହେଉଛି ସବୁଠୁ ବଡ ଅସ୍ତ୍ର । । ଦୃଶ୍ୟ ଓ ଶ୍ରାବ୍ୟ ବ୍ୟବସ୍ଥା ଜରିଆରେ ମଧ୍ୟ ଉକ୍ତ ସଚେତନତାମୂଳକ ବାର୍ତ୍ତା ପ୍ରଦାନ ଲାଗି ଏହି ରଥରେ ବ୍ୟବସ୍ଥା ରଖାଯାଇଥିବା ସେମାନେ ଦୂଚନା ଦେଇଛନ୍ତି।

# କୋଭିଡ ସୁପରିଚାଳନା ଓ ଟିକା କରଣ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାରିପଦା,୦୮/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କୋଭିଡ୍ ସଂକ୍ରମଣକୁ ଆୟତ୍ତ କରିବା, କୋଭିଡ୍ ଟୀକାକରଣ ଏବଂ କୋଭିଡ୍ ପରିଚାଳନା ବ୍ୟବସ୍ଥାକୁ ନେଇ ଆଜି ପୋଲିସ ପବ୍ଲିକ ପ୍ରେସ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣା ଯାଇଛି । ବିଶେଷ କରି କପ୍ତିପଦା, ଉଦଳା, ଖୁଣ୍ଟା, ରାଇରଙ୍ଗପୁର ଏବଂ ଅନ୍ୟାନ୍ୟ ବ୍ଲକର ମୁଖ୍ୟ ଦୈନିକ ବଜାର ଗୁଡିକରେ କୋଭିଡ଼ ନିୟମ ପାଳନ ହେଉନାହିଁ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି । ସକାଳ ବଜାରରେ ଅତ୍ୟଧିକ ଜନଗହଳି ହେବା ଫଳରେ ସଂକ୍ରମଣ ବଢୁଛି ଏବଂ ଗାଁ ମାନଙ୍କରେ ମଧ୍ୟ ସଂକ୍ରମଣର ହାର ବଢୁଛି । ତେଣୁ ପ୍ରଶାସନ ଏଥ ପ୍ରତି ଦୃଷ୍ଟି ଦେଇ କିପରି ଭାବରେ ସାମାଜିକ ଦୂରତା ରଖି ବଜାରରେ ଲୋକମାନେ ଜିନିଷ କିଣି ପାରିବେ ସେଥି ପାଇଁ ବ୍ୟବସ୍ଥା ଗ୍ରହଣ କରିବା, ମୟୁରଭଞ୍ଜ ରେ ଆରମ୍ଭ ହେବାକୁ ଥିବା ୧୮ ରୁ ୪୪ ବୟସର ଲୋକମାନଙ୍କ ନିମନ୍ତେ ହେବାକୁ ଥିବା ଟିକାକରଣ ବ୍ୟବସ୍ଥାକୁ ସୁ-ବ୍ୟବସ୍ଥିତ ଉପାୟରେ କରାଯିବା, ଟିକାକରଣ ପ୍ରକ୍ରିୟାରେ କୌଣସି ପ୍ରକାର ପ୍ରଶାସନିକ, ରାଜନୈତିକ ଏବଂ ଅନ୍ୟାନ୍ୟ ବାହ୍ୟ ଶକ୍ତିର ଚାପ ଫଳରେ ଯେପରି କାହାକୁ ପାତରଅନ୍ତର କରା ନଯାଏ ସେଥିପାଇଁ ସମସ୍ତଙ୍କ ପାଇଁ ଗୋଟିଏ ନିୟମ କରି ଟିକାକରଣ ପ୍ରକ୍ରିୟାକୁ ସୂଚାରୁ ରୂପେ ସଂପାଦନ କରାଯିବା, ଜନସାଧାରଣଙ୍କର ଦାବି ସ୍ୱରୂପ କୋଭିଡ୍ ହସ୍ପିଟାଲ ରେ ଲାଗିଥିବା ସିସିଟିଭି ଲାଇଭ ଫୁଟେଜକୁ ମୟୁରଭଞ୍ଜ ସୂଚନା ଏବଂ ଲୋକସଂପର୍କ ବିଭାଗ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବା ହସପିଟାଲ ସମ୍ମୁଖରେ ଏଲସିଡି ଦ୍ୱାରା ପ୍ରସାରିତ କରାଯିବା ଯାହା ଦ୍ୱାରା କୋଭିଡ୍ ରୋଗୀଙ୍କର ପରିବାରବର୍ଗ ଏହାକୁ ଦେଖି ପାରିବେ । ଏହିଭଳି କିଛି ଜନସ୍ୱାର୍ଥ ମୂଳକ ଦାବୀ ନେଇ ଆଜି ପୂର୍ବାହ୍ନରେ ପୋଲିସ ପବ୍ଲିକ ପ୍ରେସର ଜିଲ୍ଲା ସଭାପତି ଅକ୍ଷୟ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିବାର ଜଣା ଯାଇଛି ।

# ଚିହ୍ନଟ ହେଲେ ୩୭୦ ଆକ୍ରାନ୍ତ, ସୁସ୍ଥ ହେଲେ ୮୮

ଭଦ୍ରକ,୦୮/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୩୭୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଉ ୮୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ୪ ଲକ୍ଷ ୧୧ହଜାର ୩୫୯ଜଣଙ୍କ ନମୁନା ପରୀକ୍ଷା ପରେ ଏ ପର୍ଯ୍ୟନ୍ତ ଜିଲ୍ଲାରୁ ମୋଟ ୧୮ହଜାର ୫୯୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୫ ହଜାର ୮୨୧ଜଣ ସୁସ୍ଥ ହୋଇ ସାରିଥିବା ବେଳେ ଆଉ ୨୭୩୮ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ନୂତନ କରି ଚିହ୍ନଟ ହୋଇଥିବା ଆକ୍ରାନ୍ତମାନେ ହେଲେ ଭଦ୍ରକ ପୌରପାଳିକାର କୁଆଁସ, ନରିପୁର, ଅପର୍ତ୍ତିବିନ୍ଧା, ପୁରୁଣାବଜାର, ବାଇପାସ୍, ଜାନୁଗଞ୍ଜ, ଡଗରାସାହି, ଜଗନ୍ନାଥପୁର, ବଙ୍କସାହି ଗ୍ରାମରୁ ମୋଟ ୧୭ଜଣ, ବନ୍ତ ବ୍ଲକର ବସନ୍ତିଆ, ବନ୍ତ, ସାହୁପଡ଼ା, ମହାନ୍ତିପଡା, ପାରାବନ୍ଧ ଗ୍ରାମରୁ ୯ଜଣ, ଚାନ୍ଦବାଲି ଏନ୍ଏସିର ଓ୍ୱାର୍ଡ ନଂ ୪, ୫ ଓ ୬ରୁ ୪ଜଣ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ବ୍ଲକର କଣ୍ଡିସାହି, ବାରାପୁର, ଭଗାପୁର, ଦାମୋଦରପୁର, ନନ୍ଦପାଟଣା, ବରଣ୍ଡୁଆ, ଗଦି, ବ୍ରାହ୍ମଣୀଗାଁ, ଚୁଡାମଣି, ଈଶ୍ୱରପୁର, କୃଷ୍ଣପୁର, କୁମାରପୁର, ଲୁଙ୍ଗା, ନାଇକାଣିଡିହି, ମାଖଲପୁର, ନୂଆଗାଁ, ପଦୁଆଁ, ରାଜଘରପୋଖରୀ, ସାନକୃଷ୍ଣପୁର, ସୁଦର୍ଶନପୁର, ସୁଗୋ, କରଞ୍ଜଆଡିଆ ଆଦି ଗ୍ରାମରୁ ମୋଟ ୮୮ଜଣ ଚିହ୍ନଟ ହୋଇଥିବା ବେଳେ ତିହିଡ଼ି ବ୍ଲକର ଅଟକ, ମାଟିଆସାହି, ପୀରହାଟ, ଭାଟପଡା, ବାରୋ, କାଞ୍ଚିଆପାଟ, ହାଟୁରୀ, ସୟା, ଶ୍ୟାମସୁନ୍ଦରପୁର, ସିନ୍ଦୋଳ, ନାଥପଡା, ଭଅଁରପାଳ, କୋହ୍ଲ ଆଦି ଗ୍ରାମରୁ ୭୩ଜଣ ଚିହ୍ନଟ ହୋଇଛନ୍ତି। ଧାମନଗର ବ୍ଲକର ଆନନ୍ଦପୁର, ଦଇପୁର, ଅସୁରାଳି, ବମକୁରା, ଇଚ୍ଛଦା, ସୋଧ, ଫତେପୁର, କରଦା, କାସିମପୁର, କରୁଣା, ନିର୍ଗୁଣ୍ଡି ଓ ଷୋଳଗାଁ ଆଦି ଗ୍ରାମରୁ ୫୮ଜଣ, ଭଦ୍ରକ ବ୍ଲକର ଅର୍ଣ୍ଣପାଳ, ଗୋରାମାଟି, ରାନ୍ଧିଆ, ସାବରଙ୍ଗ, ଆର୍.ଏନ. ବେତରା ଆଦି ଗ୍ରାମରୁ ୪୭, ଭଣ୍ଡାରିପୋଖରୀ ବ୍ଲକ ବୟାଁବନାପୁର, ମହେଶପୁର, ବିଷ୍ଣୁପୁର, ଆଖୁଆପଦା, ଆକୁଳିକଣା, ଅରକଣା ଗ୍ରାମରୁ ୭ଜଣ, କଇଥକୋଲା, ଗୁଆଁଶାଳ, କରଣପଲ୍ଲୀ, ରାଇପୁର ଗ୍ରାମରୁ ୨୬ଜଣ, ବାସୁଦେବପୁର ପୌରପାଳିକାର ଓ୍ୱାର୍ଡ ନଂ ୨୨, ୧୨, ୬, ୭, ୧୭, ୩, ୯ରୁ ୭ଜଣ, ଧାମନଗର ଏନ୍ଏସିର ୪ ନଂ ଓ୍ୱାର୍ଡରୁ ଜଣେ, ଅନ୍ୟ ଜିଲ୍ଲା କେନ୍ଦୁଝର ଜିଲ୍ଲା ହାଟଡିହି, ବାଲେଶ୍ୱର ଜିଲ୍ଲା ଖଇରା, କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଓ ଯାଜପୁର ଜିଲ୍ଲାରୁ ମୋଟ ୬ଜଣ, ଭଦ୍ରକ ଜିଲ୍ଲାର ୨୭ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି।

# ଅଲାଲପୁର ପ୍ୟାକ୍ସ : ୧୦ହଜାର କ୍ୟୁଣ୍ଟାଲ ଟାର୍ଗେଟ ପାଇଁ ଚାଷୀଙ୍କ ତାଲାପକାଇ ଆନ୍ଦୋଳନ



ଜଳେଶ୍ୱର,୭/୬ (ନିପ୍ର) : ଜଳେଶ୍ୱର ବ୍ଲକରେ ୧୯ଟି ସେବା ସମବାୟ ସମିତି ଥିବା ବେଳେ ଅଲାଲପୁର ସର୍ବବୃହତ ସମବାୟ ସମିତି। ଏଠାରେ ଚଳିତବର୍ଷ ସମସ୍ତ ଉତ୍ପାଦନ ଧାନ କିଣିବାର ବ୍ୟବସ୍ଥା ଯୋଗାଣ ବିଭାଗ କରିନଥିବାରୁ ଆଜି ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ପୂର୍ବାହ୍ନଠାରୁ ସମ୍ପାଦକଙ୍କ ସହିତ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟାଳୟ ମଧ୍ୟରେ ଅଟକ ରଖି ତାଲା ପକାଯାଇଥିବା ଜଣାଯାଇଛି । ଅଲାଲପୁର ସେବା ସମବାୟ ସମିତି(ପ୍ୟାକ୍ସ) ଅଧିନରେ ଚଳିତବର୍ଷ ଯୋଗାଣ ବିଭାଗ ୭୩୪ଜଣ ଚାଷୀଙ୍କ ନାମ ପଂଜିକରଣ କରିଛି । ଉତ୍ପାଦିତ ସବୁଧାନ କିଣିବାର ବ୍ୟବସ୍ଥା ହୋଇନଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬୯୧୭ କ୍ୟୁଣ୍ଟାଲ ଧାନ କିଣିବାକୁ ଜିଲାପ୍ରଶାସନ ଅଲାଲପୁର ପ୍ୟାକ୍ସକୁ ଅନୁମତି ଦେଇଛି । ଅଦ୍ୟାବଧି ବହୁ ଟୋକନ୍ଧାରୀ ଧାନ ଦେଇପାରି ନାହାନ୍ତି। ପୂର୍ବରୁ ଟୋକନ ତାରିଖର ୧ ମାସ ମଧ୍ୟରେ ଧାନ ଦେବାକୁ ନିୟମ ଥିବା ବେଳେ ଏବେ ୧୨ ଦିନ ସମୟ ରଖାଯାଇଛି। ମେ ମାସ ୧୦ ତାରିଖରୁ ଜଳେଶ୍ୱରରେ ମଣ୍ଡି ଖୋଲା ଯାଇଥିଲେ ମଧ୍ୟ ୧୭ ତାରିଖ ପର୍ଯ୍ୟନ୍ତ ମିଲର ମାନେ ପହଞ୍ଚିନଥିବାରୁ ଧାନ କିଣାଯାଇପାରିନଥିଲା । ଅଦ୍ୟାବଧି ଚାଷୀଙ୍କଠାରୁ ୫୪୦୦ କ୍ୟୁଣ୍ଟାଲ ଧାନ କିଣା ଯାଇଛି । ଚାଷୀଙ୍କର ସବୁଧାନ କିଣିବାକୁ ଦାବି ହେଉଥିବା ବେଳେ ଆଜି ଜିଲା ପ୍ରଶାସନ ୭ଶହ କ୍ୟୁଣ୍ଟାଲ ଧାନ ଅଧିକ କ୍ରୟ କରିବାକୁ ନିର୍ଦ୍ଦେଶ ଦେଇଛି। କିନ୍ତୁ ଚାଷୀମାନେ ୧୦ ହଜାର କ୍ୟୁଣ୍ଟାଲ ଧାନ ବିକ୍ରିକରିବାକୁ ଅଡିଧରି ବସିଛନ୍ତି ଓ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟାଳୟରେ ତାଲା ପକାଇ ବସିଛନ୍ତି । ଆଜି ସୁଦାମ ପାତ୍ର, ସଂଜୀବ କୁମାର ରାୟ, ସୁଜିତ୍ କୁମାର ଦେ, ରତ୍ନାକର ସିଂ, ଦିବାକର ସିଂ, ରବିନ୍ଦ୍ର ସାମଲ, ଅମ୍ବିକାଶେଖର ପ୍ରଧାନ, ଭାସ୍କାର ଚେନ୍ଦ୍ର ପରିଡା, ଶିବଚରଣ ବରିଡା ପ୍ରମୁଖ ନେତୃତ୍ୱରେ ଶତାଧିକ ଚାଷୀ ପୂର୍ବାହ୍ନ ଠାରୁ ସଂଧ୍ୟା ପର୍ଯ୍ୟନ୍ତ ସମବାୟ ସମିତି ଆଗରେ ଆନ୍ଦୋଳନରେ ବସିଛନ୍ତି । ଖବର ଲେଖା ପର୍ଯ୍ୟନ୍ତ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିବାରୁ ଉତ୍ତେଜନା ପ୍ରକାଶ ପାଇଛି ।

## ଉପରାଷ୍ଟ୍ରପତିଙ୍କୁ ଭେଟିଲେ ଆସାମ ବିଧାନସଭା ବାଚସ୍ପତି

ନୂଆଦିଲ୍ଲୀ,୦୮/୦୬ (ନି.ପ୍ର): ଆସାମ ବିଧାନସଭାର ବାଚସ୍ପତି ବିଶ୍ୱଜିତ୍ ଦୋମାରୀ ମଙ୍ଗଳବାର ଦିନ ଉପରାଷ୍ଟ୍ରପତି ଏମ ଭେଙ୍କିଆ ନାଇଡୁଙ୍କୁ ଭେଟିଛନ୍ତି । ଆସାମ ବିଧାନସଭାର ବାଚସ୍ପତି ବିଶ୍ୱଜିତ୍ ଦୋମାରୀ ଆଜି ଉପରାଷ୍ଟ୍ରପତିଙ୍କ ବାସଭବନରେ ଉପରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ମାସରେ ଆସାମର ୧୫ତମ ବିଧାନସଭା ନିର୍ବାଚନରେ ବିଜେପି ବିଧାୟକ ବିଶ୍ୱଜିତ୍ ଦୋମାରୀ ନିର୍ବାଚିତ ହୋଇଥିଲେ।

# ଓଲଷ୍ଟା ପକ୍ଷରୁ ନୂତନ ବିଇଓଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର,୦୮/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ବିଇଓ ବିରଞ୍ଚନ ଦାସମହାପାତ୍ର ଗତ ମେ ୩୧ ତାରିଖରେ ଅବସର ଗ୍ରହଣ ପରେ ଉକ୍ତ ପଦବୀ ଖାଲି ପଡିଥିଲା । ଏ ସମ୍ପର୍କରେ ଡିଇଓ ରଂଜନ କୁମାର ଗିରିଙ୍କ ନିର୍ଦ୍ଦେଶ କ୍ରମେ ଏଡିସନାଲ ଡିଇଓ ଭାବେ କାର୍ଯ୍ୟକରୁଥିବା ପ୍ରାଚୀତନୟା ଗିରି ଜଳେଶ୍ୱର ବିଇଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ବସ୍ତା ଓ ଜଳେଶ୍ୱର ଉଭୟ ସ୍ଥାନରେ କାର୍ଯ୍ୟଭାର ତୁଲାଇବେ ବୋଲି ଜଣାଯାଇଛି । ଆଜି କାର୍ଯ୍ୟାଳରେ ଯୋଗ ଦେବାପରେ ଡିଇଓ ରଂଜନ କୁମାର ଗିରିଙ୍କ ଉପସ୍ଥିତିରେ ଜଳେଶ୍ୱର ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ (ଓଲଷ୍ଟା) ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ସଂଘର ଉପସଭାପତି ବାଇଧର ଜେନା, ସଂପାଦକ କୁମୁଦ ରଂଜନ ଜେନା, ସହସଂପାଦକ ସୀତା ହାଁସଦା, ଭକ୍ତଲତା ପରିଡା, ସୁପ୍ରଭା ପତି, ଦୀଲ୍ଲିପ କୁମାର ସାହୁ, ଜ୍ୟୋସ୍ନାରାଣୀ ପ୍ରଧାନ, ପରମାନନ୍ଦ ସେନ୍, ଅଜିତ୍ କୁମାର ସି, ସ୍ମୃତିରଂଜନ ମହାନ୍ତି, ସୁଧିର କୁମାର କର ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo